

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୦୬ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 06 September 2025
Vol.No. 36 ■ No.236 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ମୁମ୍ବାଇ ଉଡ଼ାଇଦେବାକୁ ଧମକ

ନୂଆଦିଲ୍ଲୀ,୫/୯ : ମୁମ୍ବାଇକୁ ମିଳିଛି ଆତଙ୍କବାଦୀ ହମଲାର ଧମକ। ମୁମ୍ବାଇର ବିଶ୍ୱ ପ୍ରସିଦ୍ଧ ଗଣେଶ ପୂଜା ଭସାଣ ବେଳେ ହମଲା ହେବାର ଧମକ ଦେଇଛନ୍ତି ଆତଙ୍କବାଦୀ। ଏଥିପାଇଁ ୩୪ଟି ଗାଡ଼ିରେ ଖଞ୍ଜା ଯାଇଛି ମାନବ ବୋମା। ସେହିପରି ହମଲା ପାଇଁ ୧୪ ଜଣ ପାକିସ୍ତାନୀ ଆତଙ୍କବାଦୀ ମଧ୍ୟ ଭାରତରେ ପ୍ରବେଶ କରିଛନ୍ତି। ୪୦୦ କେଜି ଆରଡିଏକ୍ସ ଦ୍ୱାରା ହମଲା କରି ପୂରା ମୁମ୍ବାଇକୁ ଦୋହଲାଇ ଦିଆଯିବ ବୋଲି ଧମକ ଦିଆଯାଇଛି। ମୁମ୍ବାଇ ପୁଲିସ୍‌ର ଟ୍ରାଫିକ କଣ୍ଟ୍ରୋଲ ରୁମ ହ୍ୱାଟସଆପକୁ ଏପରି ଧମକ ମିଳିବା ପରେ ପୂରା ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଧମକପୂର୍ଣ୍ଣ ମେସେଜରେ ଏକାଧିକ ଆତଙ୍କବାଦୀ ହମଲାର ଯୋଜନା କରାଯାଇଥିବା କୁହାଯାଇଛି। ମସେଜରେ କୁହାଯାଇଛି ଯେ



ମୁମ୍ବାଇରେ ଆତଙ୍କବାଦୀ ହମଲା କରିବା ପାଇଁ ୩୪ଟି ଗାଡ଼ିରେ ମାନବ ବୋମା ଖଞ୍ଜା ଯାଇ ସାଛି। ବିସ୍ଫୋରଣ ଏତେ ଭୟଙ୍କର ହେବ ଯେ ପୂରା ମୁମ୍ବାଇ ଦୋହଲି ଯିବ। ପୁଲିସ ଗଣେଶ ପୂଜାର ୧୦ମ ଦିନ ଅର୍ଥାତ ଅନନ୍ତ ଚତୁର୍ଥୀ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ପୂରା ସହରରେ କଡ଼ାକଡ଼ି କରୁଥିବା ବେଳେ ଗୁରୁବାର କଣ୍ଟ୍ରୋଲ ରୁମକୁ ଏପରି ଧମକପୂର୍ଣ୍ଣ ବାର୍ତ୍ତା ଆସିଛି। ଶନିବାର ଗଣେଶ ଭସାଣୀ ମୁମ୍ବାଇରେ ଅନୁଷ୍ଠିତ ହେବ। ଏହି ସମୟରେ ବିସ୍ଫୋରଣ କରାଯିବ ବୋଲି ଧମକ ଦିଆଯାଇଛି। ମେସେଜ ମିଳିବା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଆତଙ୍କବାଦୀ ନିରୋଧ ସ୍କ୍ୱାଡ ଓ ଅନ୍ୟ ଏଜେନ୍ସିମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଧମକ ଦେଇଥିବା ସଂଗଠନ ନିଜକୁ ଲସ୍କର-ଇ-ଜେହାଦୀ ବୋଲି କହିଛି। ସଂଗଠନ ଦାବି କରିଛି ଯେ ୧୪ ଜଣ ପାକିସ୍ତାନୀ ଆତଙ୍କବାଦୀ ହମଲା ପାଇଁ ଭାରତରେ ପ୍ରବେଶ କରିଛନ୍ତି। ହମଲାରେ ମୋଟ ୪୦୦ କେଜି ଆରଡିଏକ୍ସ ବିସ୍ଫୋରକ ବ୍ୟବହାର ହେବ। ଏଥିପାଇଁ ସବୁ ପ୍ରକାରର ପ୍ରସ୍ତୁତି ଶେଷ ହୋଇଥିବା ସଂଗଠନ ପକ୍ଷରୁ ଧମକ ଦିଆଯାଇଛି। ଗଣେଶ ଭସାଣୀରେ ହଜାର ହଜାର ଲୋକ ସାମିଲ ହେବେ। ଶନିବାର ମୁମ୍ବାଇ ରାସ୍ତା ଲୋକାରଣ୍ୟ ହେବାକୁ ଥିବାରୁ ପୁଲିସ୍ ? ଏହାର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଏପରି ସ୍ଥିତିରେ ଆତଙ୍କବାଦୀ ହମଲାର ଧମକ ମିଳିଛି। ଧମକ ମିଳିବା ପରେ ପୂରା ସହରରେ ଆଲର୍ଟ ଜାରି କରାଯାଇଛି। ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଛି। ଅଧିକାରୀମାନେ ମେସେଜ ଆସିଥିବା ସୂତ୍ରର ଯାଞ୍ଚ କରୁଛନ୍ତି।

## ମହାରାଷ୍ଟ୍ରରେ ମନ୍ତ୍ରୀ ବନାମ ସରକାରୀ ଅଧିକାରୀ: ସରଗରମ ରାଜନୀତି

ନୂଆଦିଲ୍ଲୀ,୫/୯ : ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଧମକପୂର୍ଣ୍ଣ ଅଡିଓକୁ ନେଇ ସରଗରମ ରାଜନୀତି । ଜଣେ ଆଇପିଏସ୍ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ଆଳରେ ଅଜିତ ନାଲି ଆଖି ଦେଖାଇଥିବା ଅଭିଯୋଗ ହୋଇଛି । ଗୋଟେପଟେ ମନ୍ତ୍ରୀଙ୍କ ପାୱାର, ଅନ୍ୟପଟେ ଅଧିକାରୀଙ୍କ ସ୍ୱର । କ୍ଷମତାର ବଳ, ବର୍ଦ୍ଦିର ଆତ୍ମସମ୍ମାନ ମଧ୍ୟରେ ହୋଇଥିବା ଏହି ଯୁକ୍ତି ବର୍ତ୍ତମାନ କେବଳ ମହାରାଷ୍ଟ୍ର ରାଜନୀତିକୁ ଉଷ୍ମ କରିନି ବରଂ ପୂରା ଦେଶରେ ଚର୍ଚ୍ଚିତ ବିଷୟ ପାଲଟିଛି । ମହାରାଷ୍ଟ୍ରର ସୋଲାପୁରର ଜିଲ୍ଲାର କୁରୁଡୁ ଗାଁର ମହିଳା ଆଇପିଏସ୍ ଅଧିକାରୀ ଅଞ୍ଜନା କ୍ରିଷ୍ଣା । ନିର୍ଦ୍ଦେଶ ଦେବା ଆଳରେ ଧମକ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର । ପୂରା ଘଟଣା ବେଆଇନ ବାଲି ଖନନକୁ ନେଇ । ସଡ଼କ ନିର୍ମାଣ



ନାଁରେ ବେଆଇନ ମାଟି ଖୋଳା ହେଉଥିବା ଅଭିଯୋଗର ତଦାରଖ କରିବାକୁ ଗାଁରେ ପହଞ୍ଚିଲେ ଅଧିକାରୀ । ନିର୍ମାଣ କାମ ରୋକିବାରୁ ଆଇପିଏସ୍ ଅଧିକାରୀ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ । ଏହି ସମୟରେ ଜଣେ ଏନ୍‌ସିପି କର୍ମୀ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ଫୋନ ଲଗାଇବା ପରେ ମହିଳା ଅଧିକାରୀ ଅଜିତ ପାୱାରଙ୍କ ସ୍ୱର ଜାଣିପାରୁନଥିବା ଶାଳୀନତାର ସହ କହୁଥିବାବେଳେ ସେପଟୁ ଅଜିତ ନିର୍ଦ୍ଦେଶ ଦେବା ଆଳରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଧମକ ଦେଉଛନ୍ତି । ଅଞ୍ଜନା କ୍ରିଷ୍ଣା କର୍ମୀଙ୍କୁ ଫୋନ ବଦଳରେ ତାଙ୍କୁ ଫୋନ କରି କଥା ହୁଅନ୍ତୁ ବୋଲି ଅଜିତଙ୍କୁ କହିଥିଲେ, ଯାହାକୁ ଶୁଣି ଉତକ୍ଷିପ୍ତ ହେବା ସହ ମହିଳା ଅଧିକାରୀଙ୍କୁ ଧମକ ଦେବାକୁ ମଧ୍ୟ ପଛାଇନଥିଲେ ଉପମୁଖ୍ୟମନ୍ତ୍ରୀ । ତେବେ ପୂରା ଘଟଣା ଭାଇରାଲ ହେବା ପରେ ଏନ୍‌ସିପି ଯୁକ୍ତି ରଖିଛି। ଭିଡିଓକୁ ଅତିରଞ୍ଜିତ କରି ପରିବେଷଣ କରାଯାଇଛି କହି ଦଳ ସଫେଇ ଦେଇଛି । ଏବେ ପ୍ରଶ୍ନ ଉଠୁଛି ସରକାରୀ କାମରେ ନେତା, ମନ୍ତ୍ରୀ ବାଧା ▶▶ପୃଷ୍ଠା ୭

## ଓଡ଼ିଶାରେ ଗଡ଼ିବ ୬ ଶହ ଇ-ବସ୍

ଭୁବନେଶ୍ୱର, ୫/୯ (ନି.ପ୍ର): ଗୁରୁ ଦିବସରେ ମୋହନ ମାଝୀ ସରକାରର ବଡ଼ ଘୋଷଣା । ଏଣିକି ଇ-ବସରେ ବସି ଯା ଆସ କରିବେ ପିଲା, ଭେଣ୍ଡା, ବୁଢ଼ା । କେବଳ କ୍ୟାପିଟାଲରେ ନୁହେଁ ଏଣିକି ଓଡ଼ିଶାର ରାଜ ରାସ୍ତାରେ ଗଡ଼ିବ ଇ-ବସ୍ । ଲୋକଙ୍କୁ ଆରାମଦାୟକ ଯାତ୍ରା ସାଙ୍ଗକୁ ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ମୋହନ ମାଝୀ ସରକାର ରାଜ୍ୟ ଆଗାମୀ ଦିନରେ ୨ ଶହ ଅଧିକ ଇ-ବସ୍ ଚଲାଇବେ ବୋଲି ଘୋଷଣା କରିଛନ୍ତି । ଏନେଇ ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ରାଜ୍ୟରେ ଏକ ହଜାର ର- ବସର ଆବଶ୍ୟକତା ରହିଛି । ତେଣୁ ଆଗାମୀ ଦିନରେ ରାଜ୍ୟ ସରକାର ୨୦୦ ଇ-ବସ ଆଣିବେ । ଏଥିସହ ପ୍ରଧାନମନ୍ତ୍ରୀ ମଧ୍ୟ ଓଡିଶାକୁ ୪ଶହ ଇ-ବସ୍ ପ୍ରଦାନ କରିବେ। ମୋଟ ୬ଶହ ଇ- ବସ୍ ଜନସାଧାରଣଙ୍କ ସେବାରେ ଲାଗିବ। ବର୍ତ୍ତମାନ ସ୍ଥିତିରେ ୨୫ଟି ଇ-ବସ୍ ଅଣାଯାଉଛି । ଯାହା ସମ୍ବଲପୁରରେ ଗଡିବ । ପରବର୍ତ୍ତୀ ସମୟରେ ଅନ୍ୟ ଜିଲ୍ଲାକୁ ମଧ ଇ- ବସ୍ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ସୂଚନା ଦେଇଛନ୍ତି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ।

## ଫୁଲୁଛି ହୀରାକୁଦ: ବଢୁଛି ଜଳସ୍ତର



ଭୁବନେଶ୍ୱର, ୫/୯ (ନି.ପ୍ର): ଫୁଲୁଛି ହୀରାକୁଦ, ବଢୁଛି ଜଳସ୍ତର। ବନ୍ୟା ଜଳ ନିଷ୍କାସନ ପାଇଁ ହୀରାକୁଦରୁ ପୁଣି ଗୋଟିଏ ପରେ ଗୋଟିଏ ଗେଟ୍ ଖୋଲୁଛି । ଆଜି ମୋଟ୍ ୮ଟି ଗେଟ୍ ଖୋଲିଲାଣି। ଆଜି ସକାଳେ ପ୍ରଥମେ ୪ଟି ଓ ପରେ ଆଉ ୪ଟି ଖୋଲାଯାଇଛି । ଏହାକୁ ମିଶାଇ ବର୍ତ୍ତମାନ ହୀରାକୁଦ ଡ୍ୟାମରୁ ୨୪ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟା ପାଣି। ଉପରମୁଣ୍ଡରେ ବର୍ଷା ଓ ବନ୍ୟା ଜଳ ପ୍ରବେଶ ପରେ ଫୁଲୁଛି ହୀରାକୁଦ ଡ୍ୟାମ୍। କ୍ରମାଗତ ଜଳସ୍ତର ବଢୁଥିବାରୁ ଅଧିକରୁ ଅଧିକ ଗେଟ୍ ଖୋଲିଛି । ସେପଟେ ଜଳକାକୁ ଛାଡିଦେଲେ ଅନ୍ୟ କୌଣସି ନଦୀରେ ବନ୍ୟା ସ୍ଥିତି ନାହିଁ। ଜଳକା ବନ୍ୟା ପାଣିରେ ବାଲେଶ୍ୱର ଜିଲ୍ଲା ବସ୍ତାର କିଛି ଅଞ୍ଚଳ ପ୍ରଭାବିତ ହୋଇପାରେ। ଏହି ସୂଚନା ଦେଇଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ। ବୈତରଣୀରେ ବିପଦ ସଙ୍କେତ ତଳକୁ ଖସିଛି ଜଳସ୍ତର। ଭଦ୍ରକ ଜିଲ୍ଲା ଆଖୁଆପଦାରେ ବର୍ତ୍ତମାନ ୧୮.୨୪ ମିଟର ବନ୍ୟା ପାଣି ପ୍ରବାହିତ ହେଉଛି। ଆସନ୍ତାକାଲି ବୈତରଣୀ ଜଳସ୍ତର ସତର୍କ ସଙ୍କେତ ତଳକୁ ଖସିବ। ଆସନ୍ତା ୭ ତାରିଖରେ ମୁଣ୍ଡଳିରେ ସାଢ଼େ ୪ ଲକ୍ଷରୁ ୫ ଲକ୍ଷ ବନ୍ୟା ଜଳ ପହଞ୍ଚିବ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି।

# ମୋହନଙ୍କ ନିଶାନା: ଗୁରୁଙ୍କ ଗର୍ଜନ

ଭୁବନେଶ୍ୱର, ୫/୯ (ନି.ପ୍ର): ଗୁରୁ ହିସାବରେ ଗୁରୁ ଦିବସରେ ସିଏମ୍ ମୋହନଙ୍କ କଡ଼ା ଆଲେଖ୍ୟ । ଗୁରୁଜୀ ଥିବା ବେଳର ଅନୁଭୂତି ବଖାଣିଲେ, ପୂର୍ବ ବିଜେଡି ସରକାରକୁ ନିଶାନା କଲେ । ମୁଖ୍ୟମନ୍ତ୍ରୀ ଲେଖିଛନ୍ତି-କାନୁରେ ରଙ୍ଗମାରି ରୂପାନ୍ତରିକରଣର ପ୍ରଚାର, ବିଜେପି ସରକାରର ଲକ୍ଷ୍ୟ ନୁହେଁ ବରଂ ଛାତ୍ରଛାତ୍ରୀଙ୍କ ବିକାଶ ସହ ସେମାନଙ୍କର ଯତ୍ନ ହିଁ ହେବା ଦରକାର ଅସଲ କେନ୍ଦ୍ରବିନ୍ଦୁ । ଯେଉଁମାନେ ଓଡିଶାର ଭବିଷ୍ୟତ ଗଢିବାର ଏନ୍ତୁଡି ଶାଳର ବିନ୍ଧାଣୀ,




ସେମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ହିଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢାଯାଇ ପାରିବ। ନିଜ ଶିକ୍ଷକ ଜୀବନର ଅନୁଭୂତିକୁ ନେଇ ସମୃଦ୍ଧ ଓଡିଶାର ଆଧାର ଶୀର୍ଷକ ଆଲେଖ୍ୟରେ ଏମିତି କିଛି ବଖାଣିଥିବାବେଳେ ଆଜି ରାଜ୍ୟ ରାଜ୍ୟସ୍ତରୀୟ ଗୁରୁ ଦିବସରେ ଗୁରୁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରି ବିଜେପି ସରକାରର ଲକ୍ଷ୍ୟ ଉପସ୍ଥାପନ କରିଥିଲେ। ▶▶ପୃଷ୍ଠା ୭

## ଭତ୍ତା ପାଇଁ ବୟସ ଜାଲିଆତି କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୫/୯ (ନି.ପ୍ର): ଭତା ପାଇଁ ବୟସ ଜାଲିଆତି କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଭତା ପାଇଁ ବୟସ ଜାଲିଆତି କରୁଥିବା ଲୋକଙ୍କ ଉପରେ ତର୍ଜମା ଚାଲିଛି। ତନ୍ନ ତନ୍ନ ଯାଂଚ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଯିଏ ଭତା ପାଇବାକୁ ଯୋଗ୍ୟ ତାଙ୍କୁ ଚିହ୍ନଟ କରାଯାଇ ଭତା ଦିଆଯିବ। ଅଯୋଗ୍ୟ ହିତାଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ଜିଏସଟି ୨.୦: ଶସ୍ତା ହେବ ମେଡିସିନ୍, ଚିକିତ୍ସା ଉପକରଣ ଓ ଚଷମା

ନୂଆଦିଲ୍ଲୀ,୫/୯ : କ୍ୟାନସର୍ ହେଉ କି ଅନ୍ୟ କୌଣସି ଦୁରାରୋଗ୍ୟ ବ୍ୟାଧି । ରୋଗ ସହ ଲଢ଼େଇରେ ସାଥି ଦେବ ଜିଏସଟି ୨.୦ (ଟୁ ପଏଣ୍ଟ ଓ)ରୋଗୀ ଓ ସେମାନଙ୍କ ସଂପର୍କୀୟଙ୍କ ଆଖିରେ ନୂଆ ଚମକ । ଦିନକୁ ଦିନ ବଢୁଥିବା ଚିକିତ୍ସା ଖର୍ଚ୍ଚରେ ଲାଗିବ ଲଗାମ୍ । ଶସ୍ତା ହେବ ମେଡିସିନ୍, ଚିକିତ୍ସା ଉପକରଣ ଓ ଚଷମା । ମୋଦି ସରକାର ଘୋଷଣା କରିଥିବା ନେକ୍ସଟ ଜେନେରସନ୍ ଜିଏସଟି ସେପ୍ଟେମ୍ବର ୨୨ରୁ ଲାଗୁ ହେବାକୁ ଥିବା ବେଳେ, କର୍କଟ ଓ ଅନ୍ୟ ଜଟିଳ ରୋଗାକ୍ରାନ୍ତଙ୍କୁ ମିଳିଛି ସାମାନ୍ୟ ଆଶ୍ୱସ୍ତି। ରୋଗ ଚିନ୍ତା ଘାରୁଥିଲେ ବି, ଖର୍ଚ୍ଚ ଚିନ୍ତା କିଛି ମାତ୍ରାରେ କମିବାକୁ ଯାଉଛି ନବରାତ୍ରି ପରଠୁ। ୩୩ଟି ଜୀବନରକ୍ଷାକାରୀ ଔଷଧ ସମେତ ୩ଟି କର୍କଟ, ବିରଳ ରୋଗ ଓ ଗୁରୁତର ଦୀର୍ଘକାଳୀନ ରୋଗର ଔଷଧକୁ ଜିଏସଟି ଛାଡ଼ କରାଯାଇଛି । ଏସବୁ ଉପରେ ପୂର୍ବରୁ ୧୨ ଓ ୫ ପ୍ରତିଶତ ଜିଏସଟି ଲାଗୁଥିଲା। କେବଳ କର୍କଟ କି ଜଟିଳ ବ୍ୟାଧି ନୁହେଁ, ଡାଇବେଟିସ୍ ଓ ଉଚ୍ଚ ରକ୍ତଚାପ ଔଷଧ ବି ଶସ୍ତା ହେବ। ସମସ୍ତ ଔଷଧ, ଚିକିତ୍ସା ଉପକରଣ, ଡାଇଗ୍ନୋଷ୍ଟିକ୍ କିଟ୍, ରିଏଜେଣ୍ଟ, ମେଡିକାଲ୍ ଅକ୍ସିଜେନ୍, ସର୍ଜିକାଲ୍ ଇନଷ୍ଟ୍ରୁମେଣ୍ଟ, ଆନେସ୍ଥେଟିକ୍ସ, ଗଜ୍, ବ୍ୟାଣ୍ଡେଜ୍, ସର୍ଜିକାଲ୍ ଗ୍ଲୋଭ୍ସ, ଥର୍ମୋମିଟର, ଗ୍ଲୁକୋମିଟର ଆଦିର ଜିଏସଟି ୫ ପ୍ରତିଶତକୁ ଖସିଛି, ଯାହାକି ପୂର୍ବରୁ କେଉଁଥିରେ ୧୨ ପ୍ରତିଶତ, ତ କେଉଁଥିରେ ୧୮ ପ୍ରତିଶତ ଲାଗୁଥିଲା। ଦାନ୍ତ ଚିକିତ୍ସା ଓ ପଶୁ ଚିକିତ୍ସା ଉପକରଣ ସହ ଆୟୁର୍ବେଦ, ୟୁନାନି ଓ ହୋମିଓପାଥି ମେଡିସିନ୍ ଉପରେ ବି ଏଣିକି ମାତ୍ର ୫ ପ୍ରତିଶତ ଜିଏସଟି ଲାଗିବ। ▶▶ପୃଷ୍ଠା ୭

## ସରକାରୀ ଅଫିସରେ ବିଏସଏନଏଲ ନେଟୱାର୍କ ବ୍ୟବହାର ବାଧ୍ୟତାମୂଳକ

ଭୁବନେଶ୍ୱର, ୫/୯ (ନି.ପ୍ର): ସରକାରୀ ଅଫିସରେ ବିଏସଏନଏଲ ନେଟୱାର୍କ ବ୍ୟବହାର ବାଧ୍ୟତାମୂଳକ ହେବ। ଏନେଇ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ସରକାର। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ସବୁ ବିଭାଗକୁ ଆଇଟି ଓ ଇଲେକ୍ଟ୍ରୋନିକ୍ସ ବିଭାଗ ଚିଠି ଲେଖିଛି। ଏଣିକି ସମସ୍ତ ସରକାରୀ ପ୍ରତିଷ୍ଠାନରେ ବିଏସଏନଏଲ ଇଂଟରନେଟ ବ୍ୟବହାର ହେବ। ଏଥିସହ ବିଏସଏନଏଲ ବ୍ରଡ୍ ବ୍ୟାଣ୍ଡ, ଲ୍ୟାଣ୍ଡଲାଇନ ଓ ଲିଜ ଲାଇନ ବ୍ୟବହାର ହେବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ନିର୍ଦ୍ଦେଶାବଳୀ ଜାରିକଲା ସମବାୟ ବିଭାଗ।

# ଦେଶର ରାଜଧାନୀରେ ଜଳତାଣ୍ଡବ: ଉବୁଟୁବୁ ଦିଲ୍ଲୀ

ନୂଆଦିଲ୍ଲୀ,୫/୯ : ଜାତୀୟ ରାଜଧାନୀ ଦିଲ୍ଲୀରେ ପୁଣି ଜଳ ପ୍ରଳୟ। ଲଗାଣ ବର୍ଷା, ଆଉ ଜମୁନାର ଉଚ୍ଛୁଳା ପାଣି ପାଇଁ ମହାନଗରୀରେ ବନ୍ୟା ସ୍ଥିତି। ଏପଟେ ଗଲା କିଛି ଦିନର ଅବିଶ୍ରାନ୍ତ ବର୍ଷା ଆଉ ସେପଟେ ହରିଆଣାର ହଥନି କୁଣ୍ଡ ବ୍ୟାରେଜରୁ ବନ୍ୟା ଜଳ ଛଡାଯିବା ପରେ ଭୟଙ୍କର ରୂପ ଧାରଣ କରିଛି ଯମୁନା ନଦୀ। ବେଦମ ବର୍ଷା ଓ ଜମୁନାର ଉଚ୍ଛୁଳା ପାଣିରେ ବେହାଲ ଦିଲ୍ଲୀବାସୀଙ୍କ ହାଲ। ଏଥର ଦିଲ୍ଲୀ ବନ୍ୟାରେ ଅଧିକ ପ୍ରଭାବିତ ହୋଇଛି ଏନସିଆର, ମୟୂର ବିହାର, ଯମୁନା ବଜାର, ଗୀତା କଲୋନି, ମଜନୁ କା ଟିଲା, କାଶ୍ମୀର ଗେଟ୍, ଗଡ଼ି ମାଣ୍ଡୁ ଭଳି ଅଞ୍ଚଳ। ଏସବୁ ଜନବସତି ଅଞ୍ଚଳରେ କେଉଁଠି ଛାତିଏ ତ କେଉଁଠି ଅଣ୍ଟାଏ ଉଚ୍ଚର ପାଣି। ଘର ଦ୍ୱାର, ରାସ୍ତାଘାଟ ସବୁଠି ଜଳାର୍ଣ୍ଣବ ସ୍ଥିତି। ଅବସ୍ଥା ଏମିତି ଯେ, ଜଳବନ୍ଦୀ ଅବସ୍ଥାରୁ ଜନତା



ମୁକୁଳିବା ମୁସ୍କିଲ। ଏଣେ ବର୍ଷା ଓ ବନ୍ୟା ପାଇଁ ଗୁରୁତର ପ୍ରଭାବିତ ହୋଇଛନ୍ତି ବ୍ୟସ୍ତବହୁଳ ମହାନଗରରୀର ଟ୍ରାଫିକ୍ ବ୍ୟବସ୍ଥା। ଦିଲ୍ଲୀର ନିଗମ ବୋଧ ଘାଟ ଅଞ୍ଚଳ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି। ଯାତାୟତ ପାଇଁ ଆଉ କିଛି ବିକଳ୍ପ ନଥିବାରୁ ନାକେଦମ ହୋଇଛନ୍ତି ଯାତ୍ରୀ। ତେଣେ ଯମୁନାର ଜଳ ହଠାତ ମାଡ଼ି ଆସିବାରୁ ନିଗମ ବୋଧ ଘାଟ ଅଞ୍ଚଳରେ ମଠ, ମନ୍ଦିର ଓ ଦେବାଳୟ ବି ପାଣିରେ ବୁଡ଼ିଛି। ଏଠାରେ ପ୍ରାୟ ୩ ଦିନ ହେବ ଲୋକେ ଘରୁ ପଦାକୁ ବାହାରିବାକୁ ବି ସୁଯୋଗ ନାହିଁ। ସେହିଭଳି ସିଭିଲ ଲାଇନ୍ ଅଞ୍ଚଳରେ ଥିବା ସ୍ୱାମୀ ନାରାୟଣ ମନ୍ଦିରର ଅବସ୍ଥା ବି ନକହିବା ଭଲ। ତିନି-ଚାରି ଦିନର ବର୍ଷା ପରେ ମନ୍ଦିର ପରିସରରେ ଡଙ୍ଗା ଚାଲିବା ଭଳି ସ୍ଥିତି। ଏପଟେ ଦିଲ୍ଲୀର ବନ୍ୟା ସ୍ଥିତି ମୁକାବିଲା କରିବାକୁ ଜୋରସରରେ ଲାଗିଛି ପ୍ରଶାସନ। ପାଣିଜମି ରହିଥିବା ଖାଲୁଆ ଅଞ୍ଚଳରୁ ଜଳ ନିଷ୍କାସନ ପାଇଁ ଲାଗିଛି ଶହ ଶହ ସଂଖ୍ୟାରେ ମୋଟର ପମ୍ପ୍। ସେପଟେ ପ୍ରଭାବିତ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର ପାଇଁ ଏନଡିଆରଏଫ୍ ▶▶ପୃଷ୍ଠା ୭

# ଟ୍ରମ୍ପଙ୍କ ବଡ଼ ବୟାନ: ଭାରତ, ରୁଷକୁ ଚୀନ ନିକଟରେ ହରାଇଛୁ

ନୂଆଦିଲ୍ଲୀ,୫/୯ : ଭାରତ ଓ ଆମେରିକା ସମ୍ପର୍କ ବିଗିଡ଼ି ଯାଇଥିବାର ବଡ଼ ସଙ୍କେତ ଦେଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ବିଶେଷ କରି ନିକଟରେ ଚାଇନାରେ ଆୟୋଜିତ ଏସ୍‌ସିଓ ଶିଖର ସମ୍ମିଳନୀରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବା ପରେ ଆମେରିକା ବିଚଳିତ ହୋଇ ପଡ଼ିଛି। ଏସ୍‌ସିଓ ସମ୍ମିଳନୀ ବେଳେ ପ୍ରଧାନମନ୍ତ୍ରୀ ମୋଦି ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ କଥା ହୋଇଥିଲେ। ଜିନପିଙ୍ଗ, ମୋଦି ଓ ପୁଟିନ ହସଖୁସିରେ କଥା ହେଉଥିବା ଫଟୋ ମଧ୍ୟ ବେଶ ଭାଇରାଲ ହୋଇଥିଲା। ଏହାକୁ ଦେଖି ଟ୍ରମ୍ପ ନିରାଶ ଓ କ୍ଷୁବ୍ଧ ହୋଇଛନ୍ତି। ପୂର୍ବରୁ ଭାରତକୁ ବନ୍ଧୁ ରାଷ୍ଟ୍ର କହୁଥିବା ଟ୍ରମ୍ପ ଏବେ ଚାଇନା



ପାଖରେ ନୂଆଦିଲ୍ଲୀକୁ ଆମେରିକା ହରାଇ ଦେଇଥିବା ସେ କହିଛନ୍ତି। ଏଥିସହ ସେ ମୋଦି, ପୁଟିନ ଓ ଜିନପିଙ୍ଗଙ୍କ ଗୋଟିଏ ଫଟୋକୁ ମଧ୍ୟ ଶେୟାର କରିଛନ୍ତି। ସେ ଏହି ଫଟୋକୁ ଶେୟାର କରି ସୋଶାଲ ମିଡିଆରେ ଲେଖିଛନ୍ତି ଯେ "ଯାହା ଜଣାପଡୁଛି ଆମେ ଭାରତ ଓ ରୁଷକୁ ସବୁଠାରୁ ଗଭୀର, ସବୁଠାରୁ ଅନ୍ଧକାରମୟ ଚାଇନା ପାଖରେ ହରାଇ ଦେଇଛୁ। ସମ୍ଭବତଃ ଏକାଠି ସେମାନଙ୍କୁ ଗୋଟିଏ ଲମ୍ବା ଓ ସମୃଦ୍ଧ ଭବିଷ୍ୟତ ମିଳୁ!" ଭାରତୀୟ ଦ୍ରବ୍ୟ ଉପରେ ଟ୍ରମ୍ପ ୫୦% ଟାରିଫ ଲଗାଇବା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିଗିଡ଼ି ଯାଇଛି। ଟ୍ରମ୍ପଙ୍କ ଟାରିଫ ନୀତି ଯୋଗୁ ଚାଇନାରେ ମୋଦି-ପୁଟିନ ଓ ଜିନପିଙ୍ଗ ଏକାଠି ହୋଇଥିଲେ। ପୂର୍ବରୁ ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟକ ଯୁଦ୍ଧ ଜାରି ରହିଥିଲା। ଏପରି ସ୍ଥିତିରେ ଚାଇନା ସହ ଭାରତ ଓ ରୁଷ ମିଶିବାରୁ ଏହାକୁ ▶▶ପୃଷ୍ଠା ୭

## ଡ଼କ୍ଟର ଶ୍ୟାମ ସୁନ୍ଦର ଦାସଙ୍କୁ ଶିକ୍ଷାଶ୍ରୀ ସମ୍ମାନ

ବଡ଼ସାହି , ୫/୯ (ନି.ପ୍ର): ନିଖିଳ ଉତ୍କଳ ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ମୋହ ଇଦ୍ୟାଳୟ ଶିକ୍ଷକ ସଂଘ, ଭୁବନେଶ୍ୱର ଦ୍ୱାରା ଡ଼କ୍ଟର ଶ୍ୟାମସୁନ୍ଦର ଦାସ ସମ୍ବର୍ଦ୍ଧିତ । ଭୁବନେଶ୍ୱର ଚେତନା ଭବନ ଠାରେ ନିଖିଳ ଉତ୍କଳ ଅବସର ପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ ମିହାବିଦ୍ୟାଳୟ ସଂଗଠନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ବାର୍ଷିକ ଉତ୍ସବ ପାଳନ ଅବସରରେ ପୂର୍ବତନ ବେତନଟୀ ମହାବିଦ୍ୟାଳୟ, ସୀମାନ୍ତ ମହାବିଦ୍ୟାଳୟ ଓ ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧକ୍ଷ, ଶ୍ରୀମା ମହିଳା ମିହାବିଦ୍ୟାଳୟର ପ୍ରତିଷ୍ଠା ସାଧାରଣ ସମ୍ପାଦକଙ୍କୁ ଜଣେ ଶିକ୍ଷାବିତ, ମହାବିଦ୍ୟାଳୟ ପ୍ରତିଷ୍ଠା, ସଂଗଠକ. ପରିବେଷବିତ ଐହାସିକ, ସାହିତ୍ୟିକ ଭାବରେ ଅବଦାନ ପାଇଁ ସଂଘ ଭାରତର ବିଶିଷ୍ଟ ବୈଜ୍ଞାନିକ ପୂର୍ବତନ ତାମିଲନାଡୁ କୁଳପତି ନୀତିଦିନ ଖବର କାଗଜ ସମ୍ପାଦକ ଡ଼ ମନୋଜକୁମାର ଝାଡାଖଣ୍ଡ ପ୍ରଫେସର ହରିଅମ ପାଣ୍ଡେ ଓ ଚେତନାର ପ୍ରତିଷ୍ଠା ନାରାୟଣ ଚନ୍ଦ୍ର ଙ୍କ ହସ୍ତରେ ଡ଼. ଦାସଙ୍କୁ ଶିକ୍ଷାଶ୍ରୀ ସମ୍ମାନରେସମ୍ମାନିତ କରିଥିଲେ । ଉକ୍ତ ସମ୍ମାନ ପ୍ରଦାନ ସମାରୋହରେ ସଂଘର ସଭାପତି ପ୍ରଫେସର ବାଲ୍ମୀକି ପଟ୍ଟନାୟକଙ୍କ ସମେତ ସମ୍ପାଦକ ପ୍ରଫେସର ଗୋପାଳ ଚନ୍ଦ୍ର ନନ୍ଦ, ଆନ୍ତର୍ଜାତିକ ଶିକ୍ଷକ ସଂଘର ସଭାପତି ଡ଼କ୍ଟର ଅମୀୟ କୁମାର ମହାନ୍ତି, ଚେତନାର ଅଧକ୍ଷ ଲଲାଟେନ୍ଦୁ କର ଓ ପ୍ରଦୀପ୍ତ କିଶୋର ପଣ୍ଡା ଉପସ୍ଥିତ ଥିଲେ।

## ମାଣ୍ଡ୍ରୀ ନୂତନ ବ୍ଲକ ଗଠନ ପାଇଁ ୧୦ପଞ୍ଚାୟତ ଏକତ୍ରିତ



ବୈଶିଙ୍ଗା, ୫/୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସର୍ବ ବୃହତ୍ତ ବ୍ଲକ ବଡସାହି ବିଭାଜନ କରି ମାଣ୍ଡ୍ରୀରେ ଏକ ନୂତନ ବ୍ଲକ ଗଠନ ପାଇଁ ୧୦ଟି ପଞ୍ଚାୟତ ଏକାଠି ହୋଇଛନ୍ତି । ସରପଞ୍ଚ, ସମିତିସଭ୍ୟ, ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ସହିତ ଦଳଗତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳର ତୁଙ୍ଗ ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ଜନସାଧାରଣ ଏକ କାର୍ଯ୍ୟକାରୀ କମିଟି ଗଠନ ପୂର୍ବକ ଅଣ୍ଟା ଭିଡିଛନ୍ତି । ଏନେଇ ଗୁରୁବାର ଅପରାହ୍ଣରେ ମାଣ୍ଡ୍ରୀ କଲେଜ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ନୂତନ ବ୍ଲକ କାର୍ଯ୍ୟକାରୀ କମିଟିର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ଆବାହକ ମନୋଜ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ ସହିତ କମିଟିର ଲକ୍ଷ୍ୟ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ସୂଚନା ଦେଇଥିଲେ । କମିଟିର ଅଧକ୍ଷ ତଥା ବଡ଼ସାହି ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥି ଭାବେ ଯୋଗଦେଇ ମାଣ୍ଡ୍ରୀ ବ୍ଲକ ଗଠନ ପାଇଁ ସେ ୨୦୨୨ମସିହାରୁ ବିଧାନସଭାରେ ଲଗାତର ଦାବି ଉପସ୍ଥାପନ କରିଆସୁଛନ୍ତି ଓ ରାଜ୍ୟରେ ନୂତନ ବ୍ଲକ ଗଠନ କାର୍ଯ୍ୟକାରୀ ହେଲେ ସର୍ବ ପ୍ରଥମେ ମାଣ୍ଡ୍ରୀ ଓ ବୈଶିଙ୍ଗା ଦୁଇଟି ନୂତନ ବ୍ଲକ ଗଠନ ହେବ ବୋଲୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅତିଥି ଭାବେ ବଡସାହି ବ୍ଲକ ଅଧକ୍ଷା ମୀନତି ସିଂ, ମୁଖ୍ୟବକ୍ତା ଭାବେ ମାଣ୍ଡ୍ରୀ ମନ୍ଦିର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ବଡ଼ସାହି ବ୍ଲକ ସରପଞ୍ଚ ସଂଘର ସଭାପତି ହରିଶ୍ଚନ୍ଦ୍ର ମୁର୍ମୁ ଓ ସମିତିସଭ୍ୟ ସଂଘ ସଭାପତି ରାକେଶ କୁମାର ମହାପାତ୍ର ଯୋଗଦେଇ ବନ୍ୟା ପ୍ରବଣ ଅଞ୍ଚଳରେ ନୂତନ ବ୍ଲକ ଗଠନ ହେଲେ ଶିସନର ବିକେନ୍ଦ୍ରୀ କରଣ ଦ୍ୱାରା ବିକାଶ ଶୀର୍ଷ ଛୁଇଁବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋରଞ୍ଜନ ପଟ୍ଟନାୟକ, ଶଶୀଧର ମହାପାତ୍ର, କୁନି , ସୁମିତ୍ରା ବଳବନ୍ତରାୟ, ପୂର୍ଣ୍ଣିମା ମିଶ୍ର, ଦୀପକ ପାତ୍ର, ପ୍ରକାଶ ଦଳେଇ, ସଞ୍ଜୟ ସେଠୀ, ତପନ ପତି, କାର୍ତ୍ତିକ ଚନ୍ଦ୍ର ଜେନା, ଧର୍ମବୀର ସିଂ, ସୁରେଶ ଚନ୍ଦ୍ର ପତି, ନିହାର ରଞ୍ଜନ ମହାପାତ୍ର, ସୁଦାମ ସେନାପତି ପ୍ରମୁଖ ବ୍ଲକ ଗଠନ ପାଇଁ ନିଜର ଆଭିମୁଖ୍ୟ ରଖିଥିଲେ । ବୈଠକ ପରିଚାଳନାରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ମ୍ୟାନେଜମେଂଟ ବର୍ଗରେ ଭାରତର ଶୀର୍ଷ ୩୫ ଅନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଲା ଆଇଆଇଏମ୍ ସମ୍ବଲପୁର

ସମ୍ବଲପୁର, ୫/୦୯ (ନି.ପ୍ର): ଏନଆଇଆରଏଫ ୨୦୨୫ ରାଙ୍କିଂରେ ୧୬ ପାହାଚର ଉନ୍ନତି ହାସଲ କଲା ଆଇଆଇଏମ୍ ସମ୍ବଲପୁର । ଏନଆଇଆରଏଫ ୨୦୨୫ ରାଙ୍କିଂରେ ଆଇଆଇଏମ୍ ସମ୍ବଲପୁର ଏକ ବଡ଼ ଲମ୍ଫ ପ୍ରଦାନ କରିଛି, ଯାହା ଏହାର ପ୍ରତିଷ୍ଠା ପରେ ବୃହତମ ଉପଲବ୍ଧିଗୁଡ଼ିକ ମଧ୍ୟରୁ ଅନ୍ୟତମ। ନୂତନ ମୂଲ୍ୟାଙ୍କନରେ ୩୪ତମ ସ୍ଥାନ ଅଧିକାର କରି ଆଇଆଇଏମ୍ ସମ୍ବଲପୁର ନିଜର ଉତ୍କର୍ଷତା ପ୍ରତିପାଦନ କରିଛି। ଉଚ୍ଚ ଶିକ୍ଷା କ୍ଷେତ୍ରରେ ନବୀନତା, ସମଗ୍ରତା, ସାମାଜିକ ଅନ୍ତର୍ଭୁକ୍ତୀକରଣ ଏବଂ ସମାନ ସୁଯୋଗ ପ୍ରତିଷ୍ଠା କରିବାରେ ଆଇଆଇଏମ୍ ସମ୍ବଲପୁରର ଚମତ୍କାର ନେତୃତ୍ୱକୁ ଏହି ଉପଲବ୍ଧି ଦର୍ଶାଉଛି। ଏହି ଅନୁଷ୍ଠାନର ଅସାଧାରଣ କାର୍ଯ୍ୟଦକ୍ଷତା ଏହାର ଦ୍ରୁତ ଉନ୍ନତି ଏବଂ ଶିକ୍ଷାଗତ ବିଶିଷ୍ଟତା, ନବୀନତା ଏବଂ ସାମାଜିକ ପ୍ରଭାବ ପ୍ରତି ଏହାର ଅବଦାନକୁ ଉପସ୍ଥାପିତ କରୁଛି। ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁଶୀଳନ ଓ ମୂଲ୍ୟାଙ୍କନ କରିବା ପାଇଁ ଏକ ମାନକୀକୃତ ଏବଂ ସ୍ୱଚ୍ଛ ପଦ୍ଧତି ପ୍ରଦାନ କରି ଏନଆଇଆରଏଫ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସର୍ବସାଧାରଣ ମୂଲ୍ୟାଙ୍କନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣତାକୁ ସ୍ୱୀକାର କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରଭାବ ସହିତ ମାପଦଣ୍ଡର ଏକ ସମ୍ପୂର୍ଣ୍ଣ ପ୍ରକ୍ରିୟା ବ୍ୟବହାର କରି ଏନଆଇଆରଏଫର ଅନୁଶୀଳନ କାର୍ଯ୍ୟକାରିତ କରାଯାଇଛି। ଶିକ୍ଷାଗତ ଉତ୍କର୍ଷତା ଏବଂ ନବୀନ ନେତୃତ୍ୱର ଏକ କେନ୍ଦ୍ର ଭାବରେ ଆଇଆଇଏମ୍ ସମ୍ବଲପୁର ଉଭା ହୋଇଛି ଯାହା ଏହାର ମୂଲ୍ୟାଙ୍କନକୁ ପ୍ରଭାବିତ କରୁଥିବା ଗୁରୁତ୍ୱପୂର୍ଣ୍ଣ କାରକଗୁଡ଼ିକୁ ବୃଦ୍ଧି କରିବାରେ ଉଲ୍ଲେଖନୀୟ ଅଗ୍ରଗତି ପ୍ରଦର୍ଶନ କରୁଛି। ଏହା ଶିକ୍ଷଣ, ଶିକ୍ଷା ଏବଂ ସମ୍ବଳ (ଟିଏଲଆର) ରେ ଦ୍ରୁତ ବୃଦ୍ଧି ଲାଭ କରିଛି, ଯାହା ଶିକ୍ଷକଙ୍କ ଶକ୍ତି, ଶିକ୍ଷାଦାନ ପଦ୍ଧତି ଏବଂ ଶିକ୍ଷାଗତ ଅବସ୍ଥାପନାର ଉନ୍ନତି ପ୍ରଦର୍ଶନ କରୁଛି। ଏହା ବ୍ୟତୀତ, ଗବେଷଣା ଏବଂ ବୃତିଗତ ଅଭ୍ୟାସ (ଆରପିସି)ରେ ଉନ୍ନତି ଏକ ପ୍ରଭାବଶାଳୀ ଗବେଷଣା ଏବଂ ପ୍ରକାଶନ ଉପରେ ବଢୁଥିବା ଗୁରୁତ୍ୱକୁ ସୂଚାଉଛି। ସ୍ନାତକ ଫଳାଫଳ (ଜିଓ) ଏବଂ ଧାରଣା (ପିଆର) ରେ ସକାରାତ୍ମକ ଉନ୍ନତି ମଧ୍ୟ ନିଯୁକ୍ତି, ଶିକ୍ଷାଗତ ସ୍ଥିତି ଏବଂ ସାମାଜିକ ଅବଦାନର ଉନ୍ନତି ସୂଚାଉଛି। ଏହି ଉନ୍ନତିଗୁଡିକ ଆଇଆଇଏମ୍ ସମ୍ବଲପୁରକୁ ଏକ ପ୍ରମୁଖ ଶିକ୍ଷାଗତ ଅନୁଷ୍ଠାନ ଭାବରେ ପ୍ରତିଷ୍ଠିତ କରିଛି ଯାହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିନ୍ତନ, ନବସୃଜନ ଏବଂ ନୈତିକ ନେତୃତ୍ୱକୁ ପ୍ରୋତ୍ସାହିତ କରୁଛି। ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ଯେ, "ଆଇଆଇଏମ୍ ସମ୍ବଲପୁର ଟିମକୁ ସେମାନଙ୍କର ଅନୁକରଣୀୟ ପ୍ରୟାସ ପାଇଁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ଏବଂ ମୁଁ ସଫଳତା ଗଢ଼ିବା କରିବା ଏବଂ ଅଧିକ ଉଚ୍ଚତା ଆଡକୁ ଆମର ଯାତ୍ରା ଜାରି ରଖିବାକୁ ଉତ୍ସାହିତ। ଜାତୀୟ ଅନୁଷ୍ଠାନିକ ମୂଲ୍ୟାଙ୍କନ ଫ୍ରେମୱର୍କ (ଏନଆଇଆରଏଫ) ୨୦୨୫ ମୂଲ୍ୟାଙ୍କନରେ ୧୬ଟି ସ୍ଥାନ ଉନ୍ନତି ସହ ଆଇଆଇଏମ୍ ସମ୍ବଲପୁର ନିଜର ଉତ୍କର୍ଷତାକୁ ପୁନର୍ବାର ପ୍ରତିପାଦନ କରିଛି ଏବଂ ନୂତନ ମୂଲ୍ୟାଙ୍କନରେ ୩୪ତମ ସ୍ଥାନ ହାସଲ କରିଛି। ଚଳିତ ବର୍ଷ ଆଇଆଇଏମ୍ ସମ୍ବଲପୁର ନିଜର ଗ୍ଲୋବାଲ୍ ଆକ୍ରେଡିଟେସନ୍ ଯାତ୍ରା ଆରମ୍ଭ କରିଛି, ଯାହା ଏଆଇ ସଂଯୁକ୍ତ ଶିକ୍ଷାଦାନ ପଦ୍ଧତି, ଏଏସିଏସବି ଆକ୍ରେଡିଟେସନ୍ ପ୍ରକ୍ରିୟାର ଆରମ୍ଭ ଯାହା ବିଜନେସ ଶିକ୍ଷାରେ ଏକ ଆନ୍ତର୍ଜାତୀୟ ମାପଦଣ୍ଡ ସହିତ ଆରମ୍ଭ ହୋଇଛି। ଅନୁଷ୍ଠାନ 'ଟ୍ରିପଲ୍ କ୍ରାଉନ୍' ସ୍ଥିତି ପାଇଁ ଲକ୍ଷ୍ୟ ରଖିଛି ଯାହା ବିଶ୍ୱର ୧ ପ୍ରତିଶତରୁ କମ୍ ବି-ସ୍କୁଲଗୁଡିକ ଦ୍ୱାରା ହାସଲ କରାଯାଇଥିବା ଏକ ବିରଳ ସମ୍ମାନ । ମୁଁ ଗର୍ବର ସହ କହିପାରୁଛି ଯେ ଆଇଆଇଏମ୍ ସମ୍ବଲପୁର ଶିକ୍ଷାଗତ ଉତ୍କର୍ଷତା, ବିଶ୍ୱସ୍ତରୀୟ ସହଯୋଗ, ଶିଳ୍ପ ସହଯୋଗିତା ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣ ଦୃଷ୍ଟିରୁ ବୃଦ୍ଧି ପାଇଥିବା ଦ୍ରୁତତମ ଆଇଆଇଏମ୍ ହୋଇଛି।

## ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ

ମାଲକାନଗିରି, ୪ ସେପଟ୍ମେର (ହି.ସ.)- ମାଲକାନଗିରି ଜିଲ୍ଲା ସମବାୟ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମବାୟ ଉପ ନିବନ୍ଧକ ଥିଓଫିଲ୍ ଶବର ଅଧକ୍ଷତା କରିଥିବାବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କେସିସି ବ୍ୟାଙ୍କ ଏଜିଏମ୍ ହରିଶ୍ ଚନ୍ଦ୍ର ବାନାଗାଦୀ, ଉପ ସହକାରୀ ନିବନ୍ଧକ ଚନ୍ଦ୍ର ସେଠୀଆ, କେସିସି ନିର୍ଦ୍ଦେଶକ ନୃସିଂହ ଚରଣ ମହାନ୍ତି, ଗୋପୀ ପାଙ୍ଗୀ,ଏଆରସିଏସ୍ ସଞ୍ଜୟ କୁମାର ଦାସ,ଡି. ଭେଙ୍କଟ ରାଓ, କାହ୍ନୁଚରଣ ଗୌଡ଼ ଓ ଟଙ୍କଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ମାନେ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ, ଚାଷୀ ମାନଙ୍କୁ ଧାନ ଚାଷ ସହିତ ବିକଳ୍ପ ଫସଲ ଚାଷ ନିମନ୍ତେ ପ୍ରବର୍ତ୍ତାଇ ଥିଲେ ତତ୍ ସହିତ ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ଚାଷ ଓ ସମବାୟ ସମିତି ର କାର୍ଯ୍ୟଧାରା ବିଷୟରେ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ କରାଇଥିଲେ । ଅନ୍ୟାନ୍ୟ ବିଷୟରେ ଆଲୋଚନା ସହ ସମବାୟ ସମିତି ସଭ୍ୟମାନେ ବର୍ତମାନ ଜିଲ୍ଲାରେ ୟୁରିଆ ସାରର କୃତ୍ରିମ ଅଭାବି ବିକ୍ରୀ ବିଷୟରେ ଉଦବେଗ ପ୍ରକାଶ କରିଥିଲେ ଓ ଏହାପରେ ଡିଆରସିଏସ୍ ଶ୍ରୀ ଶବର ସମସ୍ତଙ୍କୁ ଆଶ୍ୱ ।ସନା ଦେଇ କହିଥିଲେ ଯେ ବିଭାଗ ଏହାକୁ ଗୁରୁତର ସହିତ ବିଚାରକୁ ନେଇଛି ଓ ଆଗାମୀ ଦିନରେ ସାର ବିକ୍ରିର ସୁବ୍ୟବସ୍ଥିତ ଯୋଗାଣ ପାଇଁ ପ୍ରୟାସ ଚାଲିଛି ବୋଲି କହିଥିଲେ । ଆଜିର ଏହି ଅବସରରେ ଜିଲ୍ଲାର ସମସ୍ତ କେସିସି ବ୍ୟାଙ୍କ ଗୁଡିକର ଶାଖା ପରିଚାଳକ, ସମସ୍ତ ଲ୍ୟାମ୍ପ ସଭାପତି, ସମସ୍ତ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଓ ପରିଚାଳନା ପରିଷଦର ସଭ୍ୟ ମାନେ ଉପସ୍ଥିତ ରହି ସମବାୟ ସମୂହର ଉନ୍ନତି ଦିଗରେ ନିଜ ନିଜର ଅଭିମତ ରଖିଥିଲେ । ବୈଠକ ଶେଷରେ ସହକାରୀ ଉପ ନିବନ୍ଧକ ଶ୍ରୀ ସେଠୀଆ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଜୋର୍ ଧରିଲା ଐତିହାସିକ ପାତ୍ରପୁଟ ଲୁହା ପୋଲର ସୁରକ୍ଷା ଦାବି: ସୁରକ୍ଷା ମଂଚ ପକ୍ଷରୁ ବ୍ରିଜ ନିକଟରେ ବିକ୍ଷୋଭ ପ୍ରଦର୍ଶନ

ଜୟପୁର, ୫/୦୯ (ନି.ପ୍ର): ଜୋର ଧରିଲା ଐତିହାସିକ ପାତ୍ରପୁଟ ଲୁହା ପୋଲର ସୁରକ୍ଷା ଦାବୀ । ବ୍ରିଟିଶ ଅମଳର ଲୁହା ପୋଲ ଏବେ ବିପଦ ସଂକୁଳ ଅବସ୍ଥାରେ । ଏହାର ସୁରକ୍ଷା ନିମନ୍ତେ ରାଜ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛି ବୈପାରୀଗୁଡା ସୁରକ୍ଷା ମଂଚ । ରାଂଚି - ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ ପାତ୍ରପୁଟ ଲୁହା ପୋଲ ନିକଟରେ ବେନେର ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପାତ୍ରପୁଟ ନିକଟରେ କୋଲାବ ନଦୀ ଉପରେ ୧୯୩୧ ମସିହାରେ ଲୁହା ପୋଲ ନିର୍ମାଣ ହୋଇଥିଲା । ବ୍ରିଟିଶ ଅମଳର ବିନା ପିଲରରେ ନିର୍ମିତ ଲୁହା ପୋଲ ଏବେ ବିପଦ ସଂକୁଳ ଅବସ୍ଥାରେ । ଆନ୍ଧ୍ର, ତେଲେଙ୍ଗାନା, ଛତିଶଗଡ ସହ ମାଛକୁଣ୍ଡ ଏବଂ ଗୁପ୍ତେଶ୍ୱର ଭଳି ଦର୍ଶନୀୟ ସ୍ଥାନକୁ ଯିବାକୁ ହେଲେ ଏହି ଲୁହା ପୋଲ ପାର ହେବାକୁ ପଡେ । ପ୍ରତିଦିନ ହଜାର ହଜାର ସଂଖ୍ୟକ ଛୋଟ ବଡ଼ ଯାନବାହନ ଯାତାୟାତ କରିଥାଏ । ଦୀର୍ଘ ୯୪ ବର୍ଷ ବିତିଲା ତଥାପି ପ୍ରଶାସନ ପକ୍ଷରୁ ଏହାର ବିକଳ୍ପ ପୋଲ ବ୍ୟବସ୍ଥା କରପାରିଲେ ନାହିଁ । ଗତ କିଛି ଦିନ ପୂର୍ବେ ଜାତୀୟ ରାଜପଥ ପ୍ରାଧିକାରଣ ପକ୍ଷରୁ ଟେଣ୍ଡର ହୋଇଥିଲା । କିନ୍ତୁ, କୌଣସି କାରଣବସତଃ ସେ ଟେଣ୍ଡର ବାତିଲ ହୋଇଯାଇଛି । ଯାହାକୁ ନେଇ ଏବେ ଉକ୍ତ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏହାର ପ୍ରତିବାଦରେ ଆଜି ବୈପାରୀଗୁଡା ସୁରକ୍ଷା ମଂଚ ପକ୍ଷରୁ ଏଠାରେ ନୂତନ ବ୍ରିଜ ନିର୍ମାଣ ସହ ବର୍ତ୍ତମାନର ଐତିହାସିକ ଲୁହା ପୋଲର ସୁରକ୍ଷା ଦାବୀ ନେଇ ବ୍ରିଜ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

## ଭଦ୍ରାସାହି ଛକରେ କୁଢ଼ କୁଢ଼ ଆବର୍ଜନା : ଦୁର୍ଗନ୍ଧରେ ଫାଟି ପଡୁଛି ଅଂଚଳ

ଚମ୍ପୁଆ, ୫/୦୯ (ନି.ପ୍ର): ସମ୍ପ୍ରତି ବର୍ଷା ଦିନ ହୋଇଥିବା ବେଳେ ମ୍ୟାଲେରିଆ, ଡେଙ୍ଗୁ ଭଳି ସଂକ୍ରାମକ ରୋଗ ମୁଣ୍ଡ ଟେକୁଛି। ସତର୍କତାମୂଳକ ପଦକ୍ଷେପ ସଦୃଶ ସ୍ୱଚ୍ଛତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଗଳିକନ୍ଦି, ସାହିବସ୍ତି, ବଜାର, ରାସ୍ତାଘାଟ, ହୋଟେଲ, ଜଳଖିଆ ଦୋକାନ ଆଦି ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି। ହେଲେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡର ଯୋଡା ବ୍ଲକ, ଭଦ୍ରାସାହି ଛକରେ ଦେଖିବାକୁ ମିଳିଛି ଏହାର ଓଲଟା ସ୍ଥିତି। ଭଦ୍ରାସାହି ଛକ ଅଂଚଳର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଥିବାବେଳେ ଉପଯୁକ୍ତ ବର୍ଜ୍ୟ ପରିଚାଳନା ଅଭାବରୁ ରାସ୍ତା କଡରେ କୁଢ଼ କୁଢ଼ ଆବର୍ଜନା ପଡ଼ି ରହିଥିବା ଦେଖିବାକୁ ମିଳିଛି। ଦିନ ଦିନ ଧରି ପଡି ରହିଥିବା ଏହି ଆବର୍ଜନା ଉତ୍କଟ ଦୁର୍ଗନ୍ଧ ସୃଷ୍ଟି କରୁଥିବାବେଳେ ନାକରେ ହାତଦେଇ ଯିବା ଆସିବା କରୁଛନ୍ତି ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ। ଏହାକୁ ନେଇ ବୁଦ୍ଧିଜୀବି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲାର ଅନ୍ୟତମ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଖଣି, ଖାଦାନ ଭରା ଭଦ୍ରାସାହି ଛକ ଅଂଚଳ ବେଶ୍ ଜଣାଶୁଣା। ଏହି ଛକରେ ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଠାରୁ ଆରମ୍ଭ କରି ପ୍ରମୁଖ ଖଣି ବ୍ୟବସାୟୀ ମଧ୍ୟ ରହୁଛନ୍ତି। ପ୍ରତ୍ୟେକ ଦିନ ଜିଲ୍ଲା, ଜିଲ୍ଲା ବାହାର ତଥା ରାଜ୍ୟ ବାହାରର ଲୋକ ଏହି ଛକ ସହିତ ଓତପ୍ରତଃ ଭାବେ ଜଡ଼ିତ ଅଛନ୍ତି। ଏଠାରେ ପଞ୍ଚାୟତ ମୁଖ୍ୟାଳୟ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ, ବେସରକାରୀ କାର୍ଯ୍ୟାଳୟ ରହିଛି। ବହୁ ଛୋଟ ବଡ ବ୍ୟବସାୟୀ ଏହି ଛକରେ ଦୋକାନ କରି ଗୁଜୁରାଣ ମେଂଟାଉଛନ୍ତି। ଏହି ଛକ ଦେଇ ବଡବିଲ, କେନ୍ଦୁଝର, କୋଇଡା ଠାରୁ ଆରମ୍ଭ କରି କଟକ, ଭୁବନେଶ୍ୱର, ରାଉରକେଲା ଏବଂ କଲିକତା ଆଦି ସହରକୁ ଶତାଧିକ ବସ ଚଳାଚଳ କରୁଥିବା ବେଳେ ବିଭିନ୍ନ ସ୍ଥାନ କୁ ଯିବା ଆସିବା ନିମନ୍ତେ ଯାତ୍ରୀମାନେ ଏହି ଛକ ଉପରେ ନିର୍ଭର କରୁଛନ୍ତି। ଦୁଃଖ ଓ ପରିତାପର ବିଷୟ ଏହି ଛକର ସ୍ୱଚ୍ଛତା ନେଇ ସ୍ଥାନୀୟ ପ୍ରଶାସନର ତିଳେ ମାତ୍ର ତତ୍ପରତା ଦେଖିବାକୁ ମିଳୁନାହିଁ। ରାସ୍ତା କଡ଼ରେ ବିଭିନ୍ନ ପ୍ରକାର ଆବର୍ଜନା ପଡିଥିବା ବେଳେ ସଠିକ୍ ପରିଚାଳନା ଅଭାବରୁ ସପ୍ତାହ ସପ୍ତାହ ଧରି ଗଦା ହୋଇ ରହିଛି। ବର୍ଷା ପାଣିରେ ଆବର୍ଜନା ପଚି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ହୋଟେଲ ଏବଂ ଅନ୍ୟାନ୍ୟ ଦୋକାନରେ ବସିବା କଷ୍ଟକର ହୋଇ ପଡିଥିବାବେଳେ ରାସ୍ତାରେ ଚାଲି ଚାଲି ଯିବ ସମୟରେ ସ୍କୁଲ ପିଲା ଏବଂ ଜନସାଧାରଣଙ୍କୁ ନାକରେ ହାତ ଦେଇ ଯିବାକୁ ପଡୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ନିକଟରେ ଜନବସତି ରହିଥିବାରୁ ଏହି ଅବର୍ଜନାମୟ ପରିବେଶ ଯୋଗୁଁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଜନ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିବାବେଳେ ଏ ଦିଗରେ ପ୍ରଶାସନ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଲଗାଣ ବର୍ଷା ଜଳରେ ଦୁଧେଇ ନାଳ ଆପ୍ରୋଚ ରୋଡ ଭାସିଗଲା : ୫ଶହ ଲୋକ ପ୍ରଭାବିତ

ଧର୍ମଶାଳା, ୫/୦୯ (ନି.ପ୍ର): ସାରା ରାଜ୍ୟରେ ବର୍ଷାର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଅନେକ ସ୍ଥାନରେ ତୁହାକୁ ତୁହା ଲଗାଣ ବର୍ଷା ହେବା ଫଳରେ ଘରୁ ଗୋଡ କାଢିଲେ ପାଣିରେ ଯିବାକୁ ପଡୁଛି । କୁନିକୁନି ପିଲାମାନଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଲଗାଣ ବର୍ଷା ଫଳରେ ଯାଜପୁର ବ୍ଲକ ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁଜନପୁର ପଂଚାୟତ ବିଶେଷଭାବେ ପ୍ରଭାବିତ ହୋଇଛି । ଗୁରୁବାର ସକାଳୁ ସକାଳୁ ସୁଜନପୁର ପଂଚାୟତସ୍ଥ ୨ନଂ ୱାର୍ଡ ଦେଇ ଯାଇଥିବା ଦୁଧେଇ ନାଳ ଉପରେ ନିର୍ମିତ ହୋଇଥିବା ପୋଲର ଆପ୍ରୋଚ ରୋଡ ଭାସି ଯାଇଥିବା ଦେଖିବାକୁ ମିଳିଛି । ଏହି ପୋଲ ଯୋକଡିଆ ଠାରୁ ବାହାରି ବରୀ ନିର୍ବାଚନ ମଣ୍ଡଳୀ ଦେଇ ଏହି ନାଳ ଯାଇଛି । ଜନସାଧାରଣଙ୍କ ସୁବିଧା ଦୃଷ୍ଟିକୋଣରୁ ୨୦୧୪ ମସିହାରେ ଏହି ପୋଲ ନିର୍ମିତ ହୋଇଥିଲା । ଫଳରେ ୨ ନଂ ୱାର୍ଡର ସଂଖ୍ୟାଲଘୁ ସମ୍ପ୍ରଦାୟ ବସ୍ତିର ୫ଶହ ଲୋକେ ବିଭିନ୍ନ କାର୍ଯ୍ୟ ତଥା ଚାଷ କାମ ପାଇଁ ଦୂର୍ଗାପୁର, ନୁଣୁପୁର ଓ ହସନପୁର ଆଦି ଅଂଚଳକୁ ଯାତାୟତ କରିଥାନ୍ତି । ଆଜି ସକାଳୁ ପ୍ରବଳ ବର୍ଷା ହେବା ଫଳରେ ଦୁଧେଇ ନାଳର ଜଳସ୍ତର ବୃଦ୍ଧି ପାଇଥିଲା । ଅଳ୍ପ ସମୟରେ ପୋଲର ଆପ୍ରୋଚ ରୋଡ ସମ୍ପୂର୍ଣ୍ଣଭାବେ ଭାସି ଯାଇଥିଲା । ପୋଲର ଆପ୍ରୋଚ ରୋଡ ଭାସି ଯିବା ଫଳରେ ଏହି ପୋଲ ଦେଇ ଯାତାୟତ କରୁଥିବା ସାଧାରଣ ଲୋକଙ୍କ ଜୀବନ ଯାତ୍ରା ବ୍ୟାହତ ହୋଇଛି । ଏହି ୱାର୍ଡର ଲୋକେ ୩ ରୁ ୪ କି.ମି. ମୁଖ୍ୟ ରାସ୍ତା ଦେଇ ସୁଜନପୁରକୁ ଯିବାକୁ ପଡିବ । ଏହି ଖବର ପ୍ରଚାରିତ ହେବା ପରେ ଆପ୍ରୋଚ ରୋଡ ନିକଟରେ ଶହଶହ ଲୋକେ ରୁଣ୍ଡ ହୋଇଥିଲେ । ଲଗାଣ ବର୍ଷା କମିବା ସହ ନାଳରେ ଜଳସ୍ତର କମିଲେ ତୁରନ୍ତ ସ୍ଥାୟୀ ଆପ୍ରୋଚ ରୋଡ ମରାମତି କରାଯିବ ବୋଲି ବରୀ ବିଧାୟକ ବିଶ୍ୱ ରଂଜନ ମଲ୍ଲିକ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି ।

## ସଂଘର ସମନ୍ୱୟ ବୈଠକ: ଶତାବ୍ଦୀ ବର୍ଷର ପ୍ରସ୍ତୁତି ଓ ବର୍ତ୍ତମାନ ପରିସ୍ଥିତି ଉପରେ ହେବ ଚର୍ଚ୍ଚା

ଯୋଧପୁର, ୪ ଅଗଷ୍ଟ (ହି.ସ)- ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସମନ୍ୱୟ ବୈଠକ ଶୁକ୍ରବାରରୁ ରାଜସ୍ଥାନର ଯୋଧପୁରରେ ଆରମ୍ଭ ହେବ। ଏହି ବୈଠକ ୩ ଦିନ (୫, ୬ ଓ ୭ ସେପଟ୍ମେର) ଯାଏଁ ଚାଲିବ। ବୈଠକରେ ବିଜେପି, ବିଶ୍ୱ ହିନ୍ଦୁ ପରିଷଦ, ଶ୍ରମିକ ଓ କୃଷକ ସଂଘ ସହିତ ସଂଘ ସଂପୃକ୍ତ ବିଭିନ୍ନ ସଂଗଠନ ଅଂଶଗ୍ରହଣ କରିବେ। ବୈଠକରେ ସଂଘର ଶତାବ୍ଦୀ ବର୍ଷ ପାଇଁ ପ୍ରସ୍ତୁତି ଓ ଦେଶର ବର୍ତ୍ତମାନ ପରିସ୍ଥିତି ଉପରେ ଆଲୋଚନା କରାଯିବ। ଆରଏସଏସର ଅଖିଳ ଭାରତୀୟ ପ୍ରଚାର ପ୍ରମୁଖ ସୁନୀଲ ଆମ୍ବେକର ଗୁରୁବାର ଦିନ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ଏହି ସୂଚନା ଦେଇଛନ୍ତି । ତାଙ୍କ ସହିତ ସହ ପ୍ରଚାର ପ୍ରମୁଖ ପ୍ରଦୀପ ଜୋଶୀ ମଧ୍ୟ ଉପସ୍ଥିତ ଥିଲେ। ଆମ୍ବେକର କହିଛନ୍ତି ଯେ ଏହି ବୈଠକ ପ୍ରତିବର୍ଷ ହୁଏ। ପୂର୍ବବର୍ଷ ଏହି ବୈଠକ କେରଳର ପାଲାକ୍କାଡରେ ଆୟୋଜିତ ହୋଇଥିଲା। ଏଥର ଯୋଧପୁରରେ ହେଉଥିବା ବୈଠକରେ ପ୍ରାୟ ୩୨୦ ଜଣ କାର୍ଯ୍ୟକର୍ତ୍ତା ସାମିଲ ହେବେ । ଏଥିରେ ୩୨ଟି ବିଭିନ୍ନ ସଂଗଠନର ୨୪୯ ରୁ ଅଧିକ ପ୍ରତିନିଧି ଉପସ୍ଥିତ ରହିବେ। ବୈଠକର ଶୁଭାରମ୍ଭ ଶୁକ୍ରବାର ସକାଳ ୯ଟାରୁ ହେବ। ବୈଠକରେ ସରସଂଘଚାଳକ ମୋହନ ଭାଗବତ ଓ ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବାଲେ ମାର୍ଗଦର୍ଶନ କରିବେ । ସମସ୍ତ ସହ ସରକାର୍ଯ୍ୟବାହମାନେ ମଧ ବୈଠକରେ ଉପସ୍ଥିତ ରହିବେ। ପ୍ରତ୍ୟେକ ସଂଗଠନର ଜାତୀୟ ଅଧକ୍ଷ, ସଂଗଠନ ମନ୍ତ୍ରୀ ଓ ଅନ୍ୟାନ୍ୟ ପଦାଧିକାରୀମାନେ ମଧ ବୈଠକରେ ଅଂଶ ନେବେ। ଆମ୍ବେକର କହିଛନ୍ତି ଯେ ସଂଘ ସଂପୃକ୍ତ ସଂଗଠନଗୁଡିକ ସମାଜ ଜୀବନର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଅଛନ୍ତି। ସେମାନେ ଶିକ୍ଷା, ସେବା, ସାମାଜିକ ସଦଭାବ ଓ ଜନଜାଗରଣ ପରି କ୍ଷେତ୍ରରେ ସକ୍ରିୟ ଭୂମିକା ନିଭାଉଛନ୍ତି। ଆମ୍ବେକର ସ୍ପଷ୍ଟ କରିଛନ୍ତି ଯେ, ଏହି ବୈଠକ ନିଷ୍ପତ୍ତି ନେବା ପାଇଁ ନୁହେଁ, ବରଂ ସମନ୍ୱୟ ବଢ଼ାଇବା ପାଇଁ ଏକ ମଂଚ ଅଟେ। ସଂଗଠନମାନେ ଏଠାରେ ନିଜ ନିଜ କାର୍ଯ୍ୟର ବିବରଣୀ ଓ ଆକଳନ ପ୍ରସ୍ତୁତ କରନ୍ତି। ସେମାନେ ଦେଶର ପରିସ୍ଥିତି ଓ ସମାଜର ଆବଶ୍ୟକତା ଦେଖି ପରାମର୍ଶ ଦିଅନ୍ତି।

## ଗୋରୁ ବୋଝେଇ ପିକଅପ୍ ଜବତ

କେନ୍ଦୁଝର, ୫/୦୯ (ନି.ପ୍ର): ଶୁଆକାଟୀ ତେନ୍ତୁଳି ଠାରେ ଏକ ଗୋରୁ ବୋଝେଇ ପିକ୍ ଅପ୍ ଭ୍ୟାନ୍ କୁ ଜବତ କଲା ଶୁଆକାଟୀ ଫାଣ୍ଡି ପୋଲିସ । ଉଦ୍ଧାର ଆଠ ଗୋରୁ ମଧ୍ୟରୁ ଗୋଟିଏ ମୃତ ଥିବା ସୂଚନା ମିଳିଛି । ଗୋରୁ ଗାଡ଼ିକୁ ପୋଲିସ ପିଛା କରୁଥିବା ଜାଣି ଡ୍ରାଇଭର ଜଣକ ହଡବଡିରେ ଏକ ଟ୍ରକ ପାର୍କିଂ ଏରିଆକୁ ଗାଡ଼ିକୁ ନେଇଯାଇଥିଲା। ହେଲେ ସେ ଚକ୍ରବ୍ୟୁହ ରୁ ସେ ବାହାରି ପାରି ନଥିଲା । ଏକ କ୍ରେନ ଦ୍ୱାରା ସମସ୍ତ ଗୋରୁଙ୍କୁ ଉଦ୍ଧାର କରାଯାଇ ଥିବା ବେଳେ ଡ୍ରାଇଭରକୁ ଗିରଫ କରାଯାଇଥିବା ଜଣାପଡିଛି।

## ନାବାଳିକା ଅସଦାଚରଣ ମାମଲାରେ ଜଣକୁ ୩ ବର୍ଷ ଜେଲ ଓ ଜୋରିମାନା

କନ୍ଧମାଳ , ୫/୦୯ (ନି.ପ୍ର): ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟର ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଆଜି ଏକ ନାବାଳିକା ଅସଦାଚରଣ ମାମଲାର ୧୪ ଜଣ ସାକ୍ଷୀ ଓ ପିଡିତାଙ୍କ ବୟାନ ଆଧାରରେ, ବିଚାର କରି ମାମଲାର ଅଭିଯୁକ୍ତ ବାଲିଗୁଡ଼ା ଥାନା ଅନ୍ତର୍ଗତ ଡୁମୁରିସାହି ର ଜୋସେଫ ମଲିକ(୧୯)କୁ ଦୋଷୀ ସାବ୍ୟସ୍ତ କରି ତାକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ତାକୁ ଆଉ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ତାଙ୍କ ରାୟ ରେ ଉଲ୍ଲେଖ କରିଛନ୍ତି ବିଚାରପତି । ସରକାରଙ୍କ ତରଫରୁ ମାମଲାକୁ ଫାଷ୍ଟ ଟ୍ରାକ୍ ପୋକ୍ସୋ କୋର୍ଟ ର ସ୍ୱତନ୍ତ୍ର ପି.ପି. ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ ।ସୁଚନା ଅନୁସାରେ ପିଡୀତା ମାମୁଁ ଘର ବାନ୍ଦାପାଙ୍ଗା କୁ ଯାଉଥିବା ବେଳେ ଅଭିଯୁକ୍ତ ପିଡୀତା ର ଅଂଟାକୁ ଜାବୁଡ଼ି ଧରିଥିଲା । ପିଡୀତା ଡରି ଯାଇ ପାଟି କରିବାକୁ ଉଦ୍ୟମ କରିବାକୁ ଚେଷ୍ଟା କରିବାରୁ, ପାଟିକୁ ଚିପି ଧରି,ପାଟି କରନା ମୁଁ ତୋ ସହ ସାଙ୍ଗ ହେବାକୁ ଚାହେଁ ,ତୁ ପାଟି କଲେ ହେବକି ବୋଲି କହିଥିଲା । ପିଡୀତା ବାପା ଙ୍କୁ ଫୋନ୍ କରି ବାରୁ ଅଭିଯୁକ୍ତ ଛାଡ଼ି ଦେଇ ପଳାଇ ଯାଇଥିଲା। ପିଡୀତା ର ବାପା ଏ ସଂକ୍ରାନ୍ତରେ ବାଲିଗୁଡା ଥାନା ରେ ଏକ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ ପ୍ରକାରେ ବାଲିଗୁଡା ଥାନା ପୋଲିସ ଗତ ୨୦୧୯ ମସିହା ଜୁନ୍ ୧୯ ତାରିଖରେ ଏକ ମାମଲା ୮୬/୧୯ ରୁଜୁ କରି ଏସ୍ ଆଇ ରବିନ୍ଦ୍ର ମୁଣ୍ଡାରୀ ଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏସ୍ ଆଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ରେ ହାଜର କରାଇଥିଲେ। ଆଜି ବିଚାରପତି ଉକ୍ତ ମାମଲାର ବିଚାର କରି ଉପୋରୋକ୍ତ ରାୟ ଶୁଣାଇଛନ୍ତି। ପୀଡିତାଙ୍କୁ କ୍ଷତିପୂରଣ ବାବଦକୁ ଏକ ଲକ୍ଷ୍ୟ ଟଙ୍କା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଘର କାନ୍ଥ ଭୁଶୁଡି କାନ୍ଥତଳେ ଚାପିହୋଇ ରହିଗଲେ ଗୃହପାଳିତ ପଶୁ ପକ୍ଷୀ

### ୧୦ଟି କୁକୁଡା ସମେତ ୩ଟି ମେଣ୍ଢା ମୃତ୍ୟୁ, ଅଳ୍ପକେ ବର୍ତ୍ତିଲେ ଘର ଲୋକ

ବେତନଟୀ, ୫/୦୯ (ନି.ପ୍ର): ଲଘୁଚାପଜନିତ ଲଗାଣବର୍ଷାରେ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ବେତନଟୀ ବ୍ଲକ ଅଧୀନ ପୁରିନ୍ଦା ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ମାଟିକାନ୍ଥ ବିଶିଷ୍ଟ ଘର ଭୁଶୁଡି କାନ୍ଥତଳେ ଚାପିହୋଇ ରହିଗଲେ ଛେଳି, ମେଣ୍ଢା ଭଳି ଗୃହପାଳିତ ପଶୁଙ୍କ ସମେତ କୁକୁଡା। ଲଗାଣବର୍ଷାରେ ଜିଲ୍ଲାର ନଦୀ,ନାଳ ସମେତ ଜଳାଶୟ ଗୁଡିକର ଜଳସ୍ତରରେ ଆଶାତୀତ ବୃଦ୍ଧି ଘଟିଥିବା ବେଳେ ଗାଁଗହଳିରେ ମଧ୍ୟ ଏହା ସାଧାରଣ ଜନଜୀବନକୁ ପ୍ରଭାବିତ କରିଛି । ଲଗାଣବର୍ଷା ପାଇଁ ଗୃହପାଳିତ ପଶୁ ବାହାରକୁ ଚରିବାକୁ ଯାଇପାରୁନଥିବା ବେଳେ ଘରେ ବନ୍ଧାହୋଇ ରହୁଛନ୍ତି । ପୁରିନ୍ଦା ଗ୍ରାମର ଶ୍ରୀନାଥ ମହାନ୍ତଙ୍କ ପୁଅ ସତ୍ଯେଶ୍ୱର ମହାନ୍ତଙ୍କର ମାଟିକାନ୍ଥ ବିଶିଷ୍ଟ ମାଟିଟାଇଲ ଘର ଥିବାବେଳେ ଲାଗାଣବର୍ଷାରେ ମାଟିକାନ୍ଥ ମୂଳରେ ବର୍ଷାଜଳ ନିଷ୍କାସନ ହୋଇନପାରି ଜମି ରହିଥିଲା । ତିନି-ଚାରିଦିନ ଧରି ଲଘୁଚାପ ଜନିତ ଲଗାଣବର୍ଷା ଫଳରେ ମାଟିକାନ୍ଥ କ୍ରମଶଃ ଦୁର୍ବଳହୋଇ ଗୁରୁବାର ଅପରାହ୍ନରେ ଭୁଶୁଡି ପଡିଥିଲା । ତେବେ ମାଟିକାନ୍ଥ ଭୁଶୁଡିବା ସମୟରେ ଘରଲୋକେ କୌଣସି ପ୍ରକାରେ ବର୍ତି ଯାଇଥିବା ବେଳେ ବର୍ଷା ପାଇଁ ଘରେ ବନ୍ଧାହୋଇ ରହିଥିବା ଛେଳି, ମେଣ୍ଢା ସମେତ କୁକୁଡା ଗୁଡିକ କାନ୍ଥତଳେ ଚାପିହୋଇ ରହିଯାଇଥିଲେ । କାନ୍ଥ ତଳେ ଚାପିହେବା ଦ୍ୱାରା ୧୦ଟି କୁକୁଡା ସମେତ ୩ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବା ବେଳେ ଛେଳି ଗୁଡିକ ଆହତ ହୋଇଛନ୍ତି । ସେହିଭଳି ଘର ଭୁଶୁଡି ପଡିବା ଦ୍ୱାରା ଘରେ ସମସ୍ତ ଆସବାବପତ୍ର ବର୍ଷାରେ ଭିଜୁଥି?ବା ବେଳେ ଘରେ ଗଚ୍ଛିତ ଥିବା ଧାନ, ଚାଉଳ ମଧ୍ୟ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି । ସ୍ୱପଟ୍ନେଶ୍ୱର ଜଣେ ନାମମାତ୍ର ଚାଷୀ ହୋଇଥିବା ବେଳେ ଚାଷସମୟ ବ୍ୟତୀତ ଅନ୍ୟ ସମୟରେ କାମଧନ୍ଦା କରି ନିଜର ପରିବାର ପ୍ରତିପୋଷନ କରିଥାନ୍ତି । ଲଗାଣବର୍ଷାରେ ଘର ଭୁଶୁଡି ପଡିବା ଦ୍ୱାରା ପୁରା ପରିବାର ଅସହାୟ ହୋଇପଡିଥିବା ବେଳେ ଲଗାଣବର୍ଷା ସାଙ୍ଗକୁ ଖୋଲା ଆକାଶ ତଳେ କିଭଳି ପରିବାରକୁ ନେଇ ରାତି କାଟିବେ ସେଇ ଚିନ୍ତାରେ ବିଚଳିତ ହୋଇପଡିଛନ୍ତି । ସ୍ୱପଟ୍ନେଶ୍ୱର ଜନେ ଅତ୍ୟନ୍ତ ଅସହାୟ ଏବଂ ଗରିବଶ୍ରେଣୀର ଲୋକ ହୋଇଥିବାରୁ ତୁରନ୍ତ ସରକାରୀ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।




ବର୍ତ୍ତମାନ ସମୟରେ ପ୍ରତିଟି ଘରର ବଡ଼ ଟେନସନ୍ ହେଉଛି ଡାଇବେଟିସ୍ ରୋଗ । ପୂର୍ବରୁ କେବଳ ବୟସ୍କ ବ୍ୟକ୍ତିବିଶେଷଙ୍କୁ ଏହି ରୋଗ ହେଉଥିବା ବେଳେ ବର୍ତ୍ତମାନ କମ୍ ବୟସ୍କ ପିଲା ମଧ୍ୟ ଡାଇବେଟିସର ଶିକାର ହେଉଛନ୍ତି । ଡାଇବେଟିସ୍ ହେଲେ ଆମେ ସଙ୍ଗେ ସଙ୍ଗେ ଭାବୁ ଯେ ଅଧିକ ମିଠା ଖାଇବା ଦ୍ୱାରା ଶରୀରରେ ସୁଗରର ସ୍ତର ବଢ଼ିଥାଏ । କିନ୍ତୁ ଏହା କେବଳ ଏକ ଭ୍ରାନ୍ତ ଧାରଣା ମାତ୍ର । ପାଠକବନ୍ଧୁ ହଁ , ଅଧିକ ମିଠା ଖାଇବା ଦ୍ୱାରା ଡାଇବେଟିସର ଆଶଙ୍କା ବଢ଼େ ନାହିଁ ବରଂ ଶରୀରରେ ଇନସୁଲିନ୍ ପ୍ରତିରୋଧ ହେଲେ ବଢ଼ିଥାଏ । ଇନସୁଲିନ ଏକ ହର୍ମୋନ, ଯାହା କୋଷଗୁଡ଼ିକୁ ଗ୍ଲୁକୋଜ ପହଞ୍ଚାଇଥାଏ । କିନ୍ତୁ ଡାଇବେଟିସ ରୋଗ ହେଲେ ଶରୀର ଇନସୁଲିନ ପ୍ରତି ପ୍ରତିକ୍ରିୟା କରେ ନାହିଁ କିମ୍ବା ଇନସୁଲିନ ଉତ୍ପାଦନ କରେ ନାହିଁ । ଯେଉଁଥିରୁ ଏହା ସ୍ପଷ୍ଟ ହୋଇଯାଏ ଯେ ଡାଇବେଟିସ ସେହି ଲୋକଙ୍କୁ ମଧ୍ୟ ହୋଇପାରେ, ଯେଉଁମାନେ ମିଠା ଖାଇବାକୁ ପସନ୍ଦ କରନ୍ତି ନାହିଁ କିମ୍ବା କମ୍ ମିଠା ଖାଆନ୍ତି । ଏଭଳି ପରିସ୍ଥିତିରେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବ ଯେ ତେବେ ଲୋକମାନଙ୍କୁ ଡାଇବେଟିସର ଅଭିଯୋଗ କାହିଁକି ଆସେ ? ଆପଣଙ୍କୁ ଏଠାରେ କହିରଖୁଛୁ ଯେ ଡାଇବେଟିସର ସମସ୍ୟା ସେହି ଲୋକମାନଙ୍କଠାରେ ମଧ୍ୟ ଦେଖିବାକୁ ମିଳେ ଯେଉଁମାନେ ସୁସ୍ଥ ଜୀବନଶୈଳୀ ଏବଂ ଡାଏଟକୁ ପାଳନ କରନ୍ତି ନାହିଁ । ଲୋକେ ଜାଣିକରି ହେଉ କିମ୍ବା ଅଜାଣତରେ ଏପରି ଜିନିଷର ସେବନ କରିନିଅନ୍ତି ଯାହା ସ୍ୱାଦରେ ମିଠା ନହେଲେ ମଧ୍ୟ ସେଥିରେ ସୁଗରର ମାତ୍ରା ଅଧିକ ଥାଏ । ଯେଉଁ କାରଣରୁ ଶରୀରରେ ସୁଗରର ସ୍ତର ବଢ଼ିପାରେ । ତେବେ ଆସନ୍ତୁ ଜାଣିବା ଚିନି ବ୍ୟତୀତ ଶରୀରରେ ସୁଗର ସ୍ତର ବଢ଼ାଉଥିବା ଏପରି କିଛି ଦ୍ରବ୍ୟ ବିଷୟରେ ।

**ଭାତ :**
ଡାଇବେଟିସ୍ ରୋଗୀଙ୍କୁ ଡାକ୍ତର ପ୍ରଥମେ ଭାତ ଖାଇବା ପାଇଁ ମନା କରନ୍ତି । ଯଦି ଆପଣ ଭାତ ପ୍ରେମୀ ଅଟନ୍ତି ଏବଂ ଦିନରାତି ଅଧିକ ପରିମାଣରେ ଭାତର ସେବନ କରନ୍ତି, ତେବେ ଆପଣଙ୍କୁ ଡାଇବେଟିସ ହୋଇପାରେ । ଏପରି ହେବାର କାରଣ ହେଉଛି ଭାତରେ କାର୍ବୋହାଇଡ୍ରେଟର ମାତ୍ରା ଏବଂ ଗ୍ଲାଇସେମିକ ଇଣ୍ଡେକ୍ସ ଅଧିକ ରହିଥାଏ । ଯାହା ରକ୍ତରେ ସୁଗର ସ୍ତରକୁ ହଠାତ୍ ବଢ଼ାଇପାରେ ।

**ମଇଦା :**
ସନ୍ଧ୍ୟା ଚା' ସହିତ ଅଧିକାଂଶ ଭାରତୀୟ ଘରେ ମଇଦାରେ ତିଆରି ସ୍ନାକ୍ସ ଆଇଟମ ପରସା ଯାଇଥାଏ । କିନ୍ତୁ ଏହି ଜିନିଷଗୁଡ଼ିକର ଗ୍ଲାଇସେମିକ ଇଣ୍ଡେକ୍ସ ଅଧିକ ହୋଇଥାଏ । ଏହା ବ୍ୟତୀତ ଏହି ଜିନିଷଗୁଡ଼ିକ ଶରୀରରେ କ୍ୟାଲୋରୀର ମାତ୍ରା ବଢ଼ାଇ ରକ୍ତରେ ସୁଗର ସ୍ତରକୁ ମଧ୍ୟ ଶୀଘ୍ର ବଢ଼ାଇପାରେ ।

**କମ୍ ପାଣି ପିଇବା :**
ଡାଇବେଟିସ ରୋଗୀଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ଉଚିତ୍ । ଶରୀରରେ ପାଣିର ଅଭାବ ହେଲେ ରକ୍ତରେ ସୁଗରର ସ୍ତର ବଢ଼ିପାରେ । ଏଭଳି ପରିସ୍ଥିତିରେ ଦିନସାରା ଅତି କମରେ ତିନିରୁ ଚାରି ଲିଟର ପାଣି ପିଇବା ଦ୍ୱାରା କିଡନିକୁ ଅତିରିକ୍ତ ସୁଗର ବାହାର କରିବାରେ ସାହାଯ୍ୟ ମିଳିଥାଏ ।

**ଚିନି ଥିବା ଫଳ :**
ଅଙ୍ଗୁର, କମଳା,ତରଭୁଜ ଏବଂ ଆମ୍ବ ଭଳି ଫଳର ରସରେ ସୁଗରର ମାତ୍ରା ଭଲ ଥାଏ । ଯାହା ରକ୍ତରେ ସୁଗର ସ୍ତରକୁ ବଢ଼ାଇପାରେ । ଏହି ସବୁ ଫଳ ସୁଗର ସ୍ତରକୁ ବଢ଼ାଇପାରନ୍ତି । ଏଭଳି ପରିସ୍ଥିତିରେ ଡାକ୍ତରଙ୍କୁ ପଚାରି ଡାଏଟରେ ସଠିକ ଫଳ ସାମିଲ କରନ୍ତୁ ।

**ଆମ ଆଖିରୁ ଝରି ପଡୁଥିବା ଲୁହ କେବଳ ଆମର ଭାବନାକୁ ଦର୍ଶାଏ ନାହିଁ, ବରଂ ଏହା ପଛରେ ଲୁଚି ରହିଥିବା ବୈଜ୍ଞାନିକ ଏବଂ ଚିକିତ୍ସା ଗୁରୁତ୍ୱକୁ ମଧ୍ୟ ଦର୍ଶାଏ । ଲ୍ୟାବ ଟେଷ୍ଟ ଅନୁସାରେ, ଲୁହରେ ଏପରି ଅନେକ ଏନଜାଇମ, ପ୍ରୋଟିନ ଏବଂ ଜୈବ-ରାସାୟନିକ ପଦାର୍ଥ ଥାଏ । ଯାହା ଆମ ଶରୀର ପାଇଁ ଲାଭଦାୟକ ହୋଇପାରେ । ଏହା ଆପଣଙ୍କ ଶରୀର ଏବଂ ମନ ଉଭୟ ପାଇଁ ଲାଭଦାୟକ ହୋଇପାରେ । ସମ୍ପ୍ରତି, ଗବେଷଣାରୁ ଜଣାପଡିଛି ଯେ ଏବେ ଆପଣ ଆପଣଙ୍କ ଆଖିର ଲୁହ ସହିତ ଦୀର୍ଘ ଜୀବନ ବଞ୍ଚିପାରିବେ ଏବଂ ଏହା ଆପଣଙ୍କ ବୈବାହିକ ଜୀବନକୁ ମଧ୍ୟ ଖୁସି ରଖିବ ।**




**ଲୁହ ତିନି ପ୍ରକାରର**
ମୌଳିକ ଲୁହ : ଏହି ଲୁହ ଆଖିରେ ସୃଷ୍ଟି ହୁଏ ଏବଂ ଏହା ଆଖିକୁ ଆର୍ଦ୍ରତା, ପୁଷ୍ଟି ଏବଂ ସୁରକ୍ଷା ମଧ୍ୟ ପ୍ରଦାନ କରେ ।
ପ୍ରତିଫଳନ ବା ରିଫ୍ଲେକଶନ ଲୁହ : ଏହି ଲୁହ ଆଖିରେ କୌଣସି ଜିନିଷର ଧୂଆଁ ହେଲେ, ପିଆଜ କାଟିବା ସମୟରେ କିମ୍ବା କୌଣସି ଜ୍ୱଳନ ଯୋଗୁ ଆଖିରୁ ବାହାରେ । ଏହି ଲୁହ ଆପଣଙ୍କ ଶରୀରର ପ୍ରତିରକ୍ଷା ପ୍ରଣାଳୀ ବିଷୟରେ କହିଥାଏ ।
ଭାବପ୍ରବଣ ଲୁହ ବା ଇମୋଶନାଲ ଟିୟର୍ସ: ସମସ୍ତେ ଏହି ଲୁହ ବିଷୟରେ ଜାଣିଥିବେ । ଏହି ଲୁହ ଦୁଃଖ, କ୍ରୋଧ, ଖୁସି କିମ୍ବା ଚାପ ଯୋଗୁ ବାହାରେ । ଏହି ଲୁହ ଉପରେ ଗବେଷଣା ଆରମ୍ଭ ହୋଇଛି । ଏହି ଗବେଷଣାରେ, ଏହା ଦେଖାଯାଉଛି ଯେ ଏହି ଲୁହ ସାହାଯ୍ୟରେ ଆପଣଙ୍କ ଶରୀରର କେଉଁ ରୋଗର ଚିକିତ୍ସା କରାଯାଇପାରିବ ।
ଏହି ଲୁହରେ କ'ଣ ଅଛି : ଲୁହରେ ଜୀବାଣୁ ନଷ୍ଟ କରୁଥିବା ଏନଜାଇମ ଥାଏ । ଏହାକୁ ଆଣ୍ଟିବ୍ୟାକ୍ଟେରିଆଲ ଉତ୍ପାଦରେ ମଧ୍ୟ ବ୍ୟବହାର କରାଯାଏ । ଏହି ଲୁହର ଦ୍ୱିତୀୟ ଭାଗ ହେଉଛି ଲାକ୍ରିମାଲ ଗ୍ରନ୍ଥିରୁ ନିର୍ଗତ ପ୍ରୋଟିନ ଯାହା ଆଖିକୁ ଆର୍ଦ୍ର ରଖେ । ତୃତୀୟ ଭାଗ ହେଉଛି ହରମୋନ ବାୟୋକେମିକାଲ ଯାହା ଚାପ ସମୟରେ ବାହାରକୁ ଆସେ । ଏହି କାରଣରୁ କୁହାଯାଏ ଯେ ଭାବପ୍ରବଣ କାନ୍ଦିବା ଚାପକୁ ହ୍ରାସ କରେ । ଚତୁର୍ଥ ଭାଗ ହେଉଛି ଏନକେଫାଲିନ ଯାହା ଏକ ପ୍ରାକୃତିକ ଯନ୍ତ୍ରଣା ନିବାରକ ପରି କାମ କରେ । ଏହା ଶରୀରର ଯନ୍ତ୍ରଣାକୁ ହ୍ରାସ କରେ ।
ଗବେଷଣା କ'ଣ କହୁଛି : ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ହେଲ୍ଥ (ଘଓଐ) ଏବଂ ଆମେରିକୀୟ ସାଇକୋଲୋଜିକାଲ ଆସୋସିଏଶନ (ଇଚଇ) ର ରିପୋର୍ଟ ଅନୁସାରେ, ଭାବପ୍ରବଣ କାନ୍ଦିବା ସମୟରେ ଶରୀରରେ ଜମା ହୋଇଥିବା ହରମୋନ ଭାବପ୍ରବଣ କାନ୍ଦିବା ସମୟରେ ବାହାରକୁ ଆସେ । ଯାହା ଦ୍ୱାରା କାନ୍ଦିବା ଶରୀରକୁ ଡିଟକ୍ସିଫାଇ କରେ ଏବଂ ଆପଣଙ୍କୁ ହାଲୁକା ଅନୁଭବ କରାଏ । କାନ୍ଦିବା ପରେ, ଶରୀରରେ ଅକ୍ସିଟୋସିନ ଏବଂ ଏଣ୍ଡୋର୍ଫିନ ବୃଦ୍ଧି ପାଏ, ଯାହା ମନୋଭାବକୁ ଉନ୍ନତ କରେ । ଆପଣଙ୍କୁ ଜଣାଇ ଦେଉଛୁ ଯେ ଲୁହକୁ ଏପର୍ଯ୍ୟନ୍ତ ଚିକିତ୍ସା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇନାହିଁ । ତଥାପି, ଲାଇସୋଜାଇମକୁ ଲୁହ କିମ୍ବା ଲାଳରୁ ପୃଥକ କରି ତ୍ୱଚା କ୍ରିମ, ଆଖି ଡ୍ରପ କିମ୍ବା ସାନିଟାଇଜରରେ ମିଶାଯାଇପାରିବ । ଏହାର ଅର୍ଥ ହେଉଛି ଲୁହ କେବଳ ଆଖିକୁ ସୁରକ୍ଷା ଦିଏ ନାହିଁ ବରଂ ଚାପ କମାଇବା ଏବଂ ଜୀବାଣୁ ସହିତ ଲଢ଼ିବାରେ ମଧ୍ୟ ସାହାଯ୍ୟ କରେ ।

## ଜୀବନସାଥୀ କେମିତି ହେବା ଆବଶ୍ୟ : ଜାଣନ୍ତୁ କ'ଣ କୁହନ୍ତି ଚାଣକ୍ୟ

**ଆଚାର୍ଯ୍ୟ ଚାଣକ୍ୟ ନିଜର ନୀତି ମାଧ୍ୟମରେ ନନ୍ଦ ରାଜବଂଶକୁ ପରାସ୍ତ କରି ତାଙ୍କ ଶିଷ୍ୟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କୁ ରାଜା କରିଥିଲେ । ସେବେଠାରୁ ତାଙ୍କର ନୀତି ଓ ଜ୍ଞାନକୁ ଲୋକେ ଜୀବନରେ ଗ୍ରହଣ କରି ଆସୁଛନ୍ତି । କାରଣ ଏହା ଜୀବନକୁ ସରଳ ଓ ସହଜ କରିଥାଏ ।**

ଆଜି ଆସନ୍ତୁ ଜାଣିବା ଚାଣକ୍ୟଙ୍କ ଅନୁଯାୟୀ ସ୍ତ୍ରୀ ଚୟନ ସମୟରେ କେଉଁ ବିଷୟ ଧ୍ୟାନ ରଖିବା ଉଚିତ :
୧-ଶାରୀରିକ ଗୁଣ : ଚାଣକ୍ୟ କୁହନ୍ତି, ଜୀବନସାଥୀ ବାଛିବାର ମାପ କେବେ ବି ଶାରୀରିକ ଆକର୍ଷଣ ହେବା ଉଚିତ ନୁହେଁ । ପ୍ରାୟତଃ ପୁଅମାନେ ମହିଳାଙ୍କ ସୌନ୍ଦର୍ଯ୍ୟକୁ ଦେଖନ୍ତି ଏବଂ ତାଙ୍କ ଗୁଣକୁ ଅଣଦେଖା କରନ୍ତି । ଯେଉଁମାନେ ଏଭଳି କରନ୍ତି ସେମାନେ ବୈବାହିକ ଜୀବନରେ ସର୍ବଦା ଦୁଃଖ ପାଆନ୍ତି ।
୨-ସମ୍ଭ୍ରାନ୍ତ ପରିବାରର ଝିଅଙ୍କୁ ବିବାହ କର : ଚାଣକ୍ୟ କୁହନ୍ତି ଜଣେ ବ୍ୟକ୍ତି ସମ୍ଭ୍ରାନ୍ତ ପରିବାରର ଝିଅକୁ ବିବାହ କରିବା ଉଚିତ । ତାଙ୍କର ରଙ୍ଗ କିଭଳି ଦେଖିବା ଉଚିତ ନୁହେଁ । ରଙ୍ଗ ସ୍ୱାଭାବିକ ହୋଇଥିଲେ ହେଁ ତାଙ୍କର ଗୁଣ କିଭଳି ତାହା ଦେଖିବା ଉଚିତ । ସେହିଭଳି ନିମ୍ନ ଜାତିର ଝିଅଙ୍କୁ ତାଙ୍କର ସୌନ୍ଦର୍ଯ୍ୟ ଦେଖି ବିବାହ କରିବା ଅନୁଚିତ । ଏପରି କରିବାକୁ ଭାବୁଥିଲେ ପ୍ରଥମେ ତାଙ୍କ ଗୁଣଗୁଡ଼ିକୁ ଭଲ ଭାବେ ପରୀକ୍ଷା କରିନିଅନ୍ତୁ ।




ଆସନ୍ତା ସେପ୍ଟେମ୍ବର ୭ ତାରିଖ ତଥା ଭାଦ୍ରବ ପୂର୍ଣ୍ଣିମାରେ ପ୍ରଥମ ଚନ୍ଦ୍ରଗ୍ରହଣ ପଡୁଥିବା ବେଳେ ଆସନ୍ତାବର୍ଷ ୨୦୨୬ ମାର୍ଚ୍ଚ ମାସରେ ଦୋଳପୂର୍ଣ୍ଣିମାନେ ଆଉ ଏକ ଚନ୍ଦ୍ରଗ୍ରହଣ ପଡୁଛି । ଯାହାକି ଭାରତରେ ଦେଖିବାକୁ ମିଳିବ । ଆସନ୍ତା ୬ ମାସ ଭିତରେ ଦୁଇ ଦୁଇଟି ଚନ୍ଦ୍ରଗ୍ରହଣ ପଡୁଛି । ଯାହାକୁ ନେଇ ଶୁଭ-ଅଶୁଭର ଗଣନା କରୁଛନ୍ତି ଜ୍ୟୋର୍ତିବିଦ ।

ଏହି ଚନ୍ଦ୍ର ଗ୍ରହଣକୁ ନେଇ କିଛି ଜ୍ୟୋର୍ତିବିଦ ଏହା ଦେଶ ପାଇଁ ଶୁଭଙ୍କର ନୁହେଁ ବୋଲି ମତ ରଖିଥିବା ବେଳେ ଅନ୍ୟ ଜ୍ୟୋର୍ତିବିଦ ପଞ୍ଜିକାରେ ସେଭଳି ଦେଶ ପ୍ରତି ଅମଙ୍ଗଳ ନ ଥିବା ଉଲ୍ଲେଖ ଥିବା କହିଛନ୍ତି ।

୬ ମାସ ଭିତରେ ଦୁଇ ଦୁଇଟି ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଏହା ଦେଶ ପାଇଁ ଶୁଭଙ୍କର ନୁହେଁ ବୋଲି କିଛି ଜ୍ୟୋର୍ତିବିଦ ଗଣନା କରି କହିଛନ୍ତି । ଭାଦ୍ରବ ମାସ ପୂର୍ଣ୍ଣମୀ ତିଥିରେ ରାହୁ ଗ୍ରସ୍ତ ଚନ୍ଦ୍ର ଗ୍ରହଣ ପଡୁଥିବା ବେଳେ ଆସନ୍ତାବର୍ଷ ଦୋଳପୂର୍ଣ୍ଣମୀରେ କେତୁ ଗ୍ରସ୍ତ ଚନ୍ଦ୍ର ଗ୍ରହଣ ପଡୁଛି । ଏହି ଦୁଇଟି ଯାକ ଚନ୍ଦ୍ରଗ୍ରହଣ ବଡ଼ ବଡ଼ ପର୍ବ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ୱତନ୍ତ୍ର ତିଥିରେ ପଡୁଛି । ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଜ୍ୟୋତିଷ ରାଜପଣ୍ଡିତ ଶିବନାରାୟଣ ମହାପାତ୍ର ଗଣନା କରି କହିଛନ୍ତି ଯେ ୬ ମାସ ବ୍ୟବଧାନରେ ଦୁଇ ଦୁଇଟି ଚନ୍ଦ୍ରଗ୍ରହଣ ପଡୁଥିବାରୁ ରାଜ୍ୟକୁ ଅଶୁଭ ବେଳା ରହିଛି ।

ଯେମିତି ବନ୍ୟା, ବାତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିପାରେ ଓଡ଼ିଶା । ଭାଦ୍ରବ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତଥା ଭାଗବତ ଜନ୍ମରେ ପଡୁଛି ପ୍ରଥମ ଚନ୍ଦ୍ର ଗ୍ରହଣ । ତେବେ ଭାଦ୍ରବ ପୂର୍ଣ୍ଣିମାରେ ହେବାକୁଥିବା ଚନ୍ଦ୍ର ଗ୍ରହଣ ହେଉଛି ରାହୁ ଗ୍ରାସ ଚନ୍ଦ୍ର ଗ୍ରହଣ । ତେବେ ଚନ୍ଦ୍ର ଗ୍ରହଣ ପୁରୀରେ ରାତି ୯ଟା ୫୭ ମିନିଟ ୨୨ ସେକେଣ୍ଡରୁ ରାତି ୧ଟା ୨୭ ମିନିଟ ୧୭ ସେକେଣ୍ଡ ପର୍ଯ୍ୟନ୍ତ ଅର୍ଥାତ ଦୀର୍ଘ ସାଢେ ତିନିଘଣ୍ଟା ଧରି ଏହା ଅନୁଷ୍ଠିତ ହେବ ।

## ସ୍ୱାସ୍ଥ୍ୟ ପାଇଁ ସଞ୍ଜିବନୀ : ସକାଳୁ ସକାଳୁ ଖାଲି ପାଦରେ ଘାସରେ ଚାଲିବା

ପିଲାବେଳେ ଆଈ,ଜେଜେମା ଖାଲି ପାଦରେ ଘାସ ଉପରେ ଚାଲିବାକୁ କହୁଥିଲେ । ଆଗରୁ ଲୋକମାନେ ମଧ୍ୟ ଖାଲି ପାଦରେ ଘାସ ଉପରେ ପ୍ରତିଦିନ ଚଲାବୁଲା କରୁଥିଲେ କିନ୍ତୁ ଆଧୁନିକ ଧାଁଦଉଡ଼ ଜୀବନରେ ଏହା ବହୁତ କମ୍ ଲୋକ ହିଁ କରିପାରୁଛନ୍ତି । କାହା ପାଖରେ ନିଜ ପାଇଁ ସମୟ ହିଁ ନାହିଁ । କିନ୍ତୁ ଯଦି ଆପଣ ବ୍ୟସ୍ତ ସମୟ ଭିତରୁ ସକାଳର କିଛି ସମୟ ବାହାର କରି ଖାଲି ପାଦରେ ଘାସ ଉପରେ ଚାଲିବେ ତେବେ ଏହାର ଅନେକ ଉପକାର ମିଳିବ । ଘାସ ଉପରେ ଖାଲି ପାଦରେ ଚାଲିବା ହେଉଛି ନେଚୁରୋପାଥିର ଏକ ଟେକ୍ନିକ୍ ଯାହା ମଣିଷକୁ ପ୍ରକୃତି ସହିତ ଯୋଡ଼ିଥାଏ । ଜର୍ଣ୍ଣାଲ୍ ଅଫ୍ ଇନଭାଇରନମେଣ୍ଟ ଆଣ୍ଡ ପବ୍ଲିକ୍ ହେଲ୍ଥର ଏକ ଷ୍ଟଡିରେ କୁହାଯାଇଛି ଯେ ଆଜିକାଲିର ଲୋକ ସବୁଠାରୁ ଖରାପ ସମୟରେ ରହୁଛନ୍ତି କାରଣ ସେମାନଙ୍କର ପରିବେଶ ଏବଂ ପୃଥିବୀ ସହିତ କୌଣସି ସମ୍ପର୍କ ରହୁନାହିଁ । ଷ୍ଟଡିରେ ଦାବି କରାଯାଇଥିଲା ଯେ ଯଦି ପୃଥିବୀର ଇଲେକ୍ଟ୍ରୋନ୍ ସହିତ ମଣିଷ ଯୋଡ଼ି ହୋଇଯାଏ ତେବେ ତା' ଜୀବନରେ ଅନେକ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ଆସିଥାଏ । ଏହା ସମସ୍ତଙ୍କ ପାଇଁ ଏକ ବରଦାନ ସଦୃଶ ।

☐ ଶାନ୍ତିପୂର୍ଣ୍ଣ ନିଦ୍ରା ଆସିବ : ଯଦି ଆପଣ ଖାଲି ପାଦରେ ଘାସ ଉପରେ ଚାଲନ୍ତି ତେବେ ରାତିରେ ଆପଣଙ୍କୁ ଶାନ୍ତିପୂର୍ଣ୍ଣ ନିଦ୍ରା ଆସିବ । ଘାସ ଉପରେ ଖାଲି ପାଦରେ ଚାଲିବା ଏକ ପ୍ରକାର ଶୋଇବା ବଟିକା ପରି କାମ କରିବ । ହେଲ୍ଥର ଏକ ଖବରରେ କୁହାଯାଇଛି ପ୍ରତିଦିନ ସକାଳେ ଅଧ ଘଣ୍ଟା ଖାଲି ପାଦରେ ଚାଲିଲେ ଶୋଇବା ଅଭ୍ୟାସରେ ସକାରାତ୍ମକ ପରିବର୍ତ୍ତନ ଆସିଥାଏ ।

☐ ଫୁଲା କମିଯିବ : ଯେତେବେଳେ ଆମ କୋଷିକାଗୁଡ଼ିକରେ ଫ୍ରି ରେଡିକଲ୍ସ ଭରି ହୋଇଯାଏ ସେତେବେଳେ ସେଥିରେ ଫୁଲା ହୋଇଥାଏ । କୋଷିକାଗୁଡ଼ିକରେ ଫୁଲା ହେବା ଅନେକ ରୋଗର କାରଣ ହୋଇଥାଏ । ଖାଲି ପାଦରେ ଘାସ ଉପରେ ଚାଲିବା ଦ୍ୱାରା ଶରୀରର ଅଙ୍ଗଗୁଡ଼ିକ ସକ୍ରିୟ ହୋଇଯାଆନ୍ତି ଏବଂ ଫୁଲାକୁ ଦୂର କରିଥା'ନ୍ତି । ବାହାରେ ଚାଲିବା ଦ୍ୱାରା ଶରୀରକୁ ସୂର୍ଯ୍ୟକିରଣ ମିଳିଥାଏ ଯାହାଦ୍ୱାରା ଭିଟାମିନ୍ ଡି ମିଳିଥାଏ ।

☐ ମାନସିକ ଶାନ୍ତି : ଅନେକ ଅଧ୍ୟୟନରେ କୁହାଯାଇଛି ଯେ ସକାଳୁ ଚାଲିବା ଦ୍ୱାରା ମାନସିକ



ଶାନ୍ତି ମିଳିଥାଏ । କିନ୍ତୁ ଯଦି ଆପଣ ଖାଲି ପାଦରେ ଚାଲନ୍ତି ତେବେ ଏହାର ଅନେକ ଫାଇଦା ରହିଛି ।

☐ ହୃଦରୋଗ ହେବାକୁ ଦେବ ନାହିଁ : ସକାଳେ ଘାସ ଉପରେ ଖାଲି ପାଦରେ ଚାଲିବାର ସବୁଠାରୁ ବଡ଼ ଫାଇଦା ହେଉଛି ଏହା ହୃଦସ୍ପନ୍ଦନ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ ଯେଉଁ କାରଣରୁ ହୃଦରୋଗର ଆଶଙ୍କା ବହୁତ କମ୍ ହୋଇଯାଏ ।

☐ ଆଖି ପାଇଁ ସହାୟକ : ଖାଲି ପାଦରେ ଘାସ ଉପରେ ଚାଲିଲେ ଆଖିର ଶକ୍ତି ବଢ଼ିଥାଏ । ଘାସ ଉପରେ ଖାଲି ପାଦରେ ଚାଲିବା ଦ୍ୱାରା ପାଦର ଦ୍ୱିତୀୟ ଏବଂ ତୃତୀୟ ଗୋଇଠି ଉପରେ ସବୁଠାରୁ ଅଧିକ ଚାପ ପଡ଼ିଥାଏ । ଏହି ଗୋଇଠିଗୁଡ଼ିକର ସିଧା ସମ୍ପର୍କ ଆଖି ସହିତ ରହିଛି । ତେଣୁ ଖାଲି ପାଦରେ ଚାଲିବା ଆଖିର ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ।

## ଖରାପ ଲାଗିଲେ ବି ସତ : ପୁରୁଷଙ୍କ ପାଖରେ ଅଛି ଏଭଳି...

ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିଶାସ୍ତ୍ରରେ ଅନେକ କିଛି ବର୍ଣ୍ଣନା କରିଛନ୍ତି । ସେ ପୁରୁଷଙ୍କୁ ନେଇ ବହୁତ କଥା କହିଛନ୍ତି । ପୁରୁଷମାନଙ୍କର କେତେକ କଠୋର ସତ ସେ କହିଛନ୍ତି । ତାହା ଖରାପ ଲାଗିଲେ ମଧ୍ୟ ସତ । ତେବେ ସବୁ ପୁରୁଷ ଏକାପରି ହୋଇ ନ ଥାନ୍ତି । ଚାଣକ କହିଛନ୍ତି, ଯେତେବେଳେ ଜଣେ ବ୍ୟକ୍ତି ନିଜର ଶକ୍ତି, ଯୁକ୍ତି କିମ୍ବା ସାମାଜିକ ପ୍ରାଧାନ୍ୟ ହରାଇଥାଏ ସେତେବେଳେ ସେ ଆକ୍ରମଣାତ୍ମକ ହୋଇଯାଏ । ଏହାର ପ୍ରଭାବ ମହିଳାଙ୍କ ଉପରେ ପଡ଼ିଥାଏ । ତେବେ ଏହା ପୁରଷଙ୍କର ଏକ ଦୁର୍ବଳତା ଯାହା ସେମାନଙ୍କର ପ୍ରକୃତ ସ୍ୱଭାବର ଅନ୍ୟମାନଙ୍କ ପାଖରେ ଧରାପଡ଼ିଯାଏ ।
ଅହଂକାର : ପୁରୁଷମାନେ ସମାଜରେ ନିଜକୁ ବହୁ ଦିନ ଧରି ଶ୍ରେଷ୍ଠ ମନେ କରିଆସୁଛନ୍ତି । ଯେତେବେଳେ ଜଣେ ମହିଳା ତାଙ୍କୁ ପଛରେ ପକାଇଦିଏ କିମ୍ବା ପରାସ୍ତ କରେ, ତାଙ୍କର ଅହଂକାର ଭାଙ୍ଗିଯାଏ । ଏହି ଅହଂକାରକୁ ରକ୍ଷା କରିବା ପାଇଁ, ସେ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ମହିଳାଙ୍କୁ ଅପମାନିତ କରିବାକୁ ଚେଷ୍ଟା କରନ୍ତି ।
ପୁରୁଷ-ପ୍ରଧାନ : ସାମାଜିକ ଚିନ୍ତାଧାରା ଏପର୍ଯ୍ୟନ୍ତ ପୁରୁଷପ୍ରଧାନ । ଜଣେ ମହିଳାଙ୍କ ଚରିତ୍ରକୁ ପ୍ରଶ୍ନ କରିବା ସବୁଠାରୁ ସହଜ ଉପାୟ, କାରଣ ସମାଜ ଏହାକୁ ଶୀଘ୍ର ବିଶ୍ୱାସ କରେ ।
ଦୁର୍ବଳତା ଲୁଚାଇବା : ନିଜର ପରାଜୟକୁ ଗ୍ରହଣ କରିବା ପରିବର୍ତ୍ତେ, ଜଣେ ଅସଫଳ ପୁରୁଷ ମହିଳାଙ୍କ ପ୍ରତିଛବିକୁ ମଳିନ କରି ନିଜର ଦୁର୍ବଳତା ଲୁଚାଇବାକୁ ଚେଷ୍ଟା କରନ୍ତି ।
ଯଦିଓ ଏହା ଶତାବ୍ଦୀ ପୂର୍ବରୁ କୁହାଯାଇଥିଲା, ତଥାପି ଆଜି ମଧ୍ୟ ଏହା ସତ୍ୟ ମନେହୁଏ । କର୍ମକ୍ଷେତ୍ରରେ, ରାଜନୀତିରେ, କ୍ରୀଡ଼ାରେ କିମ୍ବା ପରିବାରରେ ମଧ୍ୟ, ଯେତେବେଳେ ମହିଳାମାନେ ପୁରୁଷମାନଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରନ୍ତି, ସେତେବେଳେ ସେମାନଙ୍କୁ ପ୍ରାୟତଃ ଦୋଷ ଦିଆଯାଏ ।

CMYK

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ସେପ୍ଟେମ୍ବର ୨୦୨୫, ଶନିବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମୂଲ୍ୟ ହ୍ରାସର ମାୟାଜାଲ: ଜିଏସ୍‌ଟି ଲାଭଖୋରୀର ଅସମାହିତ ପ୍ରଶ୍ନ

ସ୍ୱାଧୀନତା ପରବର୍ତ୍ତୀ ଭାରତର ଏକ ସବୁଠୁ ବଡ଼ ଆର୍ଥିକ ସଂସ୍କାର ଭାବରେ ପରିଗଣିତ ହେଉଥିବା ବସ୍ତୁ ଓ ସେବା କର (**GST**) ବ୍ୟବସ୍ଥା ନିରନ୍ତର ପରିବର୍ତ୍ତନ ଏବଂ ସଂଶୋଧନ ମାଧ୍ୟମରେ ଦେଶର ଅର୍ଥନୀତିକୁ ପ୍ରଭାବିତ କରିଆସୁଛି । ସାଧାରଣ ଜନତାଙ୍କୁ ମୁଦ୍ରାସ୍ଫୀତିରୁ ଆଶ୍ୱସ୍ତି ଦେବା ଏବଂ ବ୍ୟବସାୟିକ କାରବାରକୁ ସହଜ କରିବା ଲକ୍ଷ୍ୟରେ ସରକାର ସମୟ ସମୟରେ **GST** ହାରରେ ପରିବର୍ତ୍ତନ ଆଣିଥାନ୍ତି । ନିକଟରେ **GST** ପରିଷଦ ଦ୍ୱାରା ଅନେକ ସାମଗ୍ରୀ ଉପରେ କର ହାର ହ୍ରାସ କରାଯାଇଛି, ଯାହାକୁ ଅନେକେ ସ୍ୱାଗତ କରିଛନ୍ତି । କିନ୍ତୁ ଏହି ହ୍ରାସର ପ୍ରକୃତ ଲାଭ ଶେଷ ଉପଭୋକ୍ତାଙ୍କ ପାଖରେ ପହଞ୍ଚିବ କି ନାହିଁ, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶେଷକରି, **GST** ବିରୋଧୀ ଲାଭଖୋରୀ ନିରୀକ୍ଷଣ ବ୍ୟବସ୍ଥା (**Anti-Profiteering Mechanism**) ସ୍ଥଗିତ ରହିବା ଏବଂ ଅଭିଯୋଗ ଗ୍ରହଣ ନକରିବା ନିଷ୍ପତ୍ତି ପରେ ଏହି ଚିନ୍ତା ଆହୁରି ବଢ଼ିଯାଇଛି ।

**GST** ହାର ହ୍ରାସର ଉଦ୍ଦେଶ୍ୟ ହେଉଛି, ଉତ୍ପାଦ ଏବଂ ସେବାର ମୂଲ୍ୟ କମାଇବା, ଯାହା ଫଳରେ ଗ୍ରାହକମାନେ କମ୍ ଦାମରେ ସାମଗ୍ରୀ କିଣିପାରିବେ ଏବଂ ଏହା ଦ୍ୱାରା ବଜାରରେ ଚାହିଦା ବୃଦ୍ଧି ପାଇବ। ନିକଟରେ ହେୟାର ଅଏଲ୍, କର୍ଣ୍ଣ ଫ୍ଲେକ୍ସ, ଟେଲିଭିଜନ ଏବଂ କେତେକ ମେଡିକାଲ୍ ଉପକରଣ ସମେତ ଅନେକ ଗୃହୋପଯୋଗୀ ସାମଗ୍ରୀ ଏବଂ ସେବା ଉପରେ **GST** ହାର ହ୍ରାସ କରାଯାଇଛି। ଏହା ବ୍ୟତୀତ, କିଛି କମ୍ପାକ୍ଟ **SUV** ଯଥା **Tata Nexon, Tiago, Mahindra XUV 3XO, Hyundai i20, Maruti Brezza, Swift** ଇତ୍ୟାଦି କାରର ମୂଲ୍ୟରେ ମଧ୍ୟ ହ୍ରାସ ଆସିବାର ସମ୍ଭାବନା ରହିଛି । ଏହି ପଦକ୍ଷେପକୁ **PGIM India Mutual Fund** ଭଳି ଆର୍ଥିକ ପ୍ରତିଷ୍ଠାନମାନେ ଭାରତର ଉପଭୋକ୍ତା-ଚାଳିତ କ୍ଷେତ୍ର ପାଇଁ ଏକ ବଡ଼ ପ୍ରୋତ୍ସାହନ ଭାବରେ ଦେଖୁଛନ୍ତି । ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (**SBI**) ର ଏକ ରିପୋର୍ଟ ଅନୁଯାୟୀ, ଏହି ହାର ହ୍ରାସ ଦ୍ୱାରା ରାଜସ୍ୱ କ୍ଷତି ମାତ୍ର ୩,୭୦୦ କୋଟି ଟଙ୍କା ହେବ, ଯାହା ଅତ୍ୟନ୍ତ କମ୍ । ଏହି ସମସ୍ତ ତଥ୍ୟ ସରକାରଙ୍କ ଏହି ପଦକ୍ଷେପର ସକାରାତ୍ମକ ଦିଗକୁ ସୂଚାଉଛି । କିନ୍ତୁ, ଏହି ଲାଭ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିବ କି ନାହିଁ, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ।

**GST** ବ୍ୟବସ୍ଥା ଲାଗୁ ହେବା ପରେ, ଉତ୍ପାଦକ ଏବଂ ବ୍ୟବସାୟୀମାନେ କର ହ୍ରାସର ଲାଭ ଉପଭୋକ୍ତାଙ୍କୁ ନ ଦେଇ ନିଜେ ଲାଭବାନ ହେବାର ସମ୍ଭାବନାକୁ ଏଡ଼ାଇବା ପାଇଁ ଏକ 'ଜାତୀୟ ଲାଭଖୋରୀ ନିରୀକ୍ଷଣ ପ୍ରାଧିକରଣ' (**National Anti-Profiteering Authority - NAA**) ଗଠନ କରାଯାଇଥିଲା । ଏହି ପ୍ରାଧିକରଣର ମୁଖ୍ୟ କାର୍ଯ୍ୟ ଥିଲା, ଯେତେବେଳେ **GST** ହାର ହ୍ରାସ କରାଯାଏ କିମ୍ବା ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (**Input Tax Credit**) ବୃଦ୍ଧି ହୁଏ, ସେତେବେଳେ ବ୍ୟବସାୟୀମାନେ ସେହି ଲାଭକୁ ଉତ୍ପାଦର ମୂଲ୍ୟ ହ୍ରାସ କରି ଗ୍ରାହକଙ୍କୁ ଦେଉଛନ୍ତି କି ନାହିଁ, ତାହା ଯାଞ୍ଚ କରିବା। ଯଦି କୌଣସି ବ୍ୟବସାୟୀ ଲାଭଖୋରୀ କରୁଥିବା ଜଣାପଡୁଥିଲା, ତେବେ **NAA** ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲା ଏବଂ ଅନେକ କ୍ଷେତ୍ରରେ ଜୋରିମାନା ସହ ଅତିରିକ୍ତ ରାଶି ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଉଥିଲା । ଏହି ବ୍ୟବସ୍ଥା **GST** ର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

କିନ୍ତୁ, ବର୍ତ୍ତମାନ ପରିସ୍ଥିତି ଭିନ୍ନ । ସରକାର ବ୍ୟବସାୟ କରିବାର ସହଜତା (**Ease of Doing Business**) କୁ ପ୍ରାଧାନ୍ୟ ଦେଇ **NAA** ଭଳି ଏକ ସଂସ୍ଥାକୁ ପୁନଃ ପ୍ରତିଷ୍ଠା ନକରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ପରେ **NAA** ର କାର୍ଯ୍ୟକାଳ ଶେଷ ହୋଇଯାଇଛି ଏବଂ ଏବେ କୌଣସି ନୂତନ ଅଭିଯୋଗ ଗ୍ରହଣ କରାଯାଉ ନାହିଁ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ସ୍ୱୀକାର କରିଛନ୍ତି ଯେ, ବର୍ତ୍ତମାନ ଲାଭଖୋରୀ ଯାଞ୍ଚ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ, ଯଦିଓ ସରକାର ଏହି ପ୍ରଶ୍ନ ଉପରେ ଚିନ୍ତା କରୁଛନ୍ତି । ଏହି ପରିସ୍ଥିତିରେ, ଯେତେବେଳେ **GST** ହାର ହ୍ରାସ କରାଯାଉଛି, ସେତେବେଳେ ବ୍ୟବସାୟୀମାନେ ସ୍ୱେଚ୍ଛାକୃତ ଭାବରେ ଏହି ଲାଭକୁ ଗ୍ରାହକଙ୍କୁ ହସ୍ତାନ୍ତର କରିବେ ବୋଲି ଆଶା କରିବା କେତେ ଯୁକ୍ତିଯୁକ୍ତ? ବଜାରରେ ପ୍ରତିଯୋଗିତା ଏବଂ ନୈତିକ ବ୍ୟବସାୟିକ ଅଭ୍ୟାସ ଉପରେ ନିର୍ଭର କରିବା ସାଧାରଣ ଗ୍ରାହକଙ୍କ ପାଇଁ ଯଥେଷ୍ଟ ନୁହେଁ ।

ଅତୀତର ଅନୁଭୂତିରୁ ଦେଖାଯାଇଛି ଯେ, କର ହ୍ରାସର ସମ୍ପୂର୍ଣ୍ଣ ଲାଭ ସବୁବେଳେ ଗ୍ରାହକଙ୍କ ପାଖରେ ପହଞ୍ଚି ନଥାଏ । ଅନେକ ସମୟରେ ବ୍ୟବସାୟୀମାନେ ନିଜର ଲାଭ ମାର୍ଜିନ ବଢ଼ାଇବା ପାଇଁ ଏହି ସୁଯୋଗକୁ ବ୍ୟବହାର କରିଥାନ୍ତି । ଉଦାହରଣ ସ୍ୱରୂପ, ୨୦୧୭ ମସିହାରେ **GST** ଲାଗୁ ହେବା ପରେ ଅନେକ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଥିଲା, ଯଦିଓ ସରକାର କର ହାର ହ୍ରାସ କରିଥିଲେ । ଏହାକୁ ରୋକିବା ପାଇଁ **NAA** ର ଆବଶ୍ୟକତା ପଡ଼ିଥିଲା । ବର୍ତ୍ତମାନ, ଯେତେବେଳେ ଘଇଇ ନାହିଁ, ସେତେବେଳେ ଏହି ସମସ୍ୟା ପୁଣିଥରେ ଦେଖାଦେବାର ଆଶଙ୍କା ରହିଛି। ବିରୋଧୀ ଦଳର କିଛି ରାଜ୍ୟ ମଧ୍ୟ **GST 2.0** ସଂସ୍କାରରେ ଲାଭଖୋରୀ ବିରୋଧୀ ବ୍ୟବସ୍ଥା ପୁନଃ ପ୍ରବର୍ତ୍ତନ କରିବାକୁ ଦାବି କରିଛନ୍ତି, ଯାହା ଏହି ଚିନ୍ତାକୁ ଆହୁରି ଦୃଢ଼ କରୁଛି ।

ଏହି ପରିସ୍ଥିତିରେ, ସରକାରଙ୍କୁ ଏକ ସ୍ପଷ୍ଟ ଏବଂ ପ୍ରଭାବଶାଳୀ ବ୍ୟବସ୍ଥା ଆଣିବାକୁ ପଡ଼ିବ, ଯାହା **GST** ହାର ହ୍ରାସର ଲାଭ ପ୍ରକୃତରେ ଉପଭୋକ୍ତାଙ୍କ ପାଖରେ ପହଞ୍ଚୁଛି କି ନାହିଁ, ତାହା ସୁନିଶ୍ଚିତ କରିପାରିବ । କେବଳ ବଜାର ଶକ୍ତି ଉପରେ ନିର୍ଭର କରିବା ଦ୍ୱାରା ସାଧାରଣ ଜନତା କ୍ଷତିଗ୍ରସ୍ତ ହେବେ । ସରକାର ଚାହିଁଲେ, ପ୍ରତିଯୋଗିତା ଆୟୋଗ (**Competition Commission of India - CCI**) କୁ ଏହି ଦାୟିତ୍ୱ ଦେଇପାରନ୍ତି କିମ୍ବା ଏକ ଅସ୍ଥାୟୀ ବ୍ୟବସ୍ଥା ମାଧ୍ୟମରେ ଅଭିଯୋଗ ଗ୍ରହଣ କରିବାକୁ ପଦକ୍ଷେପ ନେଇପାରନ୍ତି । ଅନ୍ୟଥା, **GST** ହାର ହ୍ରାସର ଉଦ୍ଦେଶ୍ୟ କେବଳ କାଗଜପତ୍ରରେ ସୀମିତ ରହିବ ଏବଂ ଏହାର ପ୍ରକୃତ ଲାଭ ସାଧାରଣ ଜନତାଙ୍କୁ ମିଳିବ ନାହିଁ । ସରକାର ଯେଉଁ **'GST 2.0'**କୁ ସାଧାରଣ ମଣିଷ ଏବଂ **MSME** ର ଆଶା ଆକାଂକ୍ଷାକୁ ଉଜ୍ଜୀବିତ କରିବା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ଭାବରେ ଦେଖୁଛନ୍ତି, ତାହା କେବଳ ସେତେବେଳେ ସଫଳ ହେବ ଯେତେବେଳେ ଏହାର ଲାଭ ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଞ୍ଚିବ । ତେଣୁ, ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ସରକାରଙ୍କୁ ତୁରନ୍ତ ଧ୍ୟାନ ଦେବାକୁ ପଡ଼ିବ । ନଚେତ୍, ଏହି ସଂସ୍କାର କେବଳ ବ୍ୟବସାୟୀମାନଙ୍କ ପାଇଁ ଲାଭଦାୟକ ହୋଇ ରହିଯିବ ।

# ପବିତ୍ର ଗୁରୁଦିବସର ଅନୁଚିନ୍ତା



ଭୋଳାନାଥ ସାହୁ



ସମଗ୍ର ବିଶ୍ୱ ଯେତେବେଳେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦୁଇଭାଗରେ ବିଭକ୍ତ ହୋଇ ଆଧ୍ୟାତ୍ମିକ ବ୍ୟାକୁଳତାରେ ଅଥୟ ଅଧିର ହୋଇପଡୁଥିଲା ଠିକ୍ ସେହିସମୟରେ ଯେଉଁ

କେତେକ ମୁଷ୍ଟିମେୟ ଜ୍ଞାନୀ ଗୁଣୀ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସମ୍ପର୍କର ସେତୁବନ୍ଧ ବାନ୍ଧିବାରେ ବିଭିନ୍ନ ସହଯୋଗର ହାତ ବଢ଼ାଇଥିଲେ ସେମାନଙ୍କ ମଧ୍ୟରେ ଭାରତବର୍ଷର ଡ଼କ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଅନ୍ୟତମ ଉଜ୍ଜ୍ୱଳତମ ଜ୍ୟୋତିଷ୍କଟିଏ । ଅଧ୍ୟାପକ ହେବା ଜୀବନର ଲକ୍ଷ ନେଇ ଦୀର୍ଘ ୩୭ବର୍ଷର ଅଧ୍ୟାପନା ଜୀବନ ଭିତରେ ଦେଶ ଓ ବିଶ୍ୱପାଇଁ ସେ ହୋଇପାରିଛନ୍ତି ପ୍ରେରଣାର ଦେବଦୂତଟିଏ । ତାଙ୍କର ଜନ୍ମଦିନକୁ ଜାତୀୟ ଦିବସ ଭାବରେ ପାଳନ କରିବା ପାଇଁ ଜବାହରଲାଲ ନେହେରୁ ଙ୍କ ପ୍ରସ୍ତାବନାରେ ରାଧାକ୍ରିଷ୍ଣନ୍ ଶିକ୍ଷକଙ୍କ ସମ୍ମାନ ଉଦ୍ଦେଶ୍ୟରେ "ଗୁରୁଦିବସ" ଭାବରେ ପାଳନ କରିବା ପାଇଁ ମତ ଦେଇଥିଲେ । ୧୯୬୨ ମସିହାରୁ ସେ ଭାରତର ରାଷ୍ଟ୍ରପତି ପଦବୀରେ ଥିବା ଦିନଠାରୁ ଭାରତବର୍ଷରେ ତାଙ୍କର ଜନ୍ମଦିନକୁ ଗୁରୁଦିବସ ଭାବରେ ପାଳନ କରାଯାଇ ଆସୁଅଛି। ୧୯୯୪ ମସିହାରୁ ୟୁନେସ୍କୋ ସୁପାରିଶ ଅନୁସାରେ ଅକ୍ଟୋବର ୫ ତାରିଖକୁ "ବିଶ୍ୱ ଗୁରୁଦିବସ" ଭାବରେ ପାଳନ କରାଯାଉଅଛି । ସେଦିନର ହସ୍ତରେଖା ବିଶାରଦ ଚେରିଓଙ୍କ ସତ୍ୟନିଷ୍ଠଗଣନା ପରିବାର ଓ ଦେଶବାସୀଙ୍କ ମନରେ ପ୍ରକୃତ ବିଶ୍ୱାସ ପ୍ରତିଷ୍ଠା କରିପାରିଛି । ଦେଶର ସର୍ବୋଚ୍ଚ ନାଗରିକ 'ରାଷ୍ଟ୍ରପତି' ପଦବୀ ତାଙ୍କର ଗଣନାର ଯଥାର୍ଥ ରୂପରେଖ ।

୧୯୮୮ ମସିହା ସେପ୍ଟେମ୍ବର ୫ ତାରିଖ ତାମିଲନାଡୁର ତିରୁତାନୀ ସହରରେ ପିତା ବିରାସ୍ୱାମୀ ଓ ମାତା ସୀତାମ୍ମାଙ୍କ କୋଳମଣ୍ଡନ କରିଥିଲେ ରାଧାକ୍ରିଷ୍ଣନ୍ । ସର୍ବପଲ୍ଲୀ ନାମକ ଗ୍ରାମରୁ ତାଙ୍କର ପୂର୍ବ ପୁରୁଷ ମାନେ ଅଷ୍ଟାଦଶ ଶତାବ୍ଦୀରେ ସ୍ଥାନାନ୍ତରିତ ହୋଇ ତିରୁତାନୀକୁ ଆସିଥିବାରୁ ପୂର୍ବପୁରୁଷ ତଥା ପୁଅ ନାତୀ ମାନଙ୍କ ନାମ ପୂର୍ବରୁ 'ସର୍ବପଲ୍ଲୀ' ଶବ୍ଦଟି ଯୋଡ଼ାଯାଇ ନାମକରଣ କରିଥିଲେ । ତିରୁତାନୀ ବୋର୍ଡ଼ ହାଇସ୍କୁଲରୁ ପ୍ରାଥମିକ, ତିରୁପତି ମିଶନ ସ୍କୁଲରୁ ଏମ୍.ଇ. , ଭେଲର ସ୍କୁଲରୁ ମ୍ୟାଟ୍ରିକ, ଭୁର୍‌ହି କଲେଜରୁ ୧୯୦୪ ମସିହାରେ ଆଇ.ଏ., ମାଡ୍ରାସ ଖ୍ରୀଷ୍ଟିୟାନ କଲେଜରୁ ୧୯୦୬ ମସିହାରେ ବି.ଏ. ଓ ୧୯୦୮ ମସିହାରେ ଦର୍ଶନଶାସ୍ତ୍ରରେ ଏମ୍.ଏ. ଶିକ୍ଷା ସମାପ୍ତି ପରେ ମାତ୍ର ୨୩ ବର୍ଷ ବୟସରୁ ଅର୍ଥାତ ୧୯୧୧ ମସିହାରୁ ମାଡ୍ରାସ ପ୍ରେସିଡ଼େନ୍ସି କଲେଜରେ ଅଧ୍ୟାପକ ଜୀବନ ଆରମ୍ଭ କରିଥିଲେ । ଅଧ୍ୟାପକ ହେବାର ଜୀବନର ଲକ୍ଷ ଥିବାରୁ ରାଧାକ୍ରିଷ୍ଣନ୍ ଅତ୍ୟନ୍ତ ଆନନ୍ଦିତ ହୋଇ ନିଜର ବୃତି ସାଧନରେ ଅବଶିଷ୍ଟ ଜୀବନ ବିତାଇ ଗୌରବାନ୍ୱିତ ହୋଇଥିଲେ । ମାତ୍ର ୩୦ ବର୍ଷ ବୟସରେ ୧୯୧୮ ମସିହାରେ ମହୀଶୂର ବିଶ୍ୱିଦ୍ୟାଳୟର ପ୍ରଫେସର ପଦବୀ ତାଙ୍କ ପାଇଁ ଗୌରବାବହ ଥିଲା । ୧୯୨୧ ମସିହାରେ ଯେତେବେଳେ ମହୀଶୂର ବିଶ୍ୱବିଦ୍ୟାଳୟ ଛାଡ଼ିଲେ ସେତେବେଳେ ମହୀଶୂର ବିଶ୍ୱବିଦ୍ୟାଳୟର କେବଳ ଦର୍ଶନ ବିଭାଗର ଶିକ୍ଷାର୍ଥୀ ନୁହେଁ, ସମସ୍ତ ବିଭାଗର ଶିକ୍ଷାର୍ଥୀ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ । ଏପରିକି ଏକ ଘୋଡ଼ା ଗାଡ଼ିରେ ଷ୍ଟେସନକୁ ଛାଡ଼ିବାକୁ ଯିବା ସମୟରେ ସମସ୍ତ ଶିକ୍ଷାର୍ଥୀ ଘୋଡ଼ାକୁ ଫିଟାଇଦେଇ ନିଜେ ଘୋଡ଼ାଗାଡ଼ିକୁ ଟାଣି ଟାଣି ନେଇଥିବାର ଦୃଷ୍ଟାନ୍ତ ତାଙ୍କ ବ୍ୟକ୍ତିତ୍ୱକୁ ଏକ ଉଚ୍ଚତମ ସୋପାନରେ ପହଂଚାଇ ପାରିଥିଲା ।

୧୯୨୩ ମସିହାରେ ଜେ.ବି.ଏସ୍. ହାଲଡ଼େନ୍ ରାଧାକ୍ରିଷ୍ଣନ୍‌ଙ୍କ ବ୍ୟକ୍ତିତ୍ୱରେ ଉଜ୍ଜ୍ୱଳ ଭବିଷ୍ୟତ ଦେଖିପାରିଥିଲେ । ତାଙ୍କ ପରାମର୍ଶରେ ୧୯୨୪ ମସିହାରେ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟକୁ ବକ୍ତବ୍ୟ ଦେବା ପାଇଁ ନିମନ୍ତ୍ରଣ ଓ ୧୯୨୬ ମସିହାରେ ଲଣ୍ଡନ ଠାରେ ସମସ୍ତ ବିଶ୍ୱବିଦ୍ୟାଳୟ ସମ୍ମିଳନୀରେ ଦେଇଥିବା ବକ୍ତବ୍ୟ ରାଧାକ୍ରିଷ୍ଣନ୍‌ଙ୍କ ବ୍ୟକ୍ତିତ୍ୱ ସମ୍ପର୍କରେ ସମଗ୍ର ବିଶ୍ୱକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଥିଲା । ୧୯୨୮ ମସିହାରେ ତାଙ୍କ ଲିଖିତ ସୁଦୀର୍ଘ ପୁସ୍ତକ "କଲ୍‌କୀ" ଯାହା ବିଜ୍ଞାନ ଓ ଗମନା ଗମନର ସୁବିଧା ବଢ଼ିଥିବାରୁ ପୃଥିବୀ ଛୋଟ ହୋଇଯାଇ ବାସିନ୍ଦାଙ୍କ ମଧ୍ୟରେ କିପରି ଦୂରତ୍ୱ ବଢ଼ାଇଛି ତାହାର ବାସ୍ତବ ଦିଗ୍‌ଦର୍ଶନ ସମଗ୍ର ବିଶ୍ୱବାସୀଙ୍କୁ ଚମତ୍କୃତ କରିଦେଇଥିଲା । ୧୯୩୦ ମସିହାରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ଅଭିଭାଷଣ ସାମ୍ପ୍ରଦାୟିକ ସଦ୍‌ଭାବ ନରହିଲେ ଦେଶର କ୍ଷତି ସମ୍ପର୍କରେ ସୂଚନା ସମସ୍ତଙ୍କୁ ଚକିତ କରିଥିଲା । ୧୯୩୧ ମସିହାରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ଗ୍ରହଣ କରିଥିଲେ । ମାତ୍ର ୫ ବର୍ଷ ମଧ୍ୟରେ ଏହାକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ପରିଣତ କରିବାର ପରାକାଷ୍ଠାକୁ ଦେଖି ରମଣ କହିଥିଲେ - "ରାଧାକ୍ରିଷ୍ଣନ୍‌ଙ୍କ କାର୍ଯ୍ୟାବଳୀ ଆରବ୍ୟ ରଜନୀର ଏକ କାହାଣୀ ପରି ମନେ ହୁଏ । ସତେ ଯେମିତି ରାଧାକ୍ରିଷ୍ଣନ୍ କୁହୁକ ବାଡ଼ିଟିଏ ଧରି ହଲେଇ କହିଲେ - ବିଶ୍ୱବିଦ୍ୟାଳୟଟିଏ ହୋଇଯାଉ ଏବଂ ତାହା ଛିଡ଼ା ହୋଇଗଲା ।" ୧୯୩୧ ମସିହାରୁ ୮ ବର୍ଷ ପାଇଁ 'ଆନ୍ତର୍ଜାତିକ ବୌଦ୍ଧିକ ସହଯୋଗ ସମିତି' ର ସଭ୍ୟପଦବୀ ଭାରତ ଗୌରବ ବୃଦ୍ଧିର ଅନ୍ୟତମ ପରିଚାୟକ । ୧୯୩୬ ମସିହାରେ ଇଂଲଣ୍ଡର ବିଖ୍ୟାତ ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ପ୍ରଫେସର ପଦବୀ କେବଳ ରାଧାକ୍ରିଷ୍ଣନ୍‌ଙ୍କ ବ୍ୟକ୍ତିତ୍ୱ ପାଇଁ ଯେତିକି ମହତ୍ୱପୂର୍ଣ୍ଣ ସମଗ୍ର ଭାରତ ପାଇଁ ସେତିକି ଗୌରବାବହ ଥିଲା । ଏସିଆ ମହାଦେଶରେ ପ୍ରଥମ ବ୍ୟକ୍ତି ଭାବରେ ସେ ଏହି ଗୌରବର ଅଧିକାରୀ । ୬ଜଣ ଭାରତୀୟଙ୍କୁ ଯଦି ଭାରତର ୬ଟି ପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥାନ୍ତା, ତେବେ ଦେଶର ସମ୍ମାନ ଯେତିକି ବଢ଼ିଥାନ୍ତା, ତା ଅପେକ୍ଷା ରାଧାକ୍ରିଷ୍ଣନ୍ ଅକ୍ସଫୋର୍ଡ଼ ବିଶ୍ୱବବିଦ୍ୟାଳୟର ପ୍ରଫେସର ହେବା ଦ୍ୱାରା ଭାରତର ଅଧିକ ସମ୍ମାନ ବୃଦ୍ଧି ପାଇଥିଲା । କୁହାଯାଏ - "ସ୍ୱଦେଶେ ପୂଜ୍ୟତେ ରାଜା, ବିଦ୍ୱାନ ସର୍ବତ୍ର ପୂଜ୍ୟନ୍ତେ ।" ରାଧାକ୍ରିଷ୍ଣନ୍‌ଙ୍କ ପ୍ରଫେସର ପଦବୀ ଏହି ସତ୍ୟତାକୁ ପ୍ରତିପାଦନ କରିଥିଲା । 'ଲେଖି ଭାଷଣ ପଢ଼ିବା ଓ ମନରୁ ଭାଷଣ ଦେବା' - ଏଦୁଇଟି ଭିନ୍ନ କଥା । ଅକ୍ସଫୋର୍ଡ଼ରେ ରାଧାକ୍ରିଷ୍ଣନ୍ ନଲେଖି ଦୀର୍ଘ ଭାଷଣ ଦେବା ସମଗ୍ର ଅକ୍ସଫୋର୍ଡ଼ର ପରମ୍ପରାକୁ ମାଟିରେ ମିଶାଇ ଦେଇଥିଲା । ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଧର୍ମ ମଧ୍ୟରେ ସାମଜଂସ୍ୟ ପ୍ରସଙ୍ଗରେ ବକ୍ତବ୍ୟ ଦେଇ ଦକ୍ଷିଣ ଆଫ୍ରିକାରେ କିଛିଦିନ ପାଇଁ ସେ ଉଜ୍ଜ୍ୱଳ ଆଲୋକ ଦେଖାଇଥିଲେ । ପରେ ଯେଉଁଠାରେ ଭାଷଣ ଦେଲେ ସବୁଠି ଭିଡ଼ ଦେଖାଦେଇଥିଲା । ଏହାପରେ କଲିକତା ବନାରସ ହିନ୍ଦୁ ବିଶ୍ୱବିଦ୍ୟଳୟର କୁଳପତି ଭାବେ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଆଣିଥିଲେ । ୧୯୪୦ ମସିହା ବେଳକୁ ଭାରତ ଉପରେ ଯୁଦ୍ଧର ଯେଉଁ କଳାବାଦଲ ଘନେଇ ଆସିଲା ଏହାର ସମାଧାନ ନିମନ୍ତେ ସନାତନ ଧର୍ମର ମୂଳ ତତ୍ତ୍ୱକୁ ବୁଝିଲେ ପୃଥିବୀରୁ ହିଂସା, କ୍ରୁରତା ଦୂରେଇଯିବ ବୋଲି ରାଧାକ୍ରିଷ୍ଣନ୍ ମତ ଦେଇଥିଲେ । ଶିକ୍ଷା କ୍ଷେତ୍ରରେ ପଦପଦବୀ ବଡ଼ ନୁହେଁ, ବରଂ ପଦ ପଦବୀରେ ଥାଇ ଦକ୍ଷ ପରିଚାଳନାହିଁ ସବୁଠାରୁ ବଡ଼ ବୋଲି ରାଧାକ୍ରିଷ୍ଣନ୍‌ଙ୍କ ମତ । ଶିକ୍ଷାକ୍ଷେତ୍ରରେ ତାଙ୍କର ବାଗ୍ମୀତା, ସତ୍ୟନିଷ୍ଠ ଭାବ ଓ ଦକ୍ଷ ପରିଚାଳନା ତାଙ୍କୁ ଉଚ୍ଚତମ ସୋପାନରେ ପଦାର୍ପଣ କରିବାର ମାର୍ଗ ଉନ୍ମୁକ୍ତ କରିଥିଲା । ନିଜର ଉଚ୍ଚକୋଟିର ସମ୍ଭାଷଣ ଦେଶବିକାଶର ଭିତି ପ୍ରତିଷ୍ଠା ସହିତ ମନୁଷ୍ୟର ପ୍ରକୃତ ହୃଦୟକୁ ଜୟ କରିପାରିଥିଲା । ନିଜେ ଜଣେ ଦକ୍ଷ ଶିକ୍ଷକ ଥିବାରୁ ଶିକ୍ଷା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ସେ ସ୍ପଷ୍ଟଥିଲେ । ତାଙ୍କର ଜନ୍ମଦିନକୁ 'ଗୁରୁଦିବସ' ଭାବରେ ପାଳନ କରାଯିବା ଦ୍ୱାର ଏ ଜାତିର ଶିକ୍ଷକ ସମାଜର ମାନବୃଦ୍ଧି ପାଇଛି ବୋଲି କୁହାଯାଇପାରେ । ୧୯୪୮-୪୯ ମସିହାରେ ବିଶ୍ୱବିଦ୍ୟାଳୟ ଶିକ୍ଷା କମିଟିର ଅଧକ୍ଷ ଭାବରେ ରାଧାକ୍ରିଷ୍ଣନ୍‌ଙ୍କ ବିବରଣୀ ସମଗ୍ର ଭାରତବର୍ଷରେ ଉଚ୍ଚ ଶିକ୍ଷା ବିକାଶର ଏକ କ୍ରାନ୍ତିକାରୀ ଅଧ୍ୟାୟ ସୃଷ୍ଟି କରିଥିଲା । ୧୯୪୯ ମସିହାରେ ରାଧାକ୍ରିଷ୍ଣନ୍ ରୁଷର ରାଷ୍ଟ୍ରଦୂତ ଭାବରେ ଯୋଗଦେଇ ସ୍ପଷ୍ଟ ମତ ଦେଇଥିଲେ ଯେ- 'ପୃଥିବୀରେ ଯେଉଁ ଯୁଦ୍ଧ ଭୟ ଗ୍ରାସ କରିଛି ସେଥିପାଇଁ ଆମେରିକା ଓ ରୁଷିଆ ଦାୟୀ । ୧୯୫୦ ମସିହାରେ ରାଧାକ୍ରିଷ୍ଣନ୍ ଙ୍କ ସହିତ ଆଲୋଚନା ପରେ ଷ୍ଟାଲିନ ମତ ଦେଇଥିଲେ - "ରାଧାକ୍ରିଷ୍ଣନ୍‌ଙ୍କ ବ୍ୟଥିତ ହୃଦୟରୁ ଶାନ୍ତି ବାର୍ତ୍ତା ବାହାରେ । ସାଧାରଣ ରାଷ୍ଟ୍ରଦୂତଙ୍କ ପରି ସେ ଶାନ୍ତି ବିଷୟରେ କହନ୍ତି ନାହିଁ ।" ୧୯୫୨ରୁ ଦୁଇ ଦୁଇଥର ଉପରାଷ୍ଟ୍ରପତି ପଦ ତୁଲାଇ ୧୯୬୨ ମସିହାରେ ବିପୁଳ ଭୋଟରେ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଥିଲେ । ରାଷ୍ଟ୍ରପତି ଭାବରେ ସେ ଏକମାତ୍ର ରାଷ୍ଟ୍ରପତି ଯିଏ ସପ୍ତାହରେ ଦୁଇଥର ଲୋକମାନଙ୍କ ଗୁହାରି ଶୁଣୁଥିଲେ । ୧୯୬୭ ଏପ୍ରିଲ ମାସ ଠାରୁ ୧୯୭୫ ଏପ୍ରିଲ ୧୭ରେ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ସାଧାରଣ ମଣିଷ ଭାବରେ ସେ ଜୀବନ ବିତାଇଥିଲେ । ବାଲ୍ୟକାଳରୁ ଦାରିଦ୍ରତା ମଧ୍ୟରେ ସଂଗ୍ରାମ କରି ରାଷ୍ଟ୍ରପତି ପଦରେ ଅଭିଷିକ୍ତ ବ୍ୟକ୍ତିଙ୍କ ଜନ୍ମଦିନକୁ ଗୁରୁଦିବସ କାହିଁକି ଆହୁରି କିଛି ବଡ଼ ସମ୍ମାନ ଦିବସ ଭାବରେ ପାଳନ କରାଯିବା ଉଚିତ । ଜଣେ ଅପ୍ରତିଦ୍ୱନ୍ଦ୍ୱି ଶିକ୍ଷାବିତ, ରାଷ୍ଟ୍ର ନାୟକଙ୍କ ଜନ୍ମଦିନକୁ ଗୁରୁଦିବସ ଭାବରେ ପାଳନ କରାଯାଉଥିବାରୁ ଆଜି ଶିକ୍ଷକ ସମାଜ ଗର୍ବ ଅନୁଭବ କରନ୍ତି । ମାତ୍ର କେତେକ ଶିକ୍ଷକଙ୍କ କର୍ତବ୍ୟ ଆଜିର ଶିକ୍ଷା ବ୍ୟବସ୍ଥା ନିମନ୍ତେ ବିଡ଼ମ୍ବନା ସୃଷ୍ଟିକାରୀ । ଏଥିନିମନ୍ତେ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗୁରୁ ଯଦି 'ଗୁ' 'ରୁ' ନହୁଅନ୍ତି ତେବେ ସେ କି ଗୁରୁ । ଆଜିର ପବିତ୍ର ଦିବସରେ ଏମାନଙ୍କର ଭୂମିକାକୁ ବ୍ୟାଖ୍ୟା ନକରି ଗୁରୁ ନାଂ ଗୁରୁଙ୍କୁ ଶତକୋଟି ନମନ ଜଣାଉଛି ।

+ପ୍ରାକ୍ତନ ପ୍ରାଧାପକ ଓ ମୁଖ୍ୟ
ଶିକ୍ଷାବିଭାଗ,
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

# ଆଫଗାନରେ ଭୂମିକମ୍ପ ବିପର୍ଯ୍ୟାୟ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଆଫଗାନିସ୍ଥାନର ପୂର୍ବାଚଂଳ ସ୍ଥିତ ଜଳାଲବାଦ ଓ ନାଙ୍ଗାହାର ପ୍ରୋଭିନସ୍‌ରେ ଗଲା ସୋମବାର ଦିନ ଶକ୍ତିଶାଳୀ ଭୂମିକମ୍ପ ପରେ ୧୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିବା ସହ ପ୍ରାୟ ୩୧୦୦ ଆହତ ହୋଇଥିବା ନେଇ ଯୁକ୍ତରାଷ୍ଟ୍ର ଆମେରିକାର ଭୂତତ୍ୱ ସର୍ଭେ ସୂତ୍ରରୁ ଜଣାଯାଇଛି। ପ୍ରଥମ ଭୂମିକମ୍ପ ଭୂପୃଷ୍ଠରୁ ୮କିଲୋମିଟର ଗଭୀରତାରେ କେନ୍ଦ୍ରୀଭୂତ ହୋଇଥିବାବେଳେ ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୩ ଥିଲା। ଏହାର ୧୪୦ କିଲୋମିଟର ଦୂରତାରେ ଆଉ ଏକ ଭୂକମ୍ପ ଅନୁଭୂତ ହୋଇଥିଲା। ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୪.୭ ଥିବା ରେକର୍ଡ କରାଯାଇଥିଲା। ଏହି ପ୍ରାକୃତିକ ବିପର୍ଯ୍ୟାୟର ପ୍ରଭାବ କୁନାର ଓ ନାଙ୍ଗାହାର ପ୍ରୋଭିନସ୍ ଧ୍ୱଂସର ତାଣ୍ଡବ କରିଥିଲା। ଯେଉଁଠାରେ ଉଦ୍ଧାର ଓ ରିଲିଫ ପାଇଁ ଉଦ୍ୟମ ଜାରି ରହିଛି। ଭୂମିକମ୍ପ ଦ୍ୱାରା ରାସ୍ତାଘାଟରେ ବଡ ବଡ ଫାଟ ସୃଷ୍ଟି ଯୋଗୁଁ ଉଦ୍ଧାର ଓ ରିଲିଫ ଗୁରୁତର ବାଧାପ୍ରାପ୍ତ ହୋଇଥିବାବେଳେ ହେଲିକେପ୍‌ଟର ଏକମାତ୍ର ସାହାରା ପାଲଟିଛି। ଘରର ଭଗ୍ନସ୍ତୁପ ତଳୁ ଜୀବନ୍ତ ଓ ମୃତବ୍ୟକ୍ତିମାନଙ୍କୁ ଖୋଜି ଉଦ୍ଧାର କାର୍ଯ୍ୟ ଜାରୀ ରହିଛି। କିନ୍ତୁ ସୀମିତ ସମ୍ବଳ ତଥା ବ୍ୟବସ୍ଥା ଏବେ ଆଫଗାନର ତାଲିବାନ ସରକାରଙ୍କ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୨୧ରେ ଯୁକ୍ତରାଷ୍ଟ୍ର ଆମେରିକା ଆଫଗାନରୁ ସେନା ପ୍ରତ୍ୟାହାର କରି ନେବା ପରେ ତାଲିବାନ ସରକାର କେବଳ ବିଶ୍ୱ ସମୁଦାୟରେ ଏକ ଘରକିଆ ହୋଇନାହିଁ ବହୁ ବାସନ୍ଦ କଟକଣାର ଶିକାର ହୋଇଛି। ରୁଷିଆ ବ୍ୟତୀତ ବିଶ୍ୱର ଅନ୍ୟ କୌଣସି ଦେଶ ସ୍ୱେଚ୍ଛାଚାରୀ ତାଲିବାନ ସରକାରଙ୍କୁ ମାନ୍ୟତା ନେଇନଥିବାରୁ ଆଫଗାନର କୌଣସି ଦେଶସହ କୁଟନୈତିକ ସମ୍ପର୍କ ନାହିଁ କିମ୍ବା ଦୁର୍ବଳ ରହିଛି। ଭାରତ ତାଲିବାନ ସରକାରଙ୍କୁ ମାନ୍ୟତା ଦେଇନଥିବା ସତ୍ତ୍ୱେ ଦୁଇଦେଶ ମଧ୍ୟରେ କୁଟନୈତିକ ସମ୍ପର୍କରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇଛି। ଆଫଗାନ ଏହି ପ୍ରାକୃତିକ ବିପର୍ଯ୍ୟାୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୃତାହତଙ୍କ ପରିବାର ବର୍ଗଙ୍କ ପାଇଁ ଗଭୀର ସମବେଦନା ଜଣାଇବା ସଙ୍ଗେ ସଙ୍ଗେ ଦୁର୍ଗତଙ୍କ ପାଇଁ ପ୍ରଥମ ରିଲିଫ ସାମଗ୍ରୀ ପଠାଇଛନ୍ତି। ଏଥିରେ ୧୦୦୦ ଫ୍ୟାମିଲି ତମ୍ବୁ ଏବଂ ୧୫ଟନ ଖାଦ୍ୟ ସାମଗ୍ରୀ ପଠାଇଛନ୍ତି। ଆହୁରି ରିଲିଫ ସାମଗ୍ରୀ ପଠାଇବା ପାଇଁ ଭାରତ ସରକାର ସୂଚନା ଦେଇଛନ୍ତି ତେବେ ବିଶ୍ୱର ଅନ୍ୟକୌଣସି ରାଷ୍ଟ୍ର ରିଲିଫ ସାମଗ୍ରୀ ପଠାଇନଥିବାବେଳେ ମିଳିତ ଜାତିସଂଘ ଓ ଆନ୍ତର୍ଜାତିକ ମାନବିକ ସହାୟତା ସଂସ୍ଥାଗୁଡିକ ସେମାନଙ୍କର ସମବେଦନା ଜଣାଇଥିବାବେଳେ ଆହତ ଚିକିତ୍ସା ଓ ଭୂକମ୍ପ ପ୍ରପିଡିତ ଅଂଚଳରେ ରିଲିଫ ସହାୟତା ଲାଗି ଘୋଷଣା କରିଛନ୍ତି। ଏହା ସତ୍ୟ ଯେ, ଏସୀଆ ମହାଦେଶରେ ଆଫଗାନିସ୍ଥାନ ସର୍ବାଧିକ ବିପର୍ଯ୍ୟାୟ ପ୍ରବଣ ରାଷ୍ଟ୍ରଙ୍କ ମଧ୍ୟରେ ଅନ୍ୟତମ। ଆଫଗାନର ଭୌଗୋଳିକ ସ୍ଥିତି ଯେପରି ଜଟିଳ, ଏହାର ଶାସନ ବ୍ୟବସ୍ଥା ମଧ୍ୟ ଜଟିଳ। ଯେଉଁଥିପାଇଁ ଆଫଗାନ ବାରମ୍ବାର ଉଭୟ ପ୍ରାକୃତିକ ଓ ଶାସନଗତ ବିପର୍ଯ୍ୟାୟର ସମ୍ମୁଖୀନ ହୋଇ ଆସୁଛି। ହିନ୍ଦୁକୁଶ ପାର୍ବତ୍ୟମାଳାର ପ୍ରାନ୍ତ ସଂଲଗ୍ନ ଆଫଗାନସ୍ଥାନ ଭାରତୀୟ ଓ ୟୁରୋପୀୟ ଟେକ୍ଟୋନିକ ପ୍ଲେଟଗୁଡିକର ମିଳନ ସ୍ଥଳରେ ଥିବା ଏକାଧିକ ଫଲ୍ଟଲାଇନ ଉପରେ ଅବସ୍ଥିତ ଥିବାରୁ ବାରମ୍ବାର ଭୂମିକମ୍ପର ଶିକାର ହୋଇଆସୁଛି। ଉଲ୍ଲେଖ କରାଯାଇପାରେ ବର୍ତମାନ ସୁଦ୍ଧା ୧୨ଥର ଶକ୍ତିଶାଳୀ ଭୂମିକମ୍ପର ସମ୍ମୁଖୀନ ହୋଇଛି। ରିକ୍ଟର ସ୍କେଲରେ ଯାହାର ତୀବ୍ରତା ୭ରୁ ଅଧିକ ଥିବା ଜଣାଯାଏ। ଗତ ୨୦୨୧ରେ ତାଲିବାନ ସଂଗଠନ ଆଫଗାନରେ କ୍ଷମତା ଅକ୍ତିଆର କରିବା ପରଠାରୁ ଏହା ହେଉଛି ତୃତୀୟ ଭୂମିକମ୍ପ। ୨୦୨୨ ଜୁନରେ ଖୋସ୍ତ ପ୍ରଦେଶରେ ଭୂମିକମ୍ପ ଯୋଗୁଁ ୧୩୦୦ ଲୋକଙ୍କର ମୃତ୍ୟୁ ଘଟିଥିଲା। ଆହୁରି ମଧ୍ୟ ୨୦୨୩ ଅକ୍ଟୋବର ୭ରେ ହେରାତ ପ୍ରଦେଶରେ ୬.୩ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଥିବାବେଳେ ଏଥିରେ ୪୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। କେବଳ ଏତିକି ନୁହେଁ ବିଗତ ୧୦୦ବର୍ଷ ମଧ୍ୟରେ ଅନେକ ଥର ୫ ତୀବ୍ରତାରୁ କମ୍ ଭୂକମ୍ପ ଝଟକା ମଧ୍ୟ ଆସିଛି। ତେବେ ଏଥିରେ କେହି ମୃତାହତ କିମ୍ବା କ୍ଷୟକ୍ଷତି ହୋଇନଥିବା ଜଣାଯାଏ। ଭୂମିକମ୍ପ ଆଫଗାନର ଚୀର ହୋଇଥିବା କୁହାଯାଇପାରେ। ସେହିପରି ଆଫଗାନସ୍ଥାନ ଗଲା ଦଶନ୍ଧି ଦଶନ୍ଧ ଧରି ହିଂସା, ଲଢେଇ, ରକ୍ତପାତ ଲାଗି ରହିଛି। ଯାହାର ପରିଣତି ସ୍ୱରୁପ ଦେଶର ଆର୍ଥୀକ ସ୍ଥିତି ଦୁର୍ବଳ ହୋଇଯାଇଛି। ଦାରିଦ୍ର୍ୟ ଆଫଗାନର ସହଚର ହୋଇଯାଇଥିବା କହିଲେ ଅତ୍ୟୁକ୍ତି ହୋଇନପାରେ। ତାଲିବାନ ମୌଳବାଦୀ ଶାସନ ଦେଶକୁ ଏକ ଘରକିଆ କରିଦେଇଛି। ଏପରି ସ୍ଥଳେ ବିପନ୍ନଙ୍କୁ ସହାୟତା ତଥା ଖାଦ୍ୟ, ପାନୀୟ, ଔଷଧ ଏବଂ ଆଶ୍ରୟ ନିହାତି ଆବଶ୍ୟକ। ରିଲିଫ ସହାୟତା ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଷ୍ଟ୍ରଗୁଡିକ ଆଗେଇ ଆସିବା ଉଚିତ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ: ୭୯୭୮୬୬୬୪୦୩

କବିତା କୋଣାର୍କ

## ସଂମୂଢ଼ଚେତା

ଚିନ୍ମୟ କୁମାର ପଣ୍ଡା



କହିପାରିଲିନି ସେଇ କଥା
କାଳେ ବଙ୍କା ହୋଇଯିବ ଶବ୍ଦ,
ଖସିପଡିବ ଦିଗ୍ ବଳୟ......
ସମାଧିରୁ ନିର୍ଜୀବ ମାନେ
ସଜୀବ ହୋଇ ଉଠିବେ......
ଶୁଣିଛି, ତୁମେ କୁଆଡେ ନ୍ୟାୟଧୀଶ ?
ନ୍ୟାୟକର
ମିଛ - ସତ,
ପାପ - ପୂଣ୍ୟ,
ଦୋଷୀ - ନିର୍ଦ୍ଦୋଷର....
ପଢ଼ି ପାର ଭାଗ୍ୟରେଖା ଅନ୍ୟର,
କୁଆଡେ ତମେ ଫେସ୍-ରିଡର୍..... ?
ହସ ଲାଗେ,
ମାଟି ପାଇଁ, ସମାଜ ପାଇଁ, ବନ୍ଧୁ ପାଇଁ,
ଏଇଆ କରିବି, ସେଇଆ କରିବି,
ଜପୁଥିବା ଡ଼ାହା ମିଛୁଆ ଟେ ।
କ୍ଷମତା ଓ ସିଂହାସନ ପାଇଁ
ଧଳାକୁ କଳା,
କଳାକୁ ଧଳା,
କରିବାରେ ଏକଦମ୍
ଓସ୍ତାଦ ତମେ....
ହଁ- ହଁ ତମେ ଧୃତରାଷ୍ଟ୍ର;
ଅବିବେକୀ, ସଂମୂଢ଼ଚେତା !
ଭରସାହୀନ ଗହଳି ଭିତରୁ
ଲୋଡା ନାହିଁ
ତୁମ ମିଛ ଶୁଭେଚ୍ଛା...
ପ୍ରଶଂସା - ଭଲପାଇବା,
ଦରକାର ନାହିଁ
ତୁମ ଅପରିଷ୍କାର ମୁର୍କି ହସ
ଭାବରଙ୍ଗର ଚାହାଁଣି.......
କିଏ ଭୁଲ୍ କିଏ ଠିକ୍
ଚୁଲିକି ଯାଉ ତୁମ ହିସାବ- ନିକାଶ...

+ ମଥୁରା, କଳାହାଣ୍ଡି
ମୋ: ୭୦୭୭୫୧୬୭୪୧

## ମନ ତଳର ନିଆଁ

ରମାକାନ୍ତ ଦାସ



ମୋ ମନ ତଳର ନିଆଁରେ
ପ୍ରତି ମୁହୂର୍ତ୍ତରେ ଜଳୁଥାଏ
କିଛି ଗତ ଅନୁଭୂତି
କିଛି ସ୍ୱପ୍ନ କିଛି ସ୍ମୃତି
ଉପରୁ ନଜର ନ ଆସୁଥିଲେ ବି
ଭିତରେ କୁହୁଳୁ ଥାଏ ମୋ ଅସ୍ତିତ୍ୱ ।।

ସଂଜ ସକାଳର ସମୟ ଚକ୍ରରେ
ପେଷି ହୁଏ ମୋ ଜୀବନ
ଓଠ ସ୍ପର୍ଶକରେ ଆଖିର ଲୁହକୁ
ହୃଦୟ ଚାପିରଖେ ଅନେକ କୋହକୁ
ପରିସ୍ଥିତିର ଅନ୍ତରାଳେ ହୁଏ ଅସହାୟ
ମନରେ ଉଙ୍କିମାରେ ଜିତିବାର ଆଶା
ମନକୁ ଭୟଭିତ କରେ
ହାରିବାର ଭୟ
ମୋ ମନ ତଳର ନିଆଁକୁ ଲିଭାୟେ
ମୋ ଆଖିର ଅସରନ୍ତି ଲୁହ ।।

+ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ: ୯୬୬୮୮୧୫୩୬୯

# ଆତ୍ମନିର୍ଭରତା..

## ମନୋଜ କୁମାର ବେହେରା



ମା'.. ମା'.. କେତେଥର କହିବି ତୁମକୁ ମୋ ନୂଆ ଲ୍ୟାପଟପ୍ ବିଷୟରେ କ'ଣ ହେଲା ? ସୋନୁ ପଚାରିଲା ବେବିକୁ ।

ଟଙ୍କା ମିଳିଲେ ସାଙ୍ଗେ ସାଙ୍ଗେ କିଣି ଦେବି ପୁଅ ! ଧୀରେ ଉତ୍ତର ଦେଲା ବେବି ।

ମାନେ.. ଟଙ୍କା ମିଳିଲେର ମାନେ କ'ଣ ମୁଁ ବୁଝି ପାରୁନି ? ତୁମକୁ ଜଣା ଅଛି ନା' ମୋ ପାଠପଢା ଆଉ ପ୍ରୋଜେକ୍ଟର କେତେ କ୍ଷତି ହେଉଛି । ରେଜଲ୍ଟ ଖରାପ ହେଲେ ପଛରେ ମୋତେ ଦୋଷ ଦେବ ନାହିଁ.. ହେଲା । କହି ସୋନୁ ଫଁ.. ଫଁ.. ହେଲା ରାଗରେ ।

ହେଲେ ପୁଅ ତୁ ଯେଉଁ ମଡେଲର ଲ୍ୟାପଟପ୍ କିଣିବାକୁ ଚାହୁଁଛୁ ତାହା ତ ବହୁତ ମହଙ୍ଗା । ତୋ ବାପା ଏବେ ଏତେ ଟଙ୍କା କେଉଁଠୁ ଆଣିବେ ? ଘର ତିଆରି ସାଙ୍ଗକୁ ବୁଢୀମା'ଙ୍କର ଔଷଧ ଖର୍ଚ୍ଚ ଆଉ ତା' ସହିତ ତୋ ସେମିଷ୍ଟାରର ଫିସ୍ । କେତେ କଷ୍ଟରେ ବାପା ଏସବୁ ବୁଝୁଛନ୍ତି ତୁ କ'ଣ ଜାଣି ପାରୁନୁ ? ଏବେ ତୋ ଟ୍ୟୁସନ୍ ସାରଙ୍କର ଛଅମାସର ଦରମା ଦେବା ବାକି.., କହି ଚୁପ୍ ହେଇଗଲା ବେବି ।

ଏସବୁ କଥା ମୋତେ ତୁମେ ଏବେ କାହିଁକି କହୁଛ ? ମୋତେ ଇଂଜିନିୟରିଂ ପଢେଇବା ପୂର୍ବରୁ ତୁମର ଏସବୁ ବିଷୟରେ ଭାବିବା ଉଚିତ୍ ଥିଲା । ଯଦି ଟଙ୍କା ନଥିଲା ତେବେ..

ପୁଅର କଥା କଣ୍ଟା ଫୋଡିଲା ଭଳି ଫୋଡି ହେଇଗଲା ବେବି ଛାତିରେ । ପ୍ରତି ବର୍ଷ କଲେଜ ଫିସ୍,ସବୁ ବିଷୟର ଟ୍ୟୁସନ୍ ଫିସ୍ ପୁଣି ଅଲଗା ଯିବା-ଆସିବା ପାଇଁ ମୋଟର ସାଇକେଲ୍ କିଣି ଦିଆଗଲା କାଳେ ବସ୍‌ରେ ଯିବା ଆସିବାରେ ସମୟ ନଷ୍ଟ ହେଇଯିବ ବୋଲି । ଆଉ ଏବେ ଏତେ ମହଙ୍ଗା ଲ୍ୟାପଟପ୍‌ର ଖର୍ଚ୍ଚ,ଜଣେ ମଧ୍ୟବର୍ଗୀୟ ବାପ କରିବ ତ କେତେ କରିବ । ତା' ଉପରେ ଏତଦ୍ ବ୍ୟତୀତ ଆହୁରି ଅନେକ ଖର୍ଚ୍ଚ ଅଛି ଯାହାକୁ ଟାଳି ଦେଇ ହେବ ନାହିଁ । ଯେମିତି ଘର ତିଆରି ଖର୍ଚ୍ଚ ସାଙ୍ଗକୁ ମା'ଙ୍କର ଔଷଧ ଖର୍ଚ୍ଚ । ଏବେ ପୁଣି ପାଠ ପଢା ଆହୁରି ଦୁଇ ବର୍ଷ ବାକି ଅଛି । ସେଥିରେ ପୁଣି ପୁଅ ଏମତି ଦେଖୋଉଛି ଯେମିତି ଆମ ସ୍ୱପ୍ନ ପୁରା କରିବା ପାଇଁ ସେ ଇଂଜିନିୟରିଂ ପଢୁଛି । ସତେ ଯେମିତି ଦୟା କରୁଛି ଆମ ଉପରେ । ଚୁପ୍‌ଚାପ୍ ବେବି ଚାଲି ଆସିଲା ଅଗଣାକୁ ।

ମନ ଭିତରେ ବହୁତ ଦୁଃଖୀ ଥିଲା ପୁଅର ବ୍ୟବହାରରେ । ଗୋଟିଏ ପିଲା ପଡୋଶୀଙ୍କର ଗାଡି ଧୋଉଥିଲା । ସୋନୁର ସମ ବୟସ୍କ ହେବ । ସହସା କରୁଣା ଜାତ ହେଲା ବେବି ମନରେ ତା' ପ୍ରତି । ପଢିବା ବୟସରେ ବିଚରା ପରିଶ୍ରମ କରି ପରିବାର ପାଇଁ ଟଙ୍କା ରୋଜଗାର କରୁଛି ।

କେତେ ଯାଏଁ ପଢିଛ ପୁଅ । ଅଚାନକ ବାହାରି ପଡିଲା ବେବି ମୁହଁରୁ ।

ପିଲାଟି ଟିକିଏ ଉପରକୁ ଅନେଇ ହସିଦେଲା ଆଉ କହିଲା ଇଂଜିନିୟରିଂର ତୃତୀୟ ବର୍ଷରେ ଆଣ୍ଟି ।

କ'ଣ..ଇଂଜିନିୟରିଂ.. ? ଚମକି ପଡିଲା ବେବି । ତୁମେ ତ କାମ କରୁଛ,ତା'ହେଲେ ପଢୁଛ କେତେବେଳେ ?

ସକାଳେ କାମ କରେ, ସାଢେ ନଅଟା ବେଳେ କଲେଜ ଯାଏ, ପାଠପଢା ବସରେ ଯିବା ଆସିବାରେ କିଛିଟା କରିନିଏ । ସନ୍ଧ୍ୟା ଟାଇମ୍‌ରେ ପାଞ୍ଚ ଘଣ୍ଟା ଜୋମାଟୋରେ ଡେଲିଭରି ବଏର କାମ କରେ । ତା'ପରେ ରାତିରେ ଦୁଇ ଘଣ୍ଟା ପଢେ । ବାପା ଲୁଗାପଟା ଇସ୍ତ୍ରୀ କରିବା କାମ କରନ୍ତି ତ ମୋ ଫିସ୍ ଦେଇ ପାରିବେନି । ତେଣୁ ମୁଁ ନିଜ ଫିସ୍ ନିଜେ ରୋଜଗାର କରେ। ଶନି ଆଉ ରବିବାର ଇଂଜିନିୟରିଂ ପ୍ରଥମ ବର୍ଷର ପିଲାଙ୍କୁ ଟ୍ୟୁସନ୍ କରେ । ଅତି ସହଜରେ କହିଲା ସେ ।

ମୋ..ବାପାଙ୍କୁ କହିଦେବ ମୋତେ ଆଜି ହିଁ ଲ୍ୟାପଟପ୍ ଦରକାର । ନହେଲେ କାଲିଠୁ ମୁଁ କଲେଜ ଯିବିନି । ବେବି କାନରେ କିଛି ସମୟ ତଳେ ସୋନୁ କହିଥିବା ଏହି କଥା ଗୁଞ୍ଜରିତ ହେଉଥିଲା । ଅଚାନକ ସେ ସେହି ପିଲାଟିକୁ ପଚାରିଲା, ତୁମକୁ ରାଗ ମାଡୁନି, ଏଥିପାଇଁ କି ତୁମକୁ କଷ୍ଟ କରି ଉପାର୍ଜନ କରି ପଢିବାକୁ ପଡୁଛି । ତୁମ ବାପା.. କେବେ ମନା କରନ୍ତିନି ପାଠପଢା ଛାଡି ଦେବା ପାଇଁ..

କେବେବି ନୁହେଁ ମ୍ୟାଡାମ୍ । ମୁଁ ପାଠ ପଢିଲେ ମୋ ଭବିଷ୍ୟତ ହିଁ ସୁଧୁରିବ । ମୁଁ ମୋ ବାପା-ମା'ଙ୍କ ଉପରେ କୌଣସି ଦୟା କରୁନାହିଁ । ବରଂ ନିଜ ଜୀବନକୁ ନିଜେ ଗଢୁଛି । ଅତି ସହଜ ଭାବରେ କହିଲା ପିଲାଟି ।

ଲ୍ୟାପଟପ୍ ପାଇଁ ମା' ପାଖରେ ଜିଦ୍ କରିବାକୁ ଆସୁଥିବା ସୋନୁର ପାଦ ଆପେ ଆପେ କବାଟ ପାଖରେ ଅଟକି ଗଲା ସେହି ପିଲାର କଥା ଶୁଣି । କାହିଁକିନା ସେ ପିଲା ଆଉ କେହି ନୁହେଁ ସୁରଜ ଥିଲା ଯିଏ ତା' କଲେଜରେ ପଢୁଥିଲା ଆଉ ଟପ୍ କରୁଥିଲା ପ୍ରତି ବର୍ଷ ।

+ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ

# ଅକଳ ମକଳ ଟକଳ ଟିଆଁ....

## ରାମଚନ୍ଦ୍ର ବେହେରା

ଅକଳ ମକଳ ଟକଳ ଟିଆଁ
କୁନା ହସୁଅଛି ବାଡିରେ କିଆଁ
ଶରତ କାଳ ଆସିଛି
ଘାସ ପତରରେ ଶିଶିରର ଶୋଭା
କୁନାର ମନ ମୋହିଛି ।

ଲଘୁଚାପ ଯୋଗୁଁ ହେଲା ବରଷା
ଜନମ ଲଭିଲେ ଏଡିସ୍ ମଶା
ପରେ ପଶି ଛୁପି ଛୁପି
ଦିନ ସମୟରେ କାମୁଡିଲେ ଜନେ
ଡେଙ୍ଗୁ ଜ୍ୱର ଗଲା ବ୍ୟାପି ।

ଅକଳ ମକଳ ଟକଳ ଟିଆଁ
ନମାନଇ ସିଏ ସହର ଗାଆଁ
ସତର୍କ ରହିବା ଆମେ
ପାଣି ଜମିଥିବା ଜାଗା ବୁଲିବୁଲି
ଲାଗିବା ସଫେଇ କାମେ ।

ଘରକୁ ରଖିବା ସ୍ୱଚ୍ଛ ନିର୍ମଳ
ଦେହକୁ ଘୋଡେଇ କାଟିବା କାଳ
ଦୂରେଇ ପରାଣୁ ଭୀତି
ଘର ରନ୍ଧା ଖାଦ୍ୟ ଫଳରସ ଆଦି
ସେବନ କରିବା ନିତି ।

ଅକଳ ମକଳ ଟକଳ ଟିଆଁ
ଡେଙ୍ଗୁ ବୋଲି ହେବା ନାହିଁ ଛାନିଆ
ରକତ ପରୀକ୍ଷା କରି
ଔଷଧ ଖାଇବା ବିଶ୍ରାମ କରିବା
ଡେଙ୍ଗୁ ନିଶ୍ଚେ ଯିବ ଫେରି ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



# ଉପହାର

## ସୁବ୍ରତ କୁମାର ଦାସ



ସେଦିନ ସ୍କୁଲରେ ପିଲାମାନଙ୍କୁ ଗୁରୁମା ଚକୋଲେଟ ବାଣ୍ଟୁଥିବାର ଦେଖି ସୋନୁ ପଚାରିଲା, ଗୁରୁମା ଆଜି କଣ କି ! ଗୁରୁମା କହିଲେ , ଆଜି ତୁମର ଜଣେ ସହପାଠୀ ବିନୁର ଜନ୍ମଦିନ। ସେଥିପାଇଁ ବିନୁର ବାପା, ମା ବିଦ୍ୟାଳୟର ସବୁ ପିଲାମାନଙ୍କୁ ଚକୋଲେଟ ବାଣ୍ଟିବା ସହ ଗୁରୁମା, ଗୁରୁଜୀଙ୍କ ପାଇଁ ମିଠା ଲଡୁ ବାଣ୍ଟୁଥିଲେ। ସୋନୁ ମନରେ ପ୍ରଶ୍ନ ଉଙ୍କି ମାରିଲା, ମୋ ଜନ୍ମଦିନ ଆସିଲେ ମୁଁ ମଧ ମୋ ସହପାଠୀ ଭାଇ, ଭଉଣୀଙ୍କୁ ଚକୋଲେଟ ବାଣ୍ଟିବି । ସନ୍ଧ୍ୟାରେ ସୋନୁ ମା'କୁ ପଚାରିଲେ, ମା ଜନ୍ମଦିନରେ ଆମର ତ କେକ୍ କଟାଯାଏ, ବହୁତ ଲୋକ ଆସନ୍ତି । କିଏ ଚକୋଲେଟ, କିଏ ବେଲୁନ, କିଏ ଟେଡି, ଆଉ କିଏ ନୂଆ ଡ୍ରେସ ଦିଅନ୍ତି । ମା ' କହିଲେ, ହଁ ସେଇଟା ଉପହାର ଦିଆଯାଏ। ସମସ୍ତ ଗୁରୁଜନ ମାନେ ଆଶୀର୍ବାଦ କରନ୍ତି । ସାଙ୍ଗ ସାଥି ସହପାଠୀ ମାନେ ଶୁଭେଚ୍ଛା ଜଣାନ୍ତି। ଜନ୍ମଦିନଟା ସମସ୍ତେ ମନେରଖିବା ପାଇଁ ଉତ୍ସବ ପାଳନ କରନ୍ତି । ତେବେ ସୋନୁ ଖୁବ୍ ଖୁସି ହୋଇଗଲା। ଆଉ ମାତ୍ର ଅଳ୍ପ ଦିନ ପରେ ସୋନୁର ଜନ୍ମଦିନ ପାଳନ ହେବ। ସୋନୁ ତାର ସାଙ୍ଗ ମାନଙ୍କ ନାମ କହିଗଲା। ସମସ୍ତଙ୍କୁ ସେ ଜନ୍ମଦିନରେ ନିମନ୍ତ୍ରଣ କରିବ। ଘରେ ଭୋଜନର ବ୍ୟବସ୍ଥା ହେବ, କେତେ ବରାଦିର ଖାଦ୍ୟ ପାଇଁ ମାଙ୍କୁ ପ୍ରସ୍ତାବ ଦେଲା । ମା କହିଲେ, ଧନରେ ତୋ କହିବା ଅନୁଯାୟୀ ବାପା ସମସ୍ତଙ୍କ ପାଇଁ ଭୋଜିର ଆୟୋଜନ କରିଛନ୍ତି । ଜନ୍ମଦିନଟି ଧୁମ୍‌ଧାମରେ ପାଳନ ହେବ। ସେଦିନ ସୋନୁର ଜନ୍ମଦିନ ଥିଲା । ବଡି ଭୋର୍ ଉଠି ଠାକୁରଙ୍କ ଦର୍ଶନ ପାଇଁ ସୋନୁ ବାପା ମା'ଙ୍କ ସହ ମନ୍ଦିର ଗଲା । ଠାକୁରଙ୍କ ପାଖରେ ପୂଜା ସାରି ପାଖ ପଡୋଶୀଙ୍କୁ ପ୍ରସାଦ ବାଣ୍ଟିଲେ। ତାପରେ ବାପାଙ୍କ ସହ ସ୍କୁଲକୁ ଯାଇ ସବୁ ସାଙ୍ଗ ପିଲାଙ୍କୁ ଚକୋଲେଟ ବାଣ୍ଟିଲା। ସମସ୍ତ ଗୁରୁଜୀ, ଗୁରୁମାଙ୍କୁ ପ୍ରଣାମ କରିବା ସହ ସନ୍ଧ୍ୟାରେ ଘରେ ଜନ୍ମଦିନ ପାଳନ ବେଳେ ଉପସ୍ଥିତ ରହି। ପ୍ରସାଦ ସେବନ ପାଇଁ ନିମନ୍ତ୍ରଣ କଲା । ସୋନୁର ମନ ଖୁବ୍ ଆନନ୍ଦରେ ନାଚି ଉଠୁଥାଏ । ସକାଳୁ ହଳଦୀ ପାଣିରେ ଗାଧୋଇ ନୂଆ ଜାମା, ନୂଆ ଜୋତା, ମଉଜା ପିନ୍ଧି ମଥାରେ ସିନ୍ଦୂର, ଚନ୍ଦନ ଟୋପା ଲଗାଇଥାଏ । ଦେହରେ ସୁବାସିତ ଅତର ଚନ୍ଦନ ଚନ୍ଦନ ମହକୁ ଥାଏ । ଘରେ ମାଇକ ବାଜୁଥାଏ। ବ୍ରାହ୍ମଣ ସନ୍ଧ୍ୟାରେ ଆସି ପୂଜା ପାଠ କରୁଥାନ୍ତି, ବହି ପଢା ଚାଲୁଥାଏ । ଅଗଣାରେ ଲିଚୁ ମାଳ ସଜା ହୋଇଥାଏ । ଗେଣ୍ଡୁମାଳ ଆମ୍ବ ପତ୍ରରେ ଦାଣ୍ଡ ଦୁଆର ସଜା ହୋଇଥାଏ । ସୁନ୍ଦର ସୁନ୍ଦର ବେଲୁନ ଚିକମିକ ହାର,ଏବଂ ହାପି ବାର୍ଥଡେ ଷ୍ଟିକର ସହ ଡ୍ରଇଂ ରୁମର କାନ୍ଥରେ ଜନ୍ମଦିନର ବ୍ୟାନର ଲଗାଯାଇଥାଏ । ସୋନୁର ସବୁ ସାଙ୍ଗ ମାନେ ଆସି ପହଂଚି ଗଲେ।କଫି ରଙ୍ଗର କେକ୍‌ରେ ସୋନୁର ଫଟୋ ଲାଗି ଚିତ୍ରିତ ହୋଇଥାଏ। କିଛି ସମୟ ମଧ୍ୟରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ସୋନୁର ମାମୁଁ ମାଇଁ ପହଞ୍ଚି ଗଲେ । ସୋନୁର ମାମୁଘର ତା ପାଇଁ ନୂଆ ଡ୍ରେସ ଖୋଳଟିଏ ବଢ଼ାଇଦେଲେ। ବିଦ୍ୟାଳୟର ଗୁରୁଜୀ ଗୁରୁମା ମାନେ ମିଶି ଗୋଟିଏ ରଙ୍ଗୀନ୍ କାଗଜ ପ୍ୟାକିଂରେ ଉପହାରଟିଏ ପ୍ରଦାନ କଲେ। ସୋନୁ ଦେଖି ଆଶ୍ଚର୍ଯ୍ୟ ହେଲା, ସଂଗେସଂଗେ ମା ପାଖକୁ ଦୌଡି ଯାଇ ପଚାରିଲା, ମା.. ଏଇଟା କଣ ! ମା କହିଲେ ଏଇଟା ଗୋଟିଏ ଉପହାର। ସ୍କୁଲର ଶିକ୍ଷକ ମାନେ ତୋର ଜନ୍ମଦିନରେ ଶୁଭ ମନାସି ଶୁଭେଚ୍ଛା ଦେବା ସହ ଉପହାରଟିଏ ପ୍ରଦାନ କରିଛନ୍ତି । ସଂଗେସଂଗେ ସୋନୁ ଉପହାର ଟି ଖୋଲି ଦେଖିଲା, ସେଥିରେ ସୁନ୍ଦର ସୁନ୍ଦର ମହା ପୁରୁଷଙ୍କ ବହି, ଶବ୍ଦ ମାଳା, ନୀତିବାଣୀ ପୁସ୍ତକ, ଆମ ଶରୀର ପାଇଁ ଜାଣିବା କଥା ବହି ଏବଂ କଲମ ଥିଲା। ସୋନୁ ଏସବୁ ଦେଖି ଆଶ୍ଚର୍ଯ୍ୟ ହେଲା । ମାଙ୍କୁ ପଚାରିଲା, ଏଥିରେ କାହିଁ କାଡବରୀ ଚକୋଲେଟ କି ଡାଇରୀ ମିଲ୍କ ନାହିଁ .. ମା ଖାଲି ବହି, କଲମ..। ମା କହିଲେ, ଆରେ ଧନ ଏ ହେଉଛି ସବୁଠୁ ବଡ଼ ଉପହାର । ବହି ଆମ ଜୀବନର ସବୁଠୁ ବଡ଼ ସାଥି । ଏ ବହି ଆମକୁ ଜ୍ଞାନ ଦିଏ, ସାହସ ଦିଏ ଆଉ ଶିକ୍ଷା ବି ଦିଏ । ତେଣୁ ବିଦ୍ୟାଳୟର ଶିକ୍ଷକ ମାନେ ଆମର ପ୍ରେରଣାର ଉତ୍ସ । ସେ ଉପହାର ମାଧ୍ୟମରେ ଜଣାଇ ଦେଲେ ଯେ, ତୁ ଜୀବନରେ ଭଲ ମଣିଷ ହେବାର ଶପଥ ଏହି ଜନ୍ମଦିନରେ ନେବୁ। ସେତକ ତାଙ୍କର ତୋ ପ୍ରତି ଆଶୀର୍ବାଦ । ଏବଂ ପ୍ରକୃତ ଉପହାର ହିଁ ଜୀବନର ଚଲାପଥରେ ସବୁବେଳେ କାମରେ ଆସେ । ସୋନୁ ଠିକ୍ ବୁଝିପାରିଲା, ଆଉ ଖୁସିରେ ମାକୁ କୁଣ୍ଢେଇ ପକାଇଲା। ତାପରେ ଆନନ୍ଦରେ ସମସ୍ତଙ୍କ ସହ ମିଶି ଜନ୍ମଦିନ ପାଳନ କଲା ।

+ରାଜେନ୍ଦ୍ରପୁର, ବାରିକପୁର ବଜାର,
ଭଦ୍ରକ
ମୋ:୯୪୩୭୭୩୧୯୦୩

# ଫୁଲ ଓ ପ୍ରଜାପତି

## କୀର୍ତ୍ତନ ସାହୁ

ଫୁଲକୁ ଅନାଇ ପ୍ରଜାପତି କହେ
ଫୁଲ ତୁ ' ଲୋ ଭାଗ୍ୟବାନ
ଲୋକ ମାନେ ତୋତେ ଆଦର କରନ୍ତି
ତେଣୁ ବଢେ ତୋର ମାନ ।
ତୋତେ ନେଇ ଲୋକେ ପୂଜା କରିଥାନ୍ତି
ଠାକୁରଙ୍କ ପାଦେ ଦେଇ
ଧନ୍ୟ ତୁହି ଫୁଲ ମୋକ୍ଷ ହେଇ ଥାଉ
ତୋର ଏହି ଭାଗ୍ୟ ନେଇ ।
ଫୁଲ ତହୁଁ କହେ ଆଲୋ ପ୍ରଜାପତି
ତୋତେ ବି ପାଆନ୍ତି ଭଲ
ତୋ ସୁନ୍ଦର ଡେଣା ମେଲି ତୁ ଉଡ଼ିଲେ
ଚାହିଁ ଥାନ୍ତି ବଲ ବଲ ।
ଏ ଫୁଲ ସେ ଫୁଲ ଉଡ଼ି ବୁଲିବାରୁ
ବଂଶ ବିସ୍ତାର ହିଁ ହୁଏ
ତୁ ' ଅଛୁ ବୋଲି ପ୍ରକୃତି ସୁନ୍ଦର
ସଭିଙ୍କ ହୃଦୟ ଛୁଏଁ ।
ପରସ୍ପରଙ୍କର ଗୁଣ ବଖାଣିକି
ସାଙ୍ଗରେ ରହିଲେ ଦୁହେଁ
ଫୁଲ ପ୍ରଜାପତି ଉଭୟ ସୁନ୍ଦର
ତୁଳନା କେ ତାଙ୍କ ନୁହେଁ ।

+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧







# ମାଆର କୋଳେ ପଣତ ତଳେ

## ଅନନ୍ତ କୁମାର ସେନାପତି

ମାଆର କୋଳେ ପଣତ ତଳେ
ଅଛି ମୋ ରାଜ ଉଆସ,
ସେଇ ଉଆସେ ସିନେହ,ଶ୍ରଦ୍ଧା
ସଦା କରଇ ବାସ ।

ହୁଏନି ଖରା ଅବା ବରଷା
ବିଜୁଳି, ଘଡ଼ଘଡ଼ି,
ଶୀତ, କାକର ନ ଥାଏ ସେଠି
ଦାଉ ଆସେନା ମାଡ଼ି ।

ପଡିଲେ ଶୋଇ ଆସେ ଓଲ୍ହାଇ
ସୁନ୍ଦର ପରୀ ଟିଏ,
ମୋ ହାତ ଧରି ସାଥିରେ ଖେଳେ
ମନ କୁ କିଣି ନିଏ ।

ନ ଥାଏ କେବେ ସେ ଉଆସ ରେ
ପର ଆପଣା ଭାବ,
ପଡଇ ଝରି କୋଟି ସପନ
ତା'ପରି କିଏ ହେବ ।

ସୁନା କି ରୁପା,ମୋତି, ମାଣିକ
ସେଠାରେ ନାହିଁ ଲୋଡ଼ା ,
ଧୈର୍ଯ୍ୟ, ଶାନ୍ତ, ଶୃଙ୍ଖଳା ଭରା
ମମତାରେ ସେ ଗଢ଼ା ।

ଅପରୂପ ସେ ଉଆସଟି ମୋ
ମନ ନେଇଛି କିଣି,
ତହିଁ ସୁନ୍ଦର କି ମନୋହର
ମାଆ ପଣତକାନି ।

+ବାଣ୍ଟୁପଡା, ରାଜଗାଙ୍ଗପୁର,
ସୁନ୍ଦରଗଡ଼
ଫୋନ ୭୦୦୮୩୦୪୨୨୫

# .. ଜ୍ଞାନଦୀପ ..

## ମୂଳ ହିନ୍ଦୀ-ବିଜୟ ସିଂ ଚୌହାନ
## ଅନୁବାଦ-ମଧୁସ୍ମିତା ପଟ୍ଟନାୟକ




ବିଦ୍ୟାଳୟରେ ନୂଆ ଶିକ୍ଷାବର୍ଷର ଥିଲା ପ୍ରଥମ ଦିନ । ପିଲାମାନଙ୍କ ଚେହେରା ଚମକୁଥିଲା ହର୍ଷ ଉଲ୍ଲାସରେ । କିଏ ନୂଆ ଖାତା ବହିକୁ ସମ୍ଭାଳୁଥିଲା ତ ଆଉ କିଏ ସମ୍ଭାଳୁଥିଲା ବ୍ୟାଗ୍‌କୁ । ଏମିତି ସମୟରେ ଶ୍ରେଣୀ ଗୃହରେ ପ୍ରବେଶ କଲା ବିବେକ । ଫଟା-ପୁରୁଣା ଡ୍ରେସ୍, କାନ୍ଧରେ ବ୍ୟାଗ୍..ଆଉ ଖାଲି ପାଦ । ସେ ଯେମିତି ଶ୍ରେଣୀଗୃହରେ ପାଦ ଦେଲା,ବହୁତ ପିଲାଙ୍କର ହସରେ ଗୁଞ୍ଜରିତ ହେଇ ଉଠିଲା ଶ୍ରେଣୀ ଗୃହ । ବିବେକର ଆଖି ତଳକୁ ନଇଁ ଗଲା । ଆଉ ଓଠ ଥରୁଥିଲା । ମନ ତା'ର ହେଉଥିଲା କାନ୍ଦିବାକୁ,ହେଲେ ସେ ନିଜ ଆଖିର ଲୁହକୁ ଅଟକେଇ ଦେଲା ।

ଠିକ୍ ସେତିକି ବେଳେ ଶିକ୍ଷକ ଶ୍ରେଣୀ ଗୃହରେ ପ୍ରବେଶ କଲେ । ପିଲାମାନଙ୍କୁ ହସୁଥିବା ଦେଖି ତୁରନ୍ତ ଘଟଣାକୁ ଜାଣିନେଲେ। ତା'ପରେ ବିବେକ ପାଖକୁ ଆସି ଧୀର ସ୍ୱରରେ କହିଲେ,'ପୁଅ..ପାଠ ପଢାରେ ଜୋତା, ଲୁଗା ପଟା ନୁହେଁ ବରଂ ଅଧ୍ୟୟନ ପାଇଁ ଦୃଢ ଇଚ୍ଛାଶକ୍ତି ଆଉ ପ୍ରଚେଷ୍ଟା କାମରେ ଆସେ' ।

ତା'ପରେ କ୍ଲାସ୍‌ର ପିଲାମାନଙ୍କୁ କହିଲେ,'ମନେରଖ ପିଲାମାନେ, ଶିକ୍ଷାର ପ୍ରଥମ ପାଠ ବହିରୁ ନୁହେଁ, ବରଂ ସମସ୍ତେ ମଣିଷକୁ ସମ୍ମାନ ଦେବାକୁ ଶିଖିବାର ଆରମ୍ଭ ହୁଏ' ।

ଏବେ ଶିକ୍ଷକଙ୍କ କଥାରେ ନୀରବତା ଖେଳିଗଲା ଶ୍ରେଣୀ ଗୃହରେ । ପିଲାଙ୍କ ଚେହେରା ତଳକୁ ନଇଁଗଲା ଲଜ୍ଜାରେ । ସେଦିନ ସମସ୍ତେ ବୁଝିଗଲେ.."ଗୁରୁ କେବଳ ଜ୍ଞାନର ପ୍ରଦୀପ ଜାଳନ୍ତି ନାହିଁ ବରଂ ଜୀବନର ପଥକୁ ମଧ୍ୟ ଆଲୋକିତ କରନ୍ତି" ।

+ପ୍ଲଟ ନମ୍ବର-୨୭,
ବ୍ରହ୍ମେଶ୍ୱର ବାଗ,
ଟଙ୍କପାଣି ରୋଡ,
ଭୁବନେଶ୍ୱର-୭୫୧୦୧୮



# ଋତୁ ଭିତରେ ବଢ଼ିଆ ଋତୁ

## ନୀଳମଣି ଚାନ୍ଦ

ଅସରା ପରେ ଅସରା ମେଘ
ବରଷି ଯାଏ ପାଣି
ବର୍ଷା ଋତୁ ନା ଶରତ ଋତୁ
ହେଉନି ଜମା ଜାଣି ।

ଶରତ ଛୁଇଁ ଯାଇଛି ଧରା
କେବେଠାରୁ ସେ ଆସି
କ୍ଷେତରେ ବେଉଷଣ ସାରିଛି
ମାଟି ମା' ପୁଅ ଚାଷୀ ।

ନଈବାଙ୍କରେ କାଶଫୁଲଟି
ପବନେ ଖେଳେ ଦୋଳି
କୁହରେ କେବେ ହେବ ବଉଦ
ଧଳା ରଙ୍ଗଟି ବୋଲି ।

ଗଙ୍ଗଶିଉଳି ଫୁଟିବା ଋତୁ
ଏଇ ଶରତ ପରା
ସିଏ ଆସିଲେ ତୋଫା, ତୋରା ଯେ
ଦିଶଇ ଆମ ଧରା ।

ଗଣେଶ ପୂଜା,ନୂଆଖାଇ ଓ
ପଡଇ ବିଶ୍ୱକର୍ମା
ଦଶ'ରା, କୁମାରପୂର୍ଣ୍ଣିମାକୁ
ଭୁଲି ହୁଏନି ଜମା ।

ଋତୁ ଭିତରେ ବଢିଆ ଋତୁ
ଶରତ ଆମ ପାଇଁ
ଧରାବାସୀଏ ରହିଥାଆନ୍ତି
ସେ ଋତୁ ବାଟ ଚାହିଁ ।

+ ମନ୍ତମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

# ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ ଲାଗି କଂଗ୍ରେସର ଗୁରୁତ୍ୱ

କେନ୍ଦୁଝର, ୫/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଆଜି ଚଳଚଂଚଳ ହୋଇ ଉଠିଥିଲା । ଜିଲ୍ଲା ସଭାପତି ଚୟନ ଲାଗି ଭାରତୀୟ ଜାତୀୟ କଂଗ୍ରେସ ମୁଖ୍ୟାଳୟରୁ ଥିବା ଆସାନ ମୌଲାନା କେନ୍ଦୁଝର ଜିଲ୍ଲା ଲାଗି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇ କାଲି ଆସି ପହଂଚି ଥିବା ଜଣାଯାଇଛି । ସେ କାଲି ପ୍ରବଳ ବର୍ଷା ସତ୍ତ୍ୱେ ଅନେକ ବୁଦ୍ଧିଜୀବୀ ଓ କଂଗ୍ରେସ କର୍ମୀଙ୍କୁ ଭେଟି ଆଲୋଚନା କରିଥିଲେ । କେନ୍ଦୁଝର ଜିଲ୍ଲାରେ କଂଗ୍ରେସର ଉପସ୍ଥିତି ନେଇ ଅନୁଧ୍ୟାନ କରିଥିଲେ । ତେବେ ଆଜି ଦିନ ୧୨ଟାରେ ଜିଲ୍ଲା କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ତାଙ୍କର ଗସ୍ତ କାର୍ଯ୍ୟକ୍ରମ ସହ କଂଗ୍ରେସର ଉତଥାନ ସମ୍ପର୍କରେ ଅବଗତ କରିଥିଲେ । ଆଜି ଲୋକେ କଂଗ୍ରେସକୁ ଲୋଡୁଛନ୍ତି ଏକ ଶକ୍ତ ବିରୋଧୀ ଦଳ ଭାବେ କଂଗ୍ରେସ ଏବେ ଲୋକଙ୍କ ଆସ୍ଥା ଭାଜନ ହୋଇଛି । ଦଳର ନେତା ରାହୁଲ ଗାନ୍ଧୀ ଦଳର ସଭାପତି ମଲ୍ଲିକାର୍ଜ୍ଜୁନ ଖାଡ଼ଗେ ଭୋଟ ଚୋରୀ ପ୍ରସଙ୍ଗ ଉଠାଇ ଲୋକଙ୍କ ସମର୍ଥନ ପାଉଛନ୍ତି । ବିହାରରେ ରାହୁଲଙ୍କୁ ଅଭୁତପୂର୍ବ ଲୋକ ସମର୍ଥନ ସ୍ନେହ ମିଳିଛି । ଓଡ଼ିଶାରେ ମଧ୍ୟ କଂଗ୍ରେସ ଭକ୍ତ ଦାସଙ୍କ ନେତୃତ୍ୱରେ ଲଢେଇ କରି ଦକ୍ଷତା ପ୍ରତିପାଦନ କରିଛି । ଏଥର କଂଗ୍ରେସ ଲୋକଙ୍କ ସହ ବେଶୀ ଯୋଡ଼ି ହେବାକୁ ଜିଲ୍ଲା ସଭାପତି ଚୟନ ଲାଗି ବ୍ୟାପକ ବ୍ୟବସ୍ଥା କରିଛି । ତେଣୁ ଏଆଇସିସି ପକ୍ଷରୁ ତାମିଲନାଡୁର ବିଧାୟକ ଥିବା ଆସାନ ମୌଲାନାଙ୍କୁ କେନ୍ଦୁଝର ପଠା ଯାଇଛି ସେ ଦଳୀୟ କର୍ମୀ ନେତାଙ୍କୁ ବ୍ଲକ ନଗରପାଳିକା ସ୍ତରରେ ଯାଇ ଭେଟି ଜିଲ୍ଲା ସଭାପତି ଚୟନ ଲାଗି ସୁପାରିଶ କରିବେ । ତାଙ୍କୁ ଏହି କାର୍ଯ୍ୟ ଲାଗି ପିସିସି ପକ୍ଷରୁ ସହ ପର୍ଯ୍ୟବେକ୍ଷକ ରୂପେ ପୂର୍ବତନ ସାଂସଦ ସୁଶୀଳା ତିରିଆ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଓ ବରିଷ୍ଠ କଂଗ୍ରେସ ନେତା ଯୋଗେଶ ଆଗ୍ରୱାଲ ସହଯୋଗ କରିବେ । ଆଜି ପ୍ରେସ ମିଟରେ ଜିଲ୍ଲା କଂଗ୍ରେସ ସଂଯୋଜିକା ସଂଗୀତା ସିଂହ ଅତିଥି ପରିଚୟ କରି ସ୍ୱାଗତ ଭାଷଣ ରଖିଥିଲେ ସେହିପରି ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ମାର୍ଗଦର୍ଶନ କରିଥିଲେ । ପ୍ରେସ ମିଟ ପରେ ପର୍ଯ୍ୟବେକ୍ଷକ ଜଣେ ଜଣେ କଂଗ୍ରେସ ନେତା କର୍ମୀଙ୍କୁ ଡାକି ଆଲୋଚନା କରିଥିଲେ ଜିଲ୍ଲା ସାରାରୁ ବହୁ କଂଗ୍ରେସ କର୍ମୀ ଓ ନେତା ଯୋଗ ଦେଇଥିଲେ ଅନେକ ଦଳ ଛାଡ଼ିଥିବା ନେତା ମଧ୍ୟ ଉପସ୍ଥିତ ଥିଲେ । ଏହାପରେ କାଲିଠାରୁ ପର୍ଯ୍ୟବେକ୍ଷକ ଜିଲ୍ଲା ସାରା ବୁଲି କଂଗ୍ରେସ କର୍ମୀଙ୍କୁ ଭେଟିବା ସହ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି । ଜିଲ୍ଲାରେ ଅନେକ ସମସ୍ୟା ଥିବାରୁ ଜଣେ ଦକ୍ଷ ସଚ୍ଚୋଟ ବ୍ୟକ୍ତି ଜିଲ୍ଲା ସଭାପତି ହୁଅନ୍ତୁ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ବଲାଙ୍ଗିର ପୋଲିସ ହାତରେ ପୁଣି ୨୦୦ ବୋତଲ କଫ ସିରଫ ସହ ଜଣେ କଫ ସିରଫ ମାଫିଆ ଗିରଫ

ବଲାଙ୍ଗିର, ୫/୦୯ (ନି.ପ୍ର): ବିଷ୍ଣୁମୁଣ୍ଡା କଦମ ପଡ଼ା ରାସ୍ତାରେ ଚାଲାଣ ହେଉଥିଲା କଫ ସିରଫ । ଆଜି ବଲାଙ୍ଗିର ଟାଉନ ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଇଆଇସିଙ୍କ ନେତୃତ୍ୱରେ ଚଢାଉ କରିଥିଲା । ପୋଲିସର ଚଢାଉର ଖବର ପାଇ ଘଟଣା ସ୍ଥଳରେ ଥିବା ଦୁଇ ଜଣ କଫ ସିରଫ ଚାଲାଣକାରୀଙ୍କ ମଧ୍ୟରୁ ଜଣେ ଚମ୍ପଟ ମାରିଥିଲା । ଯାହା ଫଳରେ ପୋଲିସ ଜଣେ କଫ ସିରଫ ଚାଲାଣକାରୀକୁ ଗିରଫ କରିବା ସହ ଘଟଣା ସ୍ଥଳରୁ ୨୦୦ ବୋତଲ କଫ ସିରଫ ଜବତ କରିବାରେ ସଫଳ ହୋଇଥିଲା । ଯାହାର ଆନୁମାନିକ ମୂଲ୍ୟ ୬୦୦୦୦ରୁ ୭୦୦୦୦ ବୋଲି ଜଣାପଡିଛି । ଗିରଫ ଚାଲାଣକାରୀ ଜଣକ ସହରର ଗେଟ୍‌ସରବର ପଡ଼ାର ସୁନିଲ ବଛା (୧୮) ବୋଲି ବୋଲି ପକ୍ଷରୁ ଜଣାପଡ଼ିଛି । ଉକ୍ତ ଘଟଣାକୁ ନେଇ ଟାଉନ ଥାନାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ସଦର ଏସଡିପିଓ ସରୋଜ ଉପାଧ୍ୟାୟଙ୍କ ସହ ଆଇଆଇସି ଅବନୀ ସାହୁ ଉପସ୍ଥିତ ଥିଲେ । ଅନ୍ୟପଟେ ଘଟଣାକୁ ନେଇ ଅଧିକ ତଦନ୍ତ ଚାଲିଛି, ଘଟଣାରେ ସଂପୃକ୍ତ ତଥା ଫେରାର ହୋଇଥିବା ଆଉ ଜଣେ କଫ ସିରଫ ଚାଲାଣକାରୀକୁ ପୋଲିସ ଯଥା ଶୀଘ୍ର ଧରିବା ସହ କେଉଁ ଜାଗାରୁ କେଉଁ ଜାଗାକୁ କଫ ସିରଫ ଚାଲାଣ ହଉଥିଲା, ସେ ବିଷୟରେ ବି ପୋଲିସ ତଦନ୍ତ କରିବ ବୋଲି ଏସଡିପିଓ ଶ୍ରୀ ଉପାଧ୍ୟାୟ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## ବଳିଆପଣ୍ଡାରେ ନୂଆ ଗ୍ୟାଙ୍ଗ୍‌ର ଆତଙ୍କ : ଏସପିଙ୍କୁ ଗୁହାରି କଲେ ସାହିବାସିନ୍ଦା

ପୁରୀ, ୫/୦୯ (ନି.ପ୍ର): ବଳିଆପଣ୍ଡା ଅଂଚଳରେ ଦିନକୁ ଦିନ ଅପରାଧ ବଢିବାରେ ଲାଗିଛି । ଜାଗା ଓ ନିଶା ବେପାରୀକୁ ନେଇ ବଳିଆନ ହେଉଛି ନୂଆ ଗ୍ୟାଙ୍ଗ । ବଳିଆପଣ୍ଡା ଅଂଚଳ ବିଜୟନଗର ମଙ୍ଗଳାସାହିର ସୁନୀତା ପଟ୍ଟନାୟକ ନୂଆ ଗ୍ୟାଙ୍ଗ ଧମକଚମକ ସମ୍ପର୍କରେ ପୁରୀ ଏସପିଙ୍କୁ ଗୁହୁରି କରିଛନ୍ତି । ସେହି ସାହିର କମଳଲୋଚନ ପଟ୍ଟନାୟକ (ଗୁଲା) ସୁନୀତା ଓ ତାଙ୍କ ସ୍ୱାମୀଙ୍କୁ ମାରିଦେବା ପାଇଁ ଧମକ ଦେଇଛି । ଏ ସମ୍ପର୍କରେ ଯଦି ଥାନାରେ ଅଭିଯୋଗ କରିବୁ ତେବେ ତମ ମାନଙ୍କୁ ଜୀବନରେ ମାରିଦେବି ବୋଲି ଗୁଲା ଧମକ ଦେଇଛି । ତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ସୁନୀତା ଏସପିଙ୍କୁ ଗୁହାରି କରିଛନ୍ତି । ଗୁଲା ଗୋଷ୍ଠୀର ଯୁବକ ମାନେ ସୁନୀତାଙ୍କୁ ଧମକଚମକ ଦେଉଛନ୍ତି । ଗୁଲାର ଭଣଜା ବେଙ୍ଗ ହୋଇଥିବାରୁ ଗୁଲା ଆତଙ୍କ ଖେଳାଉଥିବା ଅଭିଯୋଗ ହୋଇଛି ।

# ଆସନ୍ତା ୧୩ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର, ୫/୦୯ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୩ ତାରିଖ ଶନିବାର ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଲିଗୁଡା, ଦଶମନ୍ତପୁର, ଲମତାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ ) ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳ ଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ଓ ନିଯୁକ୍ତି ବିବାଦ, ଚେକ ବାଉନ୍ସ, ରାଜସ୍ୱ, ଖାଉଟି ବିବାଦ, ଜମି ଅଧିଗ୍ରହଣ, ଚାକିରି ସମନ୍ଧୀୟ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ ହେଉଅଛି । କେବଳ ବିଚାରାଧିନ ମୋକଦ୍ଦମା ନୁହେଁ, ପ୍ରାକ-ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା ) ବିବାଦର ମଧ୍ୟ ଲୋକ ଅଦାଲତରେ ସମାଧାନ ହୋଇପାରିବ । ତେଣୁ ଏହି ଲୋକ ଅଦାଲତ ମାଧ୍ୟମରେ ହେଉଥିବା ଉପରୋକ୍ତ ଜଡିତ ସମସ୍ତ ମୋକଦ୍ଦମାର ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ବା ଜିଲ୍ଲାର ୭ ଗୋଟି ତାଲୁକ ଲିଗାଲ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରିବାକୁ କୁହାଯାଇଛି ।

# ସଚେତନତା ତଥା ଆଧ୍ୟାତ୍ମିକ ପୁସ୍ତକ 'ପୁନଷ୍ଟ ପୃଥିବୀ'ର ଉନ୍ମୋଚନ ଉତ୍ସବ

ଉଦଳା , ୫/୦୯ (ନି.ପ୍ର): ଉଦଳା ସହରର ୱାର୍ଡ଼ ନଂ-୧୨ (ଜ୍ୟୋତିନଗର)ର ବାସିନ୍ଦା, ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶକ ଭାବରେ ଚାକିରୀ ଜୀବନରୁ ଅବସର ନେଇଥିବା ପରେଶଚନ୍ଦ୍ର ସାହୁଙ୍କ ଲିଖିତ ପୁସ୍ତକ 'ପୁନଷ୍ଟ ପୃଥିବୀ'ର ଉନ୍ମୋଚନ ଉତ୍ସବ ଆଜି ସେପଟ୍ଟେମ୍ବର ୫ ତାରିଖ ଶୁକ୍ରବାର ଦିନ ନିକଟସ୍ଥ ବିଶୋଳ ଗ୍ରାମସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉତ୍ସବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁସ୍ତକକୁ ଉନ୍ମୋଚନ କରିବା ସହ 'ପୁନଷ୍ଟ ପୃଥିବୀ' ସମାଜ ପାଇଁ ଏକ ସମୟ ଉପଯୋଗୀ ବାର୍ତ୍ତା ବୋଲି ବ୍ୟକ୍ତ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ ମହାଳିକ ଉତ୍ସବରେ ଅଧ୍ୟକ୍ଷତା କରି ଲେଖକ ପରେଶ ଚନ୍ଦ୍ର ସାହୁ ଏକାଧାରରେ ଜଣେ



ପ୍ରବିଣ କୃଷିବିତ ତଥା ସମାଜ ସଂସ୍କାରକ ବୋଲି କହିଥିଲେ । ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲିପ କୁମାର ଦିକ୍ଷିତ, 'ମଶାଲ' ପତ୍ରିକାର ସଂପାଦକ ରବିକାନ୍ତ ମହାପାତ୍ର, ଗବେଷକ କିଶୋର ଚନ୍ଦ୍ର ଦାସବାବୁ, ମୟୂରଭଂଜ ସାହିତ୍ୟ ପରିଷଦର ସଦସ୍ୟ ମିତାରାଣି ସାହୁ, ଅବସରପ୍ରାପ୍ତ ଶିକ୍ଷକ ରମାନାଥ ପାଣିଗ୍ରାହି ଓ ଯୋଗେନ୍ଦ୍ର ପାତ୍ର ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ ଲେଖକ ଶ୍ରୀଯୁକ୍ତ ସାହୁଙ୍କର ୨୦୧୭ ମସିହାରେ ପ୍ରଥମ ପୁସ୍ତକ 'ପ୍ରଳୟ ଆସୁଛି' ଏବଂ ୨୦୨୫ ମସିହାରେ 'ରସାତଳର ପୃଥିବୀ' ପ୍ରକାଶ ପାଇ କିଭଳି ପାଠକ ମାନଙ୍କ ମହଲରେ ପ୍ରଶଂସା ପାଇଛି କହିବା ସହ ଆଜିର ପୁସ୍ତକ 'ପୁନଷ୍ଟ ପୃଥିବୀ' ମଧ୍ୟ ପାଠକଙ୍କର ମନକୁ ଛୁଇଁବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଦେବରାଜ ସାହୁ ଉତ୍ସବର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମମତା ସାହୁ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ଆଜିର କାର୍ଯ୍ୟକ୍ରମକୁ ସଫଳ କରିବାରେ ଦିଲିପ କୁମାର ବେହେରା, ପ୍ରଫୁଲ କୁମାର ଖିଲାର, ନରେନ୍ଦ୍ର ବିନ୍ଧାଣି, ସତ୍ୟବ୍ରତ ମିଶ୍ର, ରାମଚନ୍ଦ୍ର ବେହେରା, ବିରେନ୍ଦ୍ର ବିନ୍ଧାଣି, ମିନତି ବିନ୍ଧାଣି, ରାଜେନ୍ଦ୍ର ବେହେରା,ମହେଶ୍ୱର ମହାପାତ୍ର, ଦିପ୍ତିମୟୀ ପୁଥାଳ, ମନୋରଂଜନ ମଲ୍ଲିକ, ଚିନ୍ତାମଣି ସାହୁ, ଦେବେନ୍ଦ୍ର ରାଉଳ ପ୍ରମୁଖ ସହଯୋଗ କରିଥିଲେ ।

## ଅବକାରି ଚଢଉ : ଜଣେ ଗିରଫ

ଜୟପୁର, ୫/୦୯ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ଜଙ୍ଗଲ ଓ ବାୟାଗୁଡାରେ ଆଜି ଅବକାରି ଚଢ଼ଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଫାମ୍ପୁଣି ଜଙ୍ଗର ଜୟପୁର ଅବକାରି ଥାନା ଚଢାଉ କରିଛି । ଚଢଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୮ ଶହ ଲିଟର ପୋଚ ଓ ୭୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ତରଫରୁ ସୂଚନା ଦିଆଯାଇଛି । ସେହିପରି ଦେଶି ମଦ ଚାଲାଣ ସମ୍ପର୍କରେ ଖବର ପାଇ ବାୟାଗୁଡା ରାସ୍ତାରେ ଅବକାରି ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବଡ ଓଜେଇ ଗ୍ରାମର ଡମ୍ବୁରୁ ଧର ଦୁଆରୁ (୪୨) ।


OFFICE OF THE REGULATED MARKET COMMITTEE, JALESWAR
Notice No. 473 // Date. 04/09/2025//

QUOTATION CALL NOTICE FOR SUPPLY AND INSTALLATION OF C. C. TV CAMERAS WITH MONITORS AT MARKET YARDS UNDER RMC, JALESWAR

The Chairman, RMC Jaleswar invites Sealed Quotations from registered & reputed manufacturer or their authorised dealers for supply and installation/ commissioning, execution & Testing of C.C. TV Surveillance System at Nandika Main Market Yard (As required), Chalanti, Basudevpur Sub-Market Yard and Deula GP Market under RMC Jaleswar. The interested Firms may submit their offers in sealed covers addressed to the Secretary, Regulated Market Committee, Jaleswar. The sealed quotations should be reached before the undersigned by Regd. Post/Speed Post only on or before **Dt. 15.09.2025 up to 05.00 P.M** and the same will be opened on **Dt.16.09.2025** at **11.00 A.M.** at RMC, Office by the RMC authority in presence of the Quotationers or their representatives. The Quotation Papers should be accompanied with processing fees of Rs.300/- (Rupees Three Hundred) only which is non-refundable and E.M.D. of Rs.3000/-(Rupees Three Thousand) only in shape of Bank Draft drawn at any Nationalized Bank in favour of Secretary, Regulated Market Committee, Jaleswar payable at Jaleswar. The EMD of unsuccessful Bidders will be refunded after finalization of the Quotation and in case of successful bidder, the EMD will be refunded after completion of the installation/ commissioning of the CC TV cameras with Monitors. The Quotationers shall have to submit double cover system (Cover-I: TECHNICAL SPECIFICATION BID & Cover-II: PRICE BID) and super scribe the covers separately.

**The authority reserves the right to accept any or reject all the quotations without assigning any reason thereof.**

Terms & Conditions

The Technical Bid must contain the following documents.

I. Valid registration Certificate of the Firms/Agencies/Authorized Suppliers/Company etc.
II. GSTN Registration Certificate of the Firm.
III. Copy of the PAN.
IV. Copy of up-to-date GST Return of the Firm.
V. The designated place of the Firms/Agencies/Authorized Suppliers/Company from where operation is done with full proof address.
VI. Experience Certificate if any.
VII. Any affidavit/undertaking rendering that the Firms/Agencies/Authorized Suppliers/Company etc. hasn't been blacklisted by any state Govt./ Central Govt.
VIII. Affidavit must be enclosed regarding onsite warranty of 02 Years and service must be provided within 24 hours of Complain.
IX. Preferences will be given to Made in India items.

**The Financial Bid must Contain the Price of each Item in the prescribed Format per Unit of Supply. All Process should be inclusive GST and including supply and installation at the RMC points.**

| Sl. No | Name of the Item | Make/Model (Made in India) | Unit (01) | Specification | Price Per Unit |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | CC TV(IP/ANALOG) | | | | |
| 2 | DVR/NVR | | | | |
| 3 | Cable for CC TV | | Per Meter | | |
| 4 | Monitor | | | | |
| 5 | Any other Accessories | | | | |

Sub-Collector, Baleshwar
-cum-
Chairman, R.M.C, Jaleswar


# ମୟୂରଭଞ୍ଜ କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନର ନୂଆ କାର୍ଯ୍ୟକାରିଣୀ କମିଟି ଗଠିତ

ବାରିପଦା, ୫/୦୯ (ନି.ପ୍ର): ମୟୂରଭଞ୍ଜ କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନର ନିର୍ବାଚନ ଗତକାଲି ଆୟୋଜିତ ହୋଇଯାଇଛି । ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଉତ୍କଳ କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନର ସଦସ୍ୟ ସିଦ୍ଧାର୍ଥ ସାରଥୀ ଦାଶ, ଅରୁଣ କୁମାର ଦାସ, ସମୀର କୁମାର ଜଟାଣିଆ ପ୍ରମୁଖଙ୍କ ଉପସ୍ଥିତିରେ ଉକ୍ତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ୩୦ ଜଣ ସଦସ୍ୟଙ୍କ ଅଂଶଗ୍ରହଣରେ ଏହି ନିର୍ବାଚନ ସୁଚାରୁଭାବେ ସମ୍ପନ୍ନ ହୋଇଥିଲା । ସୁଢଳ ବିହାରୀ ମହାନ୍ତି, ଆନନ୍ଦ କୁମାର ସାହୁ,



ସରୋଜ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି, ଅମିୟ କୁମାର ମହାପାତ୍ର, ନିରୋଜ କୁମାର ସାହୁ, ଶିବଶଙ୍କର ସାକୁନିଆ, ସଚିନ ଗୁପ୍ତା, ବିକାଶ ଚନ୍ଦ୍ର ମହାନ୍ତ, ସଞ୍ଜୟ କୁମାର ପରିଡା, ଲଳିତ କୁମାର ମହାନ୍ତ, ସୁଧୀର କୁମାର ଅଗରୱାଲ, ସୌରଭ ରଞ୍ଜନ ମହାନ୍ତି, ପ୍ରମୋଦ କୁମାର ମହାନ୍ତ, ମନୋଜ କୁମାର ସା, ମନୋଜ ପଟ୍ଟନାୟକ, ଭବାନୀଶଙ୍କର ମିଶ୍ର, ରଞ୍ଜିତ ଧୀର, ନାରାୟଣ ବେହେରା, ନରେଶ କୁମାର ଅଗରୱାଲ, ଅମୋଦ କୁମାର ମହାନ୍ତ, କୃଷ୍ଣ କେଶବ ଦାସ, ପ୍ରଦୋଷ କୁମାର ଦାଶ, ଅମିତ କୁମାର ଖଣ୍ଡେଲୱାଲ, ବିଜିକାନନ୍ଦ ମହାନ୍ତି, ମୃତ୍ୟୁଞ୍ଜୟ ମହାପାତ୍ର, ବିବେକାନନ୍ଦ ସେଜପଡା, ହରିହର ବାରିକ, ସୁବ୍ରତନନ୍ଦ ଜେନା ଓ ସୁଜିତ କୁମାର ନାଥ ନିର୍ବାଚନରେ ସହଭାଗୀ ହୋଇଥିଲେ । ଏହି ନିର୍ବାଚନରେ ବିକାଶ ଚନ୍ଦ୍ର ମହାନ୍ତ ସଭାପତି ଏବଂ ମାନସ ରଞ୍ଜନ ମହାନ୍ତି ସମ୍ପାଦକ ଭାବେ ୨୦୨୫-୨୦୨୮ ଅବଧି ପାଇଁ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ପ୍ରକ୍ରିୟା ୟୁ.ସି.ଡି.ଏର ପୂର୍ବତନ ସଭାପତି ସୁଢଳ ବିହାରୀ ମହାନ୍ତି ଓ ଏ.ଆଇ.ସି.ଡି.ର କାର୍ଯ୍ୟକାରିଣୀ ସଦସ୍ୟ ସୋରଜ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ସୁଚାରୁ ଭାବରେ ସମ୍ପାଦନ ହୋଇଥିଲା ଏବଂ ନବ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଆସୋସିଏସନ ତରଫରୁ ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଥିଲେ ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା

ବସ୍ତା ୫/୯(ନିପ୍ର) :ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗ ଦାନ ତଥା ଶିକ୍ଷା କ୍ଷେତ୍ରରେ ଅଭିନବ କାର୍ଯ୍ୟ ପାଇଁ ବସ୍ତା ବ୍ଲକ ଭେଲୁରା ସିଆରସିସି ଭାବେ କାର୍ଯ୍ୟରତ ଆଦର୍ଶ ବର୍ଣ୍ଣବୋଧ ଶିକ୍ଷକ ଭାବେ ପରିଚିତ ଗଣେଶ ଚନ୍ଦ୍ର ଜେନା ।ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ମନୋନୀତ ହୋଇ ଆଜି ଶିକ୍ଷା ପୁରସ୍କାର ପାଇଛନ୍ତି ।ସେ ୨୦୦୭ରେ ଶିକ୍ଷକ ଭାବେ ବସ୍ତା ଗୋଷ୍ଠି ଶିକ୍ଷା ବିଭାଗରେ ନିଯୁକ୍ତି



ପାଇଥିଲେ ।ନୂତନ ଢଙ୍ଗରେ ଶିକ୍ଷା,ସେବା,ପରିବେଶ ,ସ୍ୱାସ୍ଥ୍ୟ ଏମିତି ଅନନ୍ୟ କାର୍ଯ୍ୟକ୍ରମ ତାଙ୍କୁ ନୂଆ ପରିଚୟ ଦେଇ ଥିଲା ଏହି ପୁରସ୍କାର ପାଇବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିକ୍ଷକ ସମନ୍ୱୟ ସମିତି ,ଶିକ୍ଷକ ସଂଘ,ମିଡ଼ିଆ ଫୋରମ,ବିଦ୍ୟାଳୟ ପରିଚାଳନା କମିଟି,ସହକର୍ମୀ ଶିକ୍ଷକ/ଶିକ୍ଷୟତ୍ରି ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# ଅପରେସନ ପ୍ରହାର କାର୍ଯ୍ୟକାରିତା ଉପରେ ସୂଚନା ଦେଲେ ଏସପି କୋରାପୁଟ

ଜୟପୁର, ୫/୦୯ (ନି.ପ୍ର): ଅପରେସନ ପ୍ରହାରର କାର୍ଯ୍ୟକାରିତା ଉପରେ ଆଜି କୋରାପୁଟ ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି । ଜୟପୁର ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନିରେ ଉପସ୍ଥିତ ରହି ସୂଚନା ଦେଇଛନ୍ତି । କାକିରିଗୁମ୍ମା ପୋଲିସ ଗତ ୩ ତାରିଖରେ ୩୯୪.୯୦୦ କେଜି ଗଞ୍ଜେଇ, ଟ୍ରକ ବୋଲେରୋ ଜବତ କରିଛି । ସେହପରି ଗତ ୨ ତାରିଖରେ ସେମିଳିଗୁଡା ଠାରେ ୩୨ କେଜି ଗଞ୍ଜେଇ ଜବତ କରିଛି । ଜୟପୁର ଟାଉନ ପୋଲିସ ଆଜି ୫ କେଜି ଗଞ୍ଜେଇ ଜବତ କରିଛି । ଗତ ୩ ତାରିଖରେ ଜୟପୁର ପୋଲିସ ଓ ପୌରପାଳିକା ମିଳିତ ଭାବେ ଚଢଉ କରିଥିଲେ । ବେଆଇନ ଭାବେ ତମାଖୁ ରଖିବା ବକ୍ରି କରିବା ଅଭିଯୋଗରେ ଚଢଉ କରିଥିଲେ । ସହର ଭଦ୍ରେୟା ସାହିରେ ୩ଟି ଗୋଦାମରେ ଚଢଉ କରି ୪୫ ଲକ୍ଷ ମୂଲ୍ୟର ତମାଖୁ, ଗୁଟୁଖା, ସିଗାରେଟ, ଜବତ କରି ଗୋଦାମ ସିଲ କରାଯାଇଛି । ଆଗାମି ଦିନରେ ମଧ୍ୟ ଚଢଉକୁ ଜୋରସୋର କରାଯିବ ବୋଲି ସୂଚନା ଦେଇଛନ୍ତି । ବିଶେଷ କରି ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ ଶହେ ମିଟର ଦୂରରେ ଯେଉଁମାନେ ଗୁଟଖା ଓ ଧୁମପାନ ସାମଗ୍ରୀ ବିକ୍ରି କରୁଛନ୍ତି ସେମାନଙ୍କ ଉପରେ ମଧ୍ୟ କାଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି । ବିଭିନ୍ନ ସ୍ଥାନରେ ଅଫିମ ତଥା ଡ୍ରଗସ ବିକ୍ରି ଉପରେ ଚଢ଼ଉ କରାଯିବ । ଆଜିର ସମ୍ବାଦିକ ସମ୍ମିଳନିରେ ଏସଡିପିଓ ପାର୍ଥ କଶ୍ୟପ, ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ, ପୌର ପରିମଳ ନିରିକ୍ଷକ ସତ୍ୟ ନାରାୟଣ ପାତ୍ର ଉପସ୍ଥିତ ଥିଲେ ।

# ଗଡଦେଉଳିଆ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଗୁରୁ ପୂଜନ କାର୍ଯ୍ୟକ୍ରମ

ବୈଶିଙ୍ଗା , ୫/୦୯ (ନି.ପ୍ର): ପୂର୍ବ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରୀଷ୍ଣନ ଙ୍କ ଜନ୍ମଦିବସ କୁ ସାରା ଦେଶରେ ଶିକ୍ଷକ ଦିବସ ଭାବେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ସ୍କୁଲ କଲେଜ ସମେତ ବିଭିନ୍ନ ଅନୁଷ୍ଠାନ ମଧ୍ୟ ଏହି ଦିବସ କୁ ପାଳନ କରିଥାନ୍ତି । ବରିଷ୍ଠ ତଥା ଅବସର ପ୍ରାପ୍ତ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କୁ ସମ୍ମାନୀତ କରିବା ପାଇଁ ବୈଶିଙ୍ଗା ଥାନା ଅଧିନ ଗଡଦେଉଳିଆ ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ଏକ ଅଭିନବ ପ୍ରୟାସ କରାଯାଉଥିଲା । ଶୁକ୍ରବାର ଅପରାହ୍ନ ରେ ବ୍ୟାଙ୍କ ପରିସରରେ ଏଥିପାଇଁ ଏକ ଉତ୍ସବର ଆୟୋଜନ କରାଯାଇଥିଲା ବ୍ୟାଙ୍କର ଚିଫ୍ ମ୍ୟାନେଜର ଗୋବର୍ଦ୍ଧନ ଦାସ ଏବଂ ବ୍ରାଞ୍ଚ ମ୍ୟାନେଜର ବିବେକାନନ୍ଦ ବେହେରା ଉପସ୍ଥିତ ରହି ପେନସନ ଭୋଗୀ ମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅବସର ଶିକ୍ଷକ ସଂଘ ସଭାପତି ପଦ୍ମଲୋଚନ ସେନାପତି ଏବଂ ସମ୍ପାଦକ ମନ୍ମଥ କୁମାର ସାହୁ ଙ୍କ ସଂପାଦନାରେ ଅନୁଷ୍ଠିତ ଏହି ଉତ୍ସବରେ ଉମାକାନ୍ତ ବେହେରା, ବିଜୟ କୁମାର ପରିଡ଼ା, ସଞ୍ଜୟ କୁମାର ମିଶ୍ର,କୈଳାସ ଚନ୍ଦ୍ର ପ୍ରଧାନ ,ଅଭିଳାଷ ଚନ୍ଦ୍ର ଗିରି ,ହରେକୃଷ୍ଣ ବିନ୍ଧାଣୀ , କାର୍ତ୍ତିକ ଚନ୍ଦ୍ର ପଣ୍ଡା , ଅମୂଲ୍ୟ କୁମାର ପ୍ରଧାନ , ମନ୍ମଥ କୁମାର ସାହୁ , ନିଦ୍ରାବତୀ ପାଣି , ସୁମିତ୍ରା ଦେବୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଶାଖା ପରିଚାଳକ ବିବେକାନନ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଓଡ଼ିଆ ଚଳଚ୍ଚିତ୍ର ଚ୍ୟାଲେଞ୍ଜ ଟିମ୍ ମହାବିନାୟକ ଗଣେଶଙ୍କ ଆଶୀର୍ବାଦ ନେଇ ଆରମ୍ଭ କଲେ ପ୍ରଚାର



ଭୁବନେଶ୍ୱର, ୫/୯ (ନି.ପ୍ର): ଦଶହରାରେ ମୁକ୍ତିଲାଭ କରିବାକୁ ଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର ଚ୍ୟାଲେଞ୍ଜ ଟିମ୍ ସିଦ୍ଧ ବିନାୟକ ଗଣେଶ ଙ୍କ ଆଶୀର୍ବାଦ ନେଇ ଚଳଚ୍ଚିତ୍ରର ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ଚଳଚ୍ଚିତ୍ରର ନାୟକ ଅର୍ଦ୍ଧେନ୍ଦୁ ଓ ନାୟିକ ଏଲିନା ସାମନ୍ତରାୟ , କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ପ୍ରଡକ୍ସନ ଡିଜାଇନର ମିଳନ କୁମାର ନୂଆସାହି ଗଣେଶ ମଣ୍ଡପ ଯାଇ ଆଶୀର୍ବାଦ ନେବା ସହ ଉପସ୍ଥିତ ଦର୍ଶକମାନଙ୍କୁ ଦଶହରାରେ ଓଡ଼ିଆ ଫିଲ୍ମ ଚ୍ୟାଲେଞ୍ଜ ଦେଖିବାକୁ ଅନୁରୋଧ କରିଥିଲେ। ଆଖଣ୍ଡଳମଣି ସେବା ସଦନ ତରଫରୁ ଚ୍ୟାଲେଞ୍ଜ ଟିମ୍ କୁ ସମ୍ମାନୀତ କରିବା ସହ ଶୁଭେଚ୍ଛା ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା। ଟିମ୍ ତରଫରୁ ନିକଟରେ ମୁକ୍ତିଲାଭ କରିଥିବା ଭାଙ୍ଗ ଗୀତରେ ରିଲ୍ସ କରି ଅଧିକ ଭିଉ ଥିବା ଇନ୍‌ଷ୍ଟା ଆଇଡିକୁ ଆକର୍ଷଣୀୟ ପୁରସ୍କାର ସହ ପ୍ରିମିୟର ଦିନ ଚଳଚ୍ଚିତ୍ର କଳାକାରମାନଙ୍କ ସହ ଫିଲ୍ମ ଦେଖିବାର ସୁଯୋଗ ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଚର୍ଚ୍ଚିତ ନାଁ । ପୂର୍ବରୁ ବ୍ଲାକମେଲ, ଅ ଆ ହର୍ଷଇ ସହିତ ଭିଲେନ୍ ଭଳି ଆକ୍ସନ୍ ଚଳଚ୍ଚିତ୍ର ନିର୍ମାଣ କରି ଓଡ଼ିଆ ଦର୍ଶକଙ୍କୁ ବହୁତ ମନୋରଞ୍ଜନ ଯୋଗାଇଛନ୍ତି । ଚ୍ୟାଲେଞ୍ଜ ଚଳଚ୍ଚିତ୍ରରେ ଆକ୍ସନ ସହିତ ଫ୍ୟାମିଲି ଡ୍ରାମା ମଧ୍ୟ ଭରି ରହିଛି। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର ରେ ଏହା ହେଉଛି ୬ଷ୍ଠ ଅବଦାନ । ଚ୍ୟାଲେଞ୍ଜରେ ମଧ୍ୟ କିଛି ନୂଆ କରିବା ପାଇଁ ମହାଭାରତର ସେଇ ନାମୀ ଦାମୀ ଚରିତ୍ରରେ ଅଭିନୟ କରିଥିବା ପୁନିତ ଇସାର ଓରଫ ଦୁର୍ଯ୍ୟୋଧନଙ୍କୁ ଏକ ବଳିଷ୍ଠ ଚରିତ୍ରରେ ଦେଖିବାକୁ ମିଳିବ ।

## ଖଇରାରେ କଂଗ୍ରେସ ପକ୍ଷରୁ ସୃଜନ ଅଭିଯାନ

ଖଇରା, ୫/୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ଇଟାମୁଣ୍ଡି ଛକ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଦିନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କର୍ନାଟକ ଏମପି ତଥା କଂଗ୍ରେସର ବାଲେଶ୍ୱର ପ୍ରଭାରୀ ଶ୍ରେୟାସ ଏମ ପଟେଲ ଯୋଗ ଦେଇ ଏଆଇସିସି ସଭାପତି ମଲିକାର୍ଜୁନ ଖଡଗେ,ତଥା ଅନ୍ୟତମ ନେତା ରାହୁଳ ଗାନ୍ଧୀଙ୍କର ଆଗାମୀଦିନର ବିଭିନ୍ନ ଏଜେଣ୍ଡା ଉପରେ ଆଲୋକପାତ କରିଥିଲେ । କଂଗ୍ରେସ ଦଳ ଗୋଟିଏ ପରିବାର ଭଳି । ସମସ୍ତେ ମିଳିମିଶି କାମ କଲେ କଂଗ୍ରେସ ଓଡିଶା ଦଖଲ ସହିତ କେନ୍ଦ୍ରରେ କ୍ଷମତାସୀନ ହୋଇ ପାରିବ ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ କଂଗ୍ରେସର ଜିଲା ସଭାପତି ପାଇଁ କର୍ମୀଙ୍କର ମତ ସଂଗ୍ରହ କରାଯାଇଥିଲା । ବ୍ଲକ କଂଗ୍ରେସ ସଭାପତି ଶରତ ଦାସଙ୍କ ସଭାପତିତ୍ୱରେ ସୃଜନ ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ପୂର୍ବତନ ଏମପି ଅନନ୍ତ ପ୍ରସାଦ ସେଠୀ,ଏମପି ପ୍ରାର୍ଥନୀ ମଧୁମିତା ସେଠୀ,ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲିଆପାଳର ରାଷ୍ଟ୍ରପତି ପଦକ ପ୍ରାପ୍ତ ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ବାଲିଆପାଳ , ୫/୯ (ନି.ପ୍ର): ଆଜି ପବିତ୍ର ଗୁରୁ ଦିବସରେ ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅବସରରେ ବାଲିଆପାଳ ବ୍ଲକ୍ ର ଏକମାତ୍ର ପ୍ରାଥମିକ ଶିକ୍ଷକ ଭାବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିମୁଳିଆର ସହକାରୀ ଶିକ୍ଷକ ଶ୍ରୀ ନିତାଇ ଚରଣ ରାଉଳ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଶ୍ରୀ ରାଉଳ ୨୦୧୧ ମସିହା ଭାରତର ଜନଗଣନା ରେ ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପଦକ ପାଇ ସମ୍ମାନିତ ହୋଇଥିଲେ । ସେ ଦୀର୍ଘ ପଚିଶି ବର୍ଷ ବାଲିଆପାଳ ବ୍ଲକ୍ ରେ ଶିକ୍ଷକତା କରି ଆସୁଛନ୍ତି । ଏହି ସଫଳତା ପାଇଁ ବାଲିଆପାଳ ର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଜଗବନ୍ଧୁ ଜେନା , ଏ ବି ଇ ଓ ନମିତାପ୍ରଭା ସାମଲ, ଦେଭୋଗ ଶ୍ରୀ ହରି ଚରଣ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଜୟ କୁମାର ମହାନ୍ତି ,ବାଲିଆପାଳ ଶିକ୍ଷକ ସମନ୍ୱୟ ସମିତିର ସଭାପତି ବିଶ୍ୱମ୍ଭର ପାତ୍ର, ସମ୍ପାଦକ ପୂର୍ଣ୍ଣେନ୍ଦୁ ଦାସ, ଆବାହକ ସୁଶାନ୍ତ କୁମାର ଗିରି, ଶିକ୍ଷକ ନେତା ପ୍ରଭାତ ରଞ୍ଜନ ସାହୁ, ସୁବାସ ଚନ୍ଦ୍ର ଭଞ୍ଜ, ବ୍ୟୋମକେଶ ସାହୁ, ସି ଆର ସି ସି ଯଶୋବନ୍ତ ଜେନା ସମେତ ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା, ବିଦ୍ୟାଳୟ ପରିଚାଳନା କମିଟି, ସହକର୍ମୀ ଶିକ୍ଷକ ଶିକ୍ଷୟତ୍ରୀ ତଥା ଅନେକ ମାନ୍ୟ ଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି ।

# ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟରେ ଗୁରୁଦିବସ ପାଳିତ



ବାରିପଦା , ୫/୯ (ନି.ପ୍ର): ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ମହାନ ଦାର୍ଶନୀକ ସର୍ବପଲ୍ଲୀ ଡ଼ ରାଧାକୃଷ୍ଣନଙ୍କ ଜନ୍ମଦିନକୁ ଗୁରୁଦିବସ ରୂପେ ପାଳନ କରାଯାଇଥାଏ। ସେହି ପରମ୍ପରା ଅନୁଯାୟୀ ସ୍ଥାନୀୟ ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଏକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟ ରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା 'ଗୁରୁପୂଜନ ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବାଙ୍ଗିରପୋଷି ସ୍ଥିତ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ରୁ ଅଧକ୍ଷା ଭାବେ ସଦ୍ୟ ଅବସର ଗ୍ରହଣ କରିଥିବା ଡ଼ ପୁଷ୍ପା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗୁରୁ - ଛାତ୍ର ସମ୍ପର୍କ ର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବାଇଗଣ ବଡ଼ିଆ ମହାବିଦ୍ୟାଳୟ ର ଅବସର ପ୍ରାପ୍ତ ପ୍ରାଧ୍ୟାପକ ଡ଼ ଶୁଭେନ୍ଦୁ କୁମାର ଦାସ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଲକ୍ଷ ପୂରଣ ପାଇଁ ସଂଘର୍ଷମୟ ପଥ କୁ ଆପଣେଇ ନେବାକୁ ପରାମର୍ଶ ଦେଇଥିଲେ। ସୀମାନ୍ତ ମହାବିଦ୍ୟାଳୟ ର ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ଼ ଅନିଲ କୁମର ଝା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ବିଦ୍ୟା ରେ ନିଜ କୁ ସୀମିତ ନ ରଖି ପ୍ରୟୋଗାତ୍ମକ ଶିକ୍ଷା ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଉପାଧକ୍ଷା ସଂଘମିତ୍ରା ରାଉତ ଓ ମୟୂରଭଞ୍ଜ ସାଇନ୍ସ ହୟର ସେକେଣ୍ଡାରୀ ସ୍କୁଲ ର ଅଧକ୍ଷା ଦେବାଶ୍ରିତା ବିଶ୍ୱାଳ ନିଜର ବକ୍ତବ୍ୟ ମାଧ୍ୟମରେ ଛାତ୍ରଛାତ୍ରୀ ମାନଙ୍କୁ ବହୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୦ ଜଣ ପ୍ରତିଷ୍ଠିତ ଶିକ୍ଷକ ଙ୍କୁ ' ମୟୂରଭଞ୍ଜ ଗୌରବ ସମ୍ମାନ 'ରେ ସମ୍ମାନିତ କରାଯାଇ ଉପାଢଉକନ ସହ ମାନପତ୍ର ପ୍ରଦାନ କରାଯାଇଥିଲା। ସେହି ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ହେଲେ ଡ଼ ପୁଷ୍ପା ପାତ୍ର, ଅବସର ପ୍ରାପ୍ତ ଅଧକ୍ଷା, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ, ବାଙ୍ଗିରପୋଷି, ଡ଼ ଶୁଭେନ୍ଦୁ କୁମାର ଦାସ, ଅବସର ପ୍ରାପ୍ତ ପ୍ରାଧ୍ୟାପକ, ରସାୟନ ବିଭାଗ, ବାଇଗଣବାଡିଆ ମହାବିଦ୍ୟାଳୟ, ଡ଼ ଅନିଲ ଝା, ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ, ସୀମାନ୍ତ ମହାବିଦ୍ୟାଳୟ, ଆନନ୍ଦ କୁମାର ସାହୁ, ସହକାରୀ ଶିକ୍ଷକ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋହିରା,ଜାମଦା ସୋମନାଥ ସିଂହ, ପ୍ରଧାନ ଶିକ୍ଷକ, ପୂର୍ଣଚନ୍ଦ୍ରପୁର ପ୍ରକଳ୍ପ ବିଦ୍ୟାଳୟ, ବାରିପଦା ଡ଼ ଅସୀମ କୁମର ଚକ୍ରବର୍ତ୍ତୀ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ,ଦୁର୍ଗାଦେବୀ ହିନ୍ଦୀ ବିଦ୍ୟାଳୟ, ବାରିପଦା,ପ୍ରଦୀପ କୁମାର ନାଥ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ତୁଳସୀଚଉରା ପ୍ରାଥମିକ ବିଦ୍ୟାଳୟ,ବିନୋଦିନୀ ସେନାପତି, ପ୍ରଧାନ ଶିକ୍ଷୟିତ୍ରୀ, ଚିତ୍ରଡା ଉଚ୍ଚ ବାଳିକା ବିଦ୍ୟାଳୟ ଅଶୋକ କୁମାର ସାହୁ,ସହକାରୀ ଶିକ୍ଷକ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ବ୍ରାହ୍ମଣ ବସା, ଗିରିଧାରୀ ମହାନ୍ତ, ସହକାରୀ ଶିକ୍ଷକ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଡୁମୁର, ଜା ମଦା।ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନେ ଗୁରୁବନ୍ଦନା ଗୀତଗାଇ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ପୂଜା କରିଥିଲେ।ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ରୀ ଗାୟତ୍ରୀ ପଟ୍ଟନାୟକଙ୍କ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ବେଶ ମନମୁଗ୍ଧକର ଥିଲା।ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ନାୟକ ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ କୁ ଉଦ୍ଭିଦ ବିଜ୍ଞାନ ର ମୁଖ୍ୟ ରୁପାମଞ୍ଜରୀ ବେହେରା, ଶିକ୍ଷା ବିଭାଗ ମୁଖ୍ୟ ସୁଜାତା ପାଲ ଓ ବି ଏ ଏଲ ଏଲ ବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଶେଷରେ ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଭିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୋହନଙ୍କ ନିଶାନା...

କହିଥିଲେ ଡ୍ରପ ଆଉଟ୍ ହ୍ରାସ ତାଙ୍କ ସରକାରର ବଡ଼ ପଦକ୍ଷେପ। ଗୁଣାତ୍ମକ ଶିକ୍ଷାପାଇଁ ଶିକ୍ଷକ ଓ ଭିତ୍ତିଭୂମୀ ଉପରେ ଦିଆଯାଉଛି ସର୍ବାଧିକ ଗରୁତ୍ୱ। ଅଧାରୁ ପାଠ ଛାଡୁଥିବା ଆଦିବାସୀ ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ମାଧୋସିଂ ହାତ ଖର୍ଚ୍ଚ ଯୋଜନାର ଉଲ୍ଲେଖ କରି ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ କରିବାରେ ଶିକ୍ଷକଙ୍କୁ ଗୁରୁମନ୍ତ୍ର ଦେଇଥିଲେ ମୋହନ ମାଝୀ। ଗୋଟିଏ ପଟେ ଗୁରୁଙ୍କୁ ସମ୍ମାନ ତ ଅନ୍ୟପଟେ ଲୋୟର ପିଏମଜିରେ ଶିକ୍ଷକଙ୍କ ଗର୍ଜନ ସାଙ୍ଗକୁ ବେସରକାରୀ ପ୍ଲସ ଟୁ କଲେଜ ଆଗରେ ଶିକ୍ଷାଦାତାଙ୍କ କଳାଦିବସ ପାଳନ। ବେତନ ଓ ପେନସନ ଦାବିରେ ଲୋୟର ପିଏମଜିରେ ଅହୋରାତ୍ର ଆନ୍ଦୋଳନକୁ ଓହ୍ଲାଇଛନ୍ତି ୩୦ବର୍ଷ ଧରି ହକ୍ ପାଇଁ ଲଢ଼େଇ କରି ଆସୁଥିବା ସ୍କୁଲ-କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ। ସେପଟେ ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ବି ୧୯ ଦିନ ଧରି ପେନଡାଉନ ଆନ୍ଦୋଳନ ସାଙ୍ଗକୁ ଗୁରୁଦିବସକୁ କଳାଦିବସ ଭାବେ ପାଳୁଛି। ସପଟେ ଗଣଶିକ୍ଷାମନ୍ତ୍ରୀଙ୍କ ଅପିଲ୍- ଶିକ୍ଷକମାନେ ଆନ୍ଦୋଳନରୁ ଓହରି ଯାଆନ୍ତୁ। ପୂର୍ବ ସରକାରର ତ୍ରୁଟିକୁ ସୁଧାରି ମୋହନ ସରକାର ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଚେଷ୍ଟିତ ଅଛନ୍ତି। ଗୁରୁ ଦିବସରେ ପୂର୍ବ ସରକାରଙ୍କୁ ମୁଖ୍ୟମନ୍ତ୍ରୀ ଆଲେଖ୍ୟ ମାଧ୍ୟମରେ ମାରିଥିବା ତେରଛା ବାଣକୁ କାଉଣ୍ଟର କରିଛି ବିଜେଡି । ଏବେ ଦେଖିବାର କଥା ମୋହନ ସରକାରରେ ଶିକ୍ଷକଙ୍କ ଦାବି କେତେ ପୂରଣ ହେଉଛି ଓ ଦେଶ ଭବିଷ୍ୟତଙ୍କୁ କେତେ ମିଳୁଛି ଗୁଣାତ୍ମକ ଶିକ୍ଷା।

### ମହାରାଷ୍ଟ୍ରରେ ମନ୍ତ୍ରୀ ...

ଦେବା କେତେଦୂର ଠିକ ? ଆଇନଠୁ କ'ଣ ରାଜନୀତି ଉର୍ଦ୍ଧ୍ୱରେ ? ଗୋଟେ ପଟେ ମହିଳା ଅଧିକାରୀ ନିଜ କାମ କରୁଛନ୍ତି ସେପଟେ ଜନଶୁଣାଣି ଆଳରେ ଦ୍ୱାହି ଦେଉଛନ୍ତି ଉପମୁଖ୍ୟମନ୍ତ୍ରୀ । ତେବେ ଘଟଣାରେ କିଏ ଠିକ, କିଏ ଭୁଲ ସେକଥା ପୂରା ଛାନଭିନ ପରେ ଜଣାପଡିବ । କେରଳ କ୍ୟାଡର ଆଇପିଏସ୍ ଅଞ୍ଜନା କ୍ରିଷ୍ଣା ବର୍ତ୍ତମାନ ସୋଲାପୁରରେ ଡିଏସ୍‌ପି ଭାବେ କାର୍ଯ୍ୟରତ ।

### ଦେଶର ରାଜଧାନୀରେ...

୪ଟି ଟିମ୍ମ ମୁତୟନ କରାଯାଇଛି। ଏପ ର୍ଯ୍ୟନ୍ତ ପ୍ରଭାବିତ ଅଞ୍ଚଳରୁ ୧୪ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏପଟେ ଖାଲି ଦିଲ୍ଲୀ ସହ ଉତ୍ତର ପ୍ରଦେଶ, ହରିୟାଣା, ପଞ୍ଜାବରେ ବି ବର୍ଷା ଓ ବନ୍ୟା ପ୍ରଭାବରୁ ହଜାର ହଜାର ସଂଖ୍ୟାରେ ଲୋକ ସମସ୍ୟାରେ ପଡ଼ିଛନ୍ତି।

### ପଶ୍ଚାତାପ କରୁଛି ...

ଟ୍ରମ୍ପଙ୍କୁ ବେଶ ବାଧୁଛି। ଚାଇନାକୁ ଚେକ ଦେବାକୁ ଚେଷ୍ଟା କରୁଥିବା ଟ୍ରମ୍ପ ଏବେ ଭାରତ ଓ ରୁଷକୁ ବେଜିଂ ପାଖରେ ହରାଇ ଦେଇଥିବା କହିଛନ୍ତି। ଅର୍ଥାତ ଚାଇନା ଏବେ ଆମେରିକାର ସହଯୋଗୀ ଭାରତ ଓ ରୁଷକୁ ନେଇ ଯାଇଥିବା ଟ୍ରମ୍ପ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଆଜି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ରଙ୍କୁ ସାମ୍ବାଦିକ ସମ୍ମିଳନୀ ବେଳେ ପ୍ରଶ୍ନ କରାଯାଇଥିଲା। ହେଲେ ମୁଖପାତ୍ର ରଣଧୀର ଜୈସୱାଲ ଏସମ୍ପର୍କରେ କିଛି ବି କହି ନାହାନ୍ତି। ସେ କହିଛନ୍ତି, "ଟ୍ରମ୍ପଙ୍କ ପୋଷ୍ଟ ଉପରେ କିଛି କିହିବାକୁ ଏବେ ଆମ ପାଖରେ କିଛି ନାହିଁ।" ତେବେ ଭାରତ-ଆମେରିକା ସମ୍ପର୍କ ବେଶ ଗୁରୁତ୍ୱପୂର୍ଣ୍ଣ ଓ ଦୁଇ ଦେଶ ମଧ୍ୟରେ ଏବେ ବି ଡିଲ ପାଇଁ ଆଲୋଚନା ଚାଲିଥିବା ସେ ସୂଚନା ଦେଇଛନ୍ତି।

### ଜିଏସଟି ୨.୦: ଶସ୍ତା...

ଚଷମା, ଚଷମା ଲେନ୍ସ ଓ କଣ୍ଟାକ୍ଟ ଲେନ୍ସ ଉପରେ ଜିଏସଟି ୧୨ରୁ ୫ ପ୍ରତିଶତକୁ କମିବା ପରେ ଏହା ବିଶେଷତଃ ବୟସ୍କ ଓ ଛାତ୍ରଛାତ୍ରୀଙ୍କୁ ସହାୟକ ହେବ ବୋଲି ଆଶା କରାଯାଉଛି। ହେଲ୍ଥ ଓ ଲାଇଫ ଇନସୁରାନ୍ସ ପାଇଁ ବି କମିବ ପ୍ରିମିୟମ୍ ରାଶି। ସାଧାରଣ ଲୋକଙ୍କ ପାଇଁ ବୀମା ସୁଲଭ କରିବା ଏବଂ ଦେଶରେ ବୀମା ସୁରକ୍ଷା ବୃଦ୍ଧି ଦିଗରେ ବାଟ ଫିଟାଇଛି ଜିଏସଟି ସଂସ୍କାର। ସମସ୍ତ ବ୍ୟକ୍ତିଗତ ଜୀବନ ବୀମା ପଲିସି ଯଥା ଟର୍ମ ଲାଇଫ୍, ୟୁଲିପ୍ କିମ୍ବା ଏଣ୍ଡୋମେଣ୍ଟ ପଲିସି ଉପରେ ଜିଏସଟି ଛାଡ଼ କରାଯାଇଛି। ସମସ୍ତ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ପଲିସି, ପରିବାର ଫ୍ଲୋଟର୍ ପଲିସି, ବରିଷ୍ଠ ନାଗରିକଙ୍କ ପାଇଁ ପଲିସି ଉପରେ ବି ଲାଗିବନି କୌଣସି ଜିଏସଟି। ଆଗରୁ ଏସବୁ ଉପରେ ୧୮ ପ୍ରତିଶତ ଜିଏସଟି ଲାଗୁଥିଲା। କେବଳ ନୂଆ ଇନସୁରାନ୍ସ ପଲିସି ନୁହେଁ, ସେପ୍ଟେମ୍ବର ୨୨ ପରେ ପୁନଃବୀମାକରଣ ବା ରିନ୍ୟୁ ବି ବିନା ଜିଏସଟିରେ ହେବ। ମୋଟାମୋଟି, ଲାଇଫ ଇନସୁରାନ୍ସରେ ୧ ଲକ୍ଷ ୧୮ ହଜାର ପ୍ରିମିୟମ୍ ପରିବର୍ତ୍ତେ ୧ ଲକ୍ଷ ଏବଂ ସ୍ୱାସ୍ଥ୍ୟବୀମା ପାଇଁ ୧୧ ହଜାର ୮ଶହ ପ୍ରିମିୟମ ପରିବର୍ତ୍ତେ ୧୦ ହଜାର ଟଙ୍କାର ପ୍ରିମିୟମ ଦେବାକୁ ପଡ଼ିବ। ଅର୍ଥାତ୍ ଏଣିକି ୫ ଲକ୍ଷ ଟଙ୍କାର ବୀମା ନେଉଥିବା ଲୋକେ ୭ ରୁ ୮ ଲକ୍ଷ ଟଙ୍କାର ବୀମା ପାଇଁ ସାହସ ଜୁଟାଇ ପାରିବେ। ଯାହାକି ଇନସୁରାନ୍ସ କଂପାନୀ ପାଇଁ ବି ଫାଇଦା ହେବ ଏବଂ ଅଧିକରୁ ଅଧିକ ଲୋକ ବୀମା କରିବାକୁ ଆଗ୍ରହ ଦେଖାଇବେ। ୨୦୪୭ ସୁଦ୍ଧା 'ମିଶନ୍ ଇନସୁରାନ୍ସ ଫର୍ ଅଲ୍', ଅର୍ଥାତ୍ ସମସ୍ତଙ୍କୁ ବୀମାଭୁକ୍ତ କରିବା ପାଇଁ ସରକାରଙ୍କ ଲକ୍ଷ୍ୟକୁ ଏହା ତ୍ୱରାନ୍ୱିତ କରିବ। ଗାଁରେ ମୁଣ୍ଡ ଉପରେ ପକ୍କା ଛାତ ହେଉ, ଅବା ସହରରେ ନିଜର ଏକ ନିଡ଼ର ସ୍ୱପ୍ନ। ଏହାକୁ ସତ କରିବା ପାଇଁ ଏଣିକି ସୁଲଭ ହେବ ଘର ତିଆରି। ଛୋଟ ହେଉ କି ବଡ଼, ବ୍ୟକ୍ତିଗତ ବାସଗୃହ ହେଉ କି ବଡ଼ ଆପାର୍ଟମେଣ୍ଟ ଓ ଫ୍ଲାଟ୍। ସିମେଣ୍ଟ ଉପରେ ୧୦ ପ୍ରତିଶତ ଜିଏସଟି ହ୍ରାସ ହେବା ପରେ କମିବାକୁ ଯାଉଛି ବାସଗୃହ ନିର୍ମାଣ ଖର୍ଚ୍ଚ। ମାର୍ବଲ୍ ଓ ଟ୍ରାଭର୍ଟାଇନ୍ ବ୍ଲକ୍, ଗ୍ରାନାଇଟ୍ ବ୍ଲକ୍, ସ୍ୟାଣ୍ଡ-ଲାଇମ୍ ବ୍ରିକ୍, ବାମ୍ବୁ ଫ୍ଲୋରିଂ ଭଳି ସାମଗ୍ରୀ ଉପରେ ଜିଏସଟି ୫ ପ୍ରତିଶତକୁ ଖସିଥିବାରୁ ଏସବୁ ଶସ୍ତାରେ ମିଳିପାରିବ। ଯାହାକି କେବଳ ଯେ ସାଧାରଣ ମଧ୍ୟବିତ୍ତଙ୍କୁ ଆଶ୍ୱସ୍ତି ଦେବ ତା ନୁହେଁ। ସାମଗ୍ରିକ ଭାବେ ରିୟଲ ଇଷ୍ଟେଟ୍ ସେକ୍ଟର ଓ ଇନଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟକୁ ବଳ ଦେବ। ରିୟଲ ଇଷ୍ଟେଟରେ ଚାହିଦା ବଢ଼ିଲେ ଅଧିକ ନିଯୁକ୍ତି ସୁଯୋଗ ବି ସୃଷ୍ଟି ହେବ ବୋଲି ଆଶା ରଖିଛନ୍ତି ସରକାର। ୧୦ ଲକ୍ଷ ଟଙ୍କାର ଘର ପାଇଁ ପ୍ରାୟ ୫୦ ହଜାର ଟଙ୍କା କମ୍ ଖର୍ଚ୍ଚ ହେବ ବୋଲି ଆକଳନ କରିଛନ୍ତି ବିଲଡର।

# ଇନ୍‌ଟାକ୍ ବାଲେଶ୍ୱର ଚାପ୍‌ଟର୍‌ର ପ୍ରତିଷ୍ଠା ଦିବସ ପାଳନ




ବାଲେଶ୍ୱର, ୫/୯ (ନି.ପ୍ର): ଇନ୍‌ଟାକ୍ ବାଲେଶ୍ୱର ଚାପ୍‌ଟର୍‌ର ୧୬ତମ ପ୍ରତିଷ୍ଠା ଦିବସ 'ଉଦ୍ୟୋଗ ଭବନ' ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମେ ମଞ୍ଚ ଆବାହନ ପୂର୍ବକ ଆମନ୍ତ୍ରିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ପାଛୋଟି ନେଇଥିଲେ ଏହି ସଂସ୍ଥାର ଅତିରିକ୍ତ ସହ ଆବାହକ ନିକୁଞ୍ଜ ବିହାରୀ ଦାସ। ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ପ୍ରଦୀପ ପ୍ରଜ୍ୱଳନରେ ସାହାଯ୍ୟ କରିଥିଲେ ଏହି ଚାପଟରର ଅନ୍ୟତମ ଅତିରିକ୍ତ ସହ ଆବାହକ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସଦସ୍ୟା ଶ୍ରୀମତୀ ଅଲିଭା ଦାସ ଓ ଶ୍ରୀମତୀ ଗୀତାଞ୍ଜଳି ପାଣିଗ୍ରାହୀ। ଆବାହକ ଉଦୟ ରଞ୍ଜନ ଦାସ ଆବାହନୀ ବକ୍ତବ୍ୟରେ ବାଲେଶ୍ୱର ଚାପଟର ସମ୍ବନ୍ଧରେ ଓ ଏହାର କାର୍ଯ୍ୟାବଳୀ ବିଷୟରେ ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ। ଆମନ୍ତ୍ରିତ ଅତିଥିମାନଙ୍କୁ ସ୍ୱାଗତ କରିବା ସହ, ନୂତନ ଭାବେ ରାଜ୍ୟର ଆବାହକ ଭାବେ ଦାୟିତ୍ୱ ବହନ କରିଥିବା ଡ. ବିଶ୍ୱଜିତ୍ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଆଗାମୀ ଦିନରେ ତାଙ୍କର ସମସ୍ତ ସହଯୋଗର ଆଶାପୋଷଣ କରିଥିଲେ। ଚାପ୍‌ଟର୍‌ର ସହ ଆବାହକ ସଂଗ୍ରାମ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିରିକ୍ତ ଆବାହକ ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ମୁଖ୍ୟଅତିଥି ଜ୍ଞାନରଞ୍ଜନ ଦାଶ (ଅବସରପ୍ରାପ୍ତ ଓ.ଏ.ଏସ୍) ଓ ସଦସ୍ୟ ମାତୃଦତ୍ତ ଦାସ, ରାଜ୍ୟ ଆବାହକ ଡ. ବିଶ୍ୱଜିତ୍ ମହାନ୍ତିଙ୍କର ପରିଚୟ ପ୍ରଦାନ କରିଥିଲେ। ଲୁପ୍ତପ୍ରାୟ ଭାରତର କଳା, ଭାସ୍କର୍ଯ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବା ର ପ୍ରୟାସରେ ବାଲେଶ୍ୱର ଚାପଟରର ଭୂମିକାକୁ ପ୍ରଶଂସା କରିଥିଲେ ମୁଖ୍ୟବକ୍ତା। ମୁଖ୍ୟ ଅତିଥି ଜ୍ଞାନରଞ୍ଜନ ଦାଶ ତାଙ୍କ ବକ୍ତବ୍ୟରେ ପ୍ରଶାସନିକ ଅଧିକାରୀ ଭାବେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଇନ୍‌ଟାକ୍‌ର ଭୂମିକା ସମ୍ବନ୍ଧରେ ଆଲୋକପାତ କରି ଐତିହ୍ୟ ସଂରକ୍ଷଣରେ ଏହାର ଉଦ୍ୟମକୁ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ଏହି ଚାପ୍‌ଟର୍‌ର ପତ୍ରିକା 'ପରଂପରା'କୁ ନିକୁଞ୍ଜ ବିହାରୀ ଦାସଙ୍କ ତତ୍ତ୍ୱାବଧାନରେ ଆମନ୍ତ୍ରିତ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ରତ୍ନାକର ଟାଉନ୍ ଉଚ୍ଚ ବିଦ୍ୟାଳୟ, ବାଲିଗୋହିରୀର ପ୍ରଧାନ ଶିକ୍ଷକ (ଅବସରପ୍ରାପ୍ତ) ବିନୋଦ ବିହାରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ମାନପତ୍ର ପାଠ କରିଥିଲେ ସଭ୍ୟ ଅଖିଳ କୁମାର ଦାସ। ବିଦ୍ୟାଳୟ ଭିତ୍ତିକ ବିଭିନ୍ନ ପ୍ରତିଯୋଗିତାର ସଫଳ ହୋଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ଦେବାଶିଷ ମିଶ୍ର ଓ ଅନ୍ୟ ସଭ୍ୟସଭ୍ୟାମାନେ ଏଥିରେ ସହଯୋଗ କରିଥିଲେ। ଅଲିଭା ଦାସ ଓ ସଂଘମିତ୍ରା ମହାନ୍ତି, ଆମନ୍ତ୍ରିତ ଅତିଥିମାନଙ୍କୁ ସମ୍ମାନ ପ୍ରଦାନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ସଭ୍ୟ ହରେନ୍ ରଣା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଚାପ୍‌ଟର୍‌ର ଅନ୍ୟତମ ସଭ୍ୟ ଭାବଗ୍ରାହୀ ମହାନ୍ତି, ଯଶୋଦାନନ୍ଦନ ଆଶ୍, ସୌରଭ କୁମାର ବେହେରା, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ହରିଶ ଚନ୍ଦ୍ର ବେହେରା, ଶିତିକଣ୍ଠ ଦୀକ୍ଷିତ, ଗୌରୀଶଙ୍କର ନାୟକ ଏହି କାର୍ଯ୍ୟକ୍ରମରେ ମିଳିତଭାବେ ସହଯୋଗ କରିଥିଲେ।

# ଦିଲ୍ଲୀ ବିଜ୍ଞାନଭବନରେ ଚମକିଲେ ଓଡ଼ିଆ ପୁଅ ଚନ୍ଦ୍ରବିନ୍ଦୁ



ନୀଳଗିରି , ୫/୯ (ନି.ପ୍ର): ଦିଲ୍ଲୀସ୍ଥିତ ବିଜ୍ଞାନଭବନରେ ପରିସଂଖ୍ୟାନ , କ୍ରିୟାନ୍ୱୟନ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଭାରତ ସରକାରଙ୍କ ଦ୍ୱାରା ଆୟୋଜିତ ଏକ ରାଷ୍ଟ୍ରୀୟ ସମ୍ମିଳନୀ ତଥା ପ୍ରଶିକ୍ଷଣ କର୍ମଶାଳାରେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରତିନିଧି ଭାବେ ତାଙ୍କର ବ୍ୟକ୍ତିଗତ ସହାୟକ ଶ୍ରୀ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇ ବିଭିନ୍ନ ବିଷୟରେ ସାକାରାତ୍ମକ ମତପ୍ରକାଶ କରିବାସହ, ସାଂସଦ ମାନଙ୍କୁ ପ୍ରତିବର୍ଷ ୫କୋଟିଟଙ୍କା ଆଞ୍ଚଳିକ ଉନ୍ନୟନ ପାଣ୍ଠି ଭାବେ ପରିସଂଖ୍ୟାନ ଏବଂକାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ କରାଯାଏ । ମାତ୍ର ପ୍ରତିବର୍ଷ ସେଥିରୁ ୧୦ଲକ୍ଷଟଙ୍କା କଣ୍ଟିଯେନ୍ସି ନାମ ରେ କଟିଯାଏ, ଏବଂ ଜଣେ ସାଂସଦ ଙ୍କର ନିଜର ପାଞ୍ଚ ବର୍ଷର କାର୍ଯ୍ୟକାଳ ଭିତରେ ମୋଟ ୫୦ଲକ୍ଷଟଙ୍କା କଟି ଯାଏ। ଦେଶର ସମସ୍ତ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କର ମୋଟସଂଖ୍ୟା ହେଉଛି ୭୯୦ ଜଣ।ସମସ୍ତ ସାଂସଦଙ୍କର ପାଣ୍ଠିରୁ ଯଦି ୫୦ଲକ୍ଷ କଟେ ତାହେଲେ ସର୍ବମୋଟ ୩୯୫ କୋଟିଟଙ୍କା କଟିଯାଉଛି। ଏହି ଟଙ୍କାରେ ଦେଶର ବିକାଶ ହେଇପାରନ୍ତା। ଏହି ଟଙ୍କା କଟିଲା ପରେ କେଉଁଥିରେ ଖର୍ଚ୍ଚ ହେଉଛି ତାହା ମଧ୍ୟ କାହାରିକୁ ଜଣାନାହିଁ । ବିଭାଗୀୟ ସଚିବ ଏହାର ଉତ୍ତର ଦେବାକୁଯାଇ ସାମାନ୍ୟ ହଡବଡାଇ ଯାଇଥିଲେ ଏବଂ ଆସନ୍ତା ବର୍ଷଠାରୁ ଏହି ଟଙ୍କା ଆଉ କଟାଯିବ ନାହିଁ ବୋଲି ଉତ୍ତର ରଖିଥିଲେ । ଚନ୍ଦ୍ରବିନ୍ଦୁଙ୍କ ଏଭଳି ତଥ୍ୟଭିତ୍ତିକ ଔଜସ୍ୱିନୀ ଭାଷଣରେ କର୍ମଶାଳାରେ ଉପସ୍ଥିତ ସମସ୍ତ ସଦସ୍ୟ କରତାଳି ଦେଇ ଶ୍ରୀ ଦାସଙ୍କୁ ଧନ୍ୟବାଦ ଜଣାଇଥିଲେ । ତତସହିତ ସାଂସଦଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ବିଭିନ୍ନ କଟକଣା କାରଣରୁ ଏହାର କାର୍ଯ୍ୟକାରିତାରେ ବିଳମ୍ବ ହେଉଛି । ଏହାକୁ ସରଳିକରଣ କରିବାପାଇଁ ମତ ପ୍ରକାଶ କରିବା ସହ ଆହୁରି ବିଭିନ୍ନ ବିଷୟରେ ଦୃଢ଼ତା ପୂର୍ବକ ନିଜର ମତବ୍ୟକ୍ତ କରିଥିଲେ ।

# ମଣିପୁରରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର: ବିସ୍ଫୋରକ ଓ ଡ୍ରଗ୍ସ ଜବତ, ଅନେକ ଗିରଫ

ନୂଆଦିଲ୍ଲୀ,୫/୯ : ମଣିପୁର ପୋଲିସ ଓ ସୁରକ୍ଷା ବାହିନୀ ସଂଯୁକ୍ତ ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅଭିଯାନ ଚଳାଇ ବଡ଼ ସଫଳତା ହାସଲ କରିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ଚାଲିଥିବା କାର୍ଯ୍ୟାନୁଷ୍ଠାନରେ ବହୁ ପରିମାଣରେ ଅସ୍ତ୍ର-ଶସ୍ତ୍ର, ଗୋଲାବାରୁଦ, ବିସ୍ଫୋରକ ସାମଗ୍ରୀ ଓ ନଶାଦ୍ରବ୍ୟ ଜବତ କରାଯାଇଛି ଏବଂ କିଛି ଉଗ୍ରବାଦୀ କ୍ୟାଡର୍ ଓ ତସକରମାନଙ୍କୁ ଗିରଫ କରାଯାଇଛି।ଇଂଫାଲ୍ ଇଷ୍ଟ ଜିଲ୍ଲାର ହେଙ୍ଗାଙ୍ଗ ଅଞ୍ଚଳରୁ ପୋଲିସ ଏକ ଏ.କେ.-୫୬ ରାଇଫଲ୍, ଏକ ଏମ-୧୬ ରାଇଫଲ୍, ତିନିଟି ହ୍ୟାଣ୍ଡ୍ ଗ୍ରେନେଡ୍, ପାଞ୍ଚଟି ଟ୍ୟୁବ୍ ଲଞ୍ଚ୍, ଦୁଇଟି ପ୍ଲେଟ୍ ସହିତ ଏକ ବୁଲେଟ୍‌ପ୍ରୁଫ୍ ଜାକେଟ୍, ଏକ ଆରପିଜି ସେଲ୍ ଓ ବିଭିନ୍ନ କ୍ୟାଲିବରର ଗୁଳି ଜବତ କରିଛି।

ବିଷ୍ଣୁପୁର ଜିଲ୍ଲାର ଫୌଗକଚାଓ ଏକାଇ ଓ କୋଲବୁଙ୍ଗ ଗାଁରୁ ଏକ ଇନସାସ୍ ରାଇଫଲ୍, ଏକ ଡବଲ୍ ବ୍ୟାରେଲ୍ ବନ୍ଧୁକ, ଦୁଇଟି ସିଙ୍ଗଲ୍ ବ୍ୟାରେଲ୍ ବନ୍ଧୁକ, ଏକ ଦେଶୀ ପିସ୍ତଲ, ସଜୀବ କାର୍ତୁସ୍, ଜିଲେଟିନ୍ ଷ୍ଟିକ୍, ଡେଟୋନେଟର୍ ଓ କର୍ଡେକ୍ସ ତାର ଜବତ କରାଯାଇଛି।

**AFFIDAVIT**

By virtue of an affidavit before the executive Magistrate, Basudevpur, I, Sarmistha Patra W/o Budhiram Behera, permanent resident of Vill-Badachandrabhanupur, Po- Arandua, Ps-Basudevpur, Dist-Bhadrak state that I am the Mother of Samiyaranjan Behera. On behalf of my minor son, I renounce the use of his former name Samiyaranjan Behera and assume the name of Soumya Ranjan Behera for him. Hereafter he shall be known as Soumya Ranjan Behera in all recordes, deeds and writings and in all proceding, dealing and transaction, private as well as public.

Sarmistha Patra

# ସ୍ୱର୍ଗାଦପି ଗରୀୟସୀ ସ୍ମୃତିପତ୍ର ଉନ୍ମୋଚିତ

ଭଦ୍ରକ ତା ୫/୦୯/୨୫ ରିଖ : ଶାନ୍ତି ନିବାସ ପରିସରରେ ବନମାଳୀ ସତ୍ୟଭାମା ସ୍ମୃତି ସଂସଦର ସଭାପତି ଇଂ ଅଭୟ ସୂତାରଙ୍କ ସଭାପତିତ୍ୱରେ ସ୍ୱର୍ଗତ ସତ୍ୟଭାମା ମିଶ୍ରଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଅଛି । ଆନୁଷ୍ଠାନକଭାବେ ସମାଜସେବୀ ତଥା ତ୍ୟାଗଭୂମିର ପ୍ରତିଷ୍ଠାତା ସଭାପତି ଅଜୟ ନାୟକ 'ସ୍ୱର୍ଗାଦପି ଗରୀୟସୀ' ପତ୍ରିକା ଉନ୍ମୋଚିତ କରିଥିବା ବେଳେ ଅନ୍ୟତମ ଅତିଥି ପ୍ର. ଅଟଳ ବିହାରୀ ନାୟକ, ପ୍ର.ଗୋଲକ ବିହାରୀ ନାୟକ, ଡ଼ା. ଅନିଲ ଦାସ, ଅଧକ୍ଷ ନିହାର ରଂଜନ କର, ସୁବର୍ଣ୍ଣଶ୍ରୀ ପତ୍ରିକାର ସଂପାଦକ କାଳୀପଦ ପଣ୍ଡା, ଲଲାଟେନ୍ଦୁ ମହାନ୍ତି, ପଣ୍ଡିତ ଦୈତାରୀ ମହାପାତ୍ର, ପଣ୍ଡିତ ଦୟାନିଧି ଦାଶ, ଡ଼ଃ ପ୍ରମୋଦ କୁମାର ନାୟକ, ଡ଼ଃ କୃପାସିନ୍ଧୁ ନାୟକ, ଡ଼ଃ ଗୋପାଳ କୁମାର, ଡ଼ା ପ୍ରଭାକର ଦାଶ, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, କୈଳାସ ଦାସ, କିରଣ ଗୁଇଁ, ସୁଧାକର ରାଉତ, ରତିକାନ୍ତ ବେହେରା, ସତ୍ୟଭୂଷଣ ସ୍ୱାମୀ, ପ୍ର. ଗଗନ ଦେ, ଡ଼ଃ ନିତ୍ୟାନନ୍ଦ ମିଶ୍ର, ଅଧାପକ ଶୁକଦେବ ପଣ୍ଡା, ଅକ୍ଷୟ କୁମାର ପାଣିଗ୍ରାହୀ, ଶ୍ରୀମାନ୍ ଅକ୍ଷୟ, ଅଚ୍ୟୁତ ପଣ୍ଡା, ମୀନକେତନ ମିଶ୍ର, ପ୍ରଦ୍ୟୋତନ ସୁଆର, କିଶୋର କୁମାର ମହାନ୍ତି, ସଂଗ୍ରାମ କେଶରୀ ଦାସ, ଶୈଳେନ୍ଦ୍ର ପାଢ଼ୀ, ଦୀନବନ୍ଧୁ ଦାସ, ବ୍ରହ୍ମାନନ୍ଦ ମିଶ୍ର, ମନୋରମା ଆଋର୍ଯ୍ୟ,



ସରସ୍ୱତୀ ତ୍ରିପାଠୀ ପ୍ରମୁଖ ସତ୍ୟଭାମା ମିଶ୍ରଙ୍କ ଏକାଦଶାହରେ ସେ ଜଣେ ସମାଜସେବୀ, ଧାର୍ମିକ ପରୋପକରୀ, ମିଷ୍ଟଭାଷୀ ଓ ଦରଦୀ ମହିୟସୀ ମହିଳା ଥିଲେ ବୋଲି ମତବ୍ୟକ୍ତ କରିଥିଲେ ।

# ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ମହା ସମାରୋହରେ ପାଳିତ



ବାସୁଦେବପୁର, ୫/୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ, ପୁରାତନ ଛାତ୍ର ସଂସଦ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଗୁରୁ ପୂଜନ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି । ଏଥି ସହିତ ବିଦ୍ୟାଳୟର ପ୍ରତିଷ୍ଠାତା ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ ସହିତ ଭୂମି ପୂଜା ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଧାମ ନଗରର ପୂର୍ବତନ ବିଧାୟକ ତଥା ବିଦ୍ୟାଳୟର ପୁରାତନ ଛାତ୍ର ମୁକ୍ତିକାନ୍ତ ମଣ୍ଡଳ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ମାନ୍ୟବର ଅଶୋକ କୁମାର ଦାସ ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, କବି ଓ ସାହିତ୍ୟିକ ଅଭୟ ସୂତାର, ଡାକ୍ତର ଅନୀଲ ଦାସ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ନାୟକ, ଅବସର ପ୍ରାପ୍ତ ଶିକ୍ଷକ ସୁଧାକର ସନ୍ଧି ବିଗ୍ରହ, ଭାଗିରଥୀ ପଣ୍ଡା, କେଦାର ନାଥ ଜେନା, ନିରାକାର ସାହୁ, ରଙ୍ଗାଧର ସାହାଣୀ, ରାଧାଶ୍ୟାମ ପାତ୍ର, ରବୀନ୍ଦ୍ର କୁମାର ପାଣି, ପ୍ରଭାତ ସାଁ, ସୁଗୋ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ଅଗସ୍ତି । ସମସ୍ତ ଅତିଥି ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ ଓ ଭାରତ ବର୍ଷର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ । ଏହି ଅବସରରେ ବିଧାୟକ ଅଶୋକ କୁମାର ଦାସ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ବହୁ ସଂଖ୍ୟାରେ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମାନପତ୍ର, ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଗଳାରେ ଫୁଲମାଳ ଓ କପାଳରେ ଚନ୍ଦନ ଲଗା ଯାଇ ବନ୍ଦାପନା କରାଯାଇଥିଲା । କବି ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶିକ୍ଷକ ଅମିୟ ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ । ଏହି ଉତ୍ସବରେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ପୂର୍ବତନ ସରପଞ୍ଚ ରାଜା କୁମାର ନାୟକ, ନିର୍ମଳ ମଣ୍ଡଳ,ସାଇସେବା ମେଡ଼ିସିନ ଷ୍ଟୋରର ନିର୍ଦ୍ଦେଶକ ବିଜୟ କୁମାର ଘଡେଇ, ପୁରାତନ ଛାତ୍ର ସଂସଦର ସଦସ୍ୟ ଓ ଶିକ୍ଷକ ଶିକ୍ଷୟତ୍ରୀ ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ ।

## ଅଯୋଧାରେ ପହଂଚିଲେ ଭୁଟାନ ପ୍ରଧାନମନ୍ତ୍ରୀ, ଶ୍ରୀରାମଲଲାଙ୍କ କରିବେ ଦର୍ଶନ

ନୂଆଦିଲ୍ଲୀ,୫/୯ : ଭୁଟାନର ପ୍ରଧାନମନ୍ତ୍ରୀ ଡ଼ାସୋ ଶେରିଙ୍ଗ ଟୋବଗେ ଶୁକ୍ରବାର ଦିନ ଶ୍ରୀରାମ ଜନ୍ମଭୂମି ମନ୍ଦିରର ଦର୍ଶନ ପାଇଁ ଅଯୋଧାରେ ପହଞ୍ଚିଛନ୍ତି । ସେ ପ୍ରାୟ ସକାଳ ୯:୩୦ ବେଳେ ମହର୍ଷି ବାଲ୍ମୀକି ଆନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଛନ୍ତି । ତାଙ୍କର ଏହି ଗସ୍ତ ଧାର୍ମିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ବହୁତ ଗୁରୁତ୍ୱପୂର୍ଣ୍ଣ ।

ଭୁଟାନ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟର କୃଷି ଓ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ସୂର୍ଯ୍ୟ ପ୍ରତାପ ଶାହୀ, ଜିଲ୍ଲା ପ୍ରଶାସନର ପକ୍ଷରୁ ଜିଲ୍ଲାପାଳ ନିଖିଲ ଟୀକାରାମ ଫୁଣ୍ଡେ ଓ ଏସଏସପି ଡ଼ା. ଗୌରବ ଗ୍ରୋଭର ସ୍ୱାଗତ କରିଥିଲେ । ତାଙ୍କ ଆଗମନକୁ ଦେଖି ସୁରକ୍ଷା ବ୍ୟବସ୍ଥା ବହୁତ କଡାକଡି କରାଯାଇଛି । ପ୍ରତ୍ୟେକ ସ୍ଥାନରେ ଏଟିଏସ୍ ଓ ଏସ୍‌ଟିଏଫ୍ ଦ୍ୱାରା କଡା ନଜର ରଖାଯାଇଛି ।

# ଚୋରା ଦେଶୀମଦ କାରଖାନା ଉପରେ ଚଢାଉ: ୧୦ହଜାର ୫ଶହ କେଜି ମହୁଲପୋଚ, ୯ଶହ ୩୦ଲିଟରର ରନ୍ଧାମଦ ଜବତ



ବେତନଟୀ, ୫/୯ (ନି.ପ୍ର): ବେତନଟୀ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବଡସାହି ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ମିଳିତ ଭାବରେ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଜବତ ପୂର୍ବକ ନଷ୍ଟ କରିଦିଆଯାଇଛି । ହସ୍ତଗତ ସୂଚନା ମୁତାବକ ବଡସାହି ଥାନା ଅଧୀନ ଅସ୍ତଝରଣ, ଯଦୁନାଥପୁର ଇଲାକାରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଚଡାଉ କରାଯାଇ ୧୦ହଜାର ୫ଶହ କେଜି ମହୁଲପୋଚ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୯ଶହ ୩୦ଲିଟରର ରକ୍ଷାମଦ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ଏଥିସହିତ ମଦ ପ୍ରସ୍ତୁତିରେ ବ୍ୟବହୃତ ସରଞ୍ଜାମ ଗୁଡିକୁ ବାଙ୍ଗିରୁଜି ନଷ୍ଟ କରାଯାଇଥିବା ବେଳେ ଘଟଣାସ୍ଥଳରୁ କିଛି ପ୍ଲାଷ୍ଟିକ ଡ୍ରମ ଏବଂ ଆଲୁମିନିୟମ ଡେକଚି ଜବତ କରାଯାଇଥିଲା । ସେହିଭଳି ବଡସାହି ଥାନା ଅଧୀନ ମଧୁପୁର ଏବଂ ବର୍ଣ୍ଣନାରେ ଚାଲିଥିବା ଚୋରା ଦେଶମଦ କାରଖାନା ଉପରେ ଚଡାଉ କରାଯାଇ ୮ହଜାର ୭ଶହ କେଜି ମହୁଲପୋଚ ଏବଂ ପ୍ରସ୍ତୁତହୋଇ ରଖାଯାଇଥିବା ୯ଶହ ୧୦ଲିଟରର ରକ୍ଷାମଦ ସମେତ ବ୍ୟାପକ୍ ସରଞ୍ଜାମ ଗୁଡିକୁ ଜବତ ପୂର୍ବକ ନଷ୍ଟ କରାଯାଇଥିଲା । ମୟୂରଭଞ୍ଜ ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଚଢାଉରେ ଉଦଳା ରେଞ୍ଜ ଇନସ୍ପେକ୍ଟର ସଞ୍ଜୟ କୁମାର କାଣ୍ଡି, ଉଦଳା ଅବକାରୀଥାନା ଅଧିକାରୀ ସୂର୍ଯ୍ୟାକନ୍ତ ମଲ୍ଲିକ, ଖୁଣ୍ଟା ଅବକାରୀଥାନା ଅଧିକାରୀ ମମତା କୁମାରୀ ଦାଶ ପ୍ରମୁଖ ସଦଳବଳେ ସାମିଲଥଲେ । ଚଢାଉ ସମୟରେ ମଦମାଫିଆମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇ ଚମ୍ପଟ ମାରିଥିଲେ ।

# ବେତନଟୀ ଥାନା ଏବଂ ପରିବହନ ବିଭାଗ ପକ୍ଷରୁ ମିଳିତ ଚେକିଂ: ୧୭ଜଣଙ୍କୁ ୧ଲକ୍ଷ ୫୯ହଜାର ଟଙ୍କାର ଜରିମାନା

ବେତନଟୀ,୫/୯(ନି.ପ୍ର) : ଟ୍ରାଫିକ ନିୟମର ଉଲଙ୍ଘନ, ମଦ ପିଇ ଗାଡିଚାଳନା ତଥା ଅମାନିଆଙ୍କୁ ସାବାଡ କରିବାକୁ ଶୁକ୍ରବାର ଅପରାହ୍ନରେ ବେତନଟୀ ଥାନା ଛକରେ ପୁଲିସ ଏବଂ ପରିବହନ ବିଭାଗ ପକ୍ଷରୁ ମିଳିତ ଚେକିଂ କରାଯାଇଥିବା ବେଳେ ଏଥିରେ ୧୭ଜଣଙ୍କୁ ୧ଲକ୍ଷ ୫୯ହଜାର ଟଙ୍କାର ଜରିମାନା କରାଯାଇଛି । ପୁଲିସ ଏବଂ ପରିବହନ ବିଭାଗ ପକ୍ଷରୁ ମିଳିତ ପାଞ୍ଚ ସମୟରେ ୩ଜଣ ମଦ୍ୟପ ଗାଡିଚାଳକ, ୧୨ଜଣ ବିନା ହେଲମେଟରେ ଗାଡିଚାଳନା ଏବଂ ୨ଜଣଙ୍କ ଗାଡିରେ ଫିଟନେସ୍ ନଥିବା ଭଳି ମାମଲା ରହିଛି । ଏଥ?ିନେଇ ମୋଟ ୧୭ଜଣଙ୍କୁ ଉପରୋକ୍ତ ଟ୍ରାଫିକ ନିୟମ ଉଲଙ୍ଘନ ପାଇଁ ସର୍ବମୋଟ ୧ଲକ୍ଷ ୫୯ହଜାର ଜୋରିମାନା ପୈଠ ପାଇଁ ରସିଦ କଟାଯାଇଛି । ବେତନଟୀ ପୁଲିସ ପକ୍ଷରୁ ଏସଆଇ ମଦନମୋହନ ପରିଡା ସଦଳବଳ ସାମିଲ ଥିବାବେଳେ ବାରିପଦା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏମଭିଆଇ ଇନସ୍ପେକ୍ଟର ରାଜେନ୍ଦ୍ର ମାଝୀ ମଧ ସଦଳବଳ ଏହି ମିଳିତ ଯାଞ୍ଚରେ ସାମିଲ ଥିଲେ ।

# ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ



ଜଳେଶ୍ୱର , ୫/୯ (ନି.ପ୍ର): ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେଶ କୁମାର ଦାସ ଙ୍କ ସଭାପତିତ୍ୱ ରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି ।ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ ସମ୍ପର୍କରେ ରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବରେ ପ୍ରାଧାପକ ବିପିନ ବିହାରୀ ବିଶ୍ୱାଳ ବକ୍ତବ୍ୟରେ କହିଥିଲେ ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶର ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମଶ୍ରୀଗୁରବେ ନମ । ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ତାଙ୍କର ଜନ୍ମ ଦିବସ ସେପଟ୍ମେର ୫ ତାରିଖ କୁ ସମଗ୍ର ଭାରତବର୍ଷରେ ଗୁରୁ ଦିବସ ଭାବରେ ପାଳିତ ହେଉଅଛି । ଗୁରୁଙ୍କୁ ନମଣିବ ଧର ଗୁରୁ ହିଁ ସାକ୍ଷାତ ଈଶ୍ୱର ।ଆହେ ଗୁରୁଦେବ ଦିବ୍ୟ ତୁମ ବାଣୀ ତୁମ ଚରଣ ରେ ଅଛି ସଦା ଋଣୀ.ତୁମେ ଭଗବାନ ଦେଇଅଛ ଜ୍ଞାନ ହୋଇଗଲା ଧନ୍ୟ ମୋର ଏ ଜୀବନ.ମହାନ୍ ଦାର୍ଶନିକ ଓ ବିଦ୍ୱାନ ତଥା ଭାରତର ପ୍ରଥମ ଉପ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲି ରାଧାକୃଷ୍ଣନଙ୍କ ଜୟନ୍ତୀ ତଥା ପବିତ୍ର ଗୁରୁ ଦିବସ-୨୦୨୫ ଅବଗତ କରିଥିଲେ । ସହକାରୀ ଶିକ୍ଷକ ସଂଜୟ କୁମାର ପାକଳ,ବିଜ୍ଞାନ ଶିକ୍ଷକ ଅଞ୍ଜନ କୁମାର ପ୍ରଧାନ, ଦୀପକ କୁମାର ପାତ୍ର,ଆର ମୋଲିନା, ସୁଜିତ ସିଟ୍,ସଞ୍ଜିବ ଗିରି, କମଳାକାନ୍ତ ସାମଲ, ପୂର୍ଣ୍ଣ ଚନ୍ଦ୍ର ଗିରି ପଭୃତି ଉପସ୍ଥିତ ରହି କାର୍ଯକ୍ରମ ପରିଚାଳନା କରିଥିଲେ, ଶେଷରେ ଶିକ୍ଷୟତ୍ରୀ ଆର ମୋଲିନା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇକମା ଆଶ୍ରମ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ

ବୈଶିଙ୍ଗା , ୫/୯ (ନି.ପ୍ର): - ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ପୂର୍ବ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକ୍ରୀଷ୍ଣନଙ୍କ ଜନ୍ମ ଦିବସରେ ଗୁରୁ ଦିବସ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁପୂଜନ ସହିତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ୍,ଚିତ୍ରାଙ୍କନ, ବକ୍ତୃତା, ଅଭିନୟ( ଅନନ୍ୟ ଶିଷ୍ୟ ଶ୍ରେଷ୍ଠ ଆରୁଣି ଉପାଖ୍ୟାନ) ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଗଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ସହିତ ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ରରେ ୬୪ତମ ଗୁରୁଦିବସ ପାଳନ



ବାଲେଶ୍ୱର, ୫/୯ (ନି.ପ୍ର): ଗୁରୁଙ୍କ ସ୍ଥାନ ସଦା ବିଶିଷ୍ଟ । ସମାଜରେ ଗୁରୁଙ୍କୁ ଅତ୍ୟନ୍ତ ସମ୍ମାନର ସହିତ ଦେଖାଯାଏ । ପ୍ରତିବର୍ଷ ବିଖ୍ୟାତ ଦାର୍ଶନିକ ତଥା ଶିକ୍ଷକ ଡ଼କ୍ଟର ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଜନ୍ମ ବାର୍ଷିକୀ ୫ ସେପଟମ୍ବରକୁ, ଗୁରୁଦିବସ ଭାବରେ ପାଳନ କରାଯାଏ । ଡ଼କ୍ଟର ରାଧାକୃଷ୍ଣ ତାଙ୍କ ଜୀବନ କୁ ଶିକ୍ଷା ଓ ଜ୍ଞାନ ପ୍ରଚାର ରେ ଉତ୍ସର୍ଗ କରିଥିଲେ । ଏହି ପରିପ୍ରେକ୍ଷିରେ, ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ରରେ ୬୪ତମ ଗୁରୁଦିବସ ଭବ୍ୟ ଭାବରେ ପାଳନ କରାଗଲା । ସଂସ୍ଥାର ସଭାପତି ଡ଼. ଜୟସ୍ମିତା ନାୟକଙ୍କ ସଭାପତିତ୍ୱରେ ସଭାର କାର୍ଯ୍ୟକ୍ରମ ଆରମ୍ଭ ହେଲା । ସେ ଗୁରୁଙ୍କ ମହତ୍ତ୍ୱ ବାବଦରେ ଆଲୋକପାତ କରି, ସଂସ୍ଥାର ଗୁରୁଜୀ ଶ୍ରୀମାନ ସୁଜିତ କୁମାର ଜେନା ଓ ଗୁରୁମା ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଜେନାଙ୍କୁ ମଞ୍ଚରେ ଆମନ୍ତ୍ରଣ କଲେ । ଗୁରୁଜୀ ଓ ଗୁରୁମାଙ୍କ ତ୍ୟାଗ, ସେବା ଓ ନିଷ୍ଠା ବାବଦରେ ଡ଼. ନାୟକ ମଣ୍ଡଳୀକୁ ଅବଗତ କରାଇ ସମସ୍ତଙ୍କୁ ଗୁରୁବନ୍ଦନାରେ ଯୋଗଦେବାକୁ ଆହ୍ୱାନ କଲେ । ଧୂପ, ଦୀପ ଓ ଫୁଲର ଆଡୁଆଳରେ ସମସ୍ତ ସାଧକ-ସାଧିକାମାନେ ଗଭୀର ଭକ୍ତିଭାବରେ ଗୁରୁଜୀ ଓ ଗୁରୁମାଙ୍କୁ ପ୍ରଣାମ ଜଣାଇଲେ । କିଛି ସାଧକ-ସାଧିକା ନିଜର ଅନୁଭୂତି ବ୍ୟକ୍ତ କରିଥିଲେ । ଭାବବିହ୍ୱଳ ପରିବେଶରେ ଗୁରୁଦିବସ ପାଳନ ପର୍ବ ସମାପ୍ତ ହେଲା । ଏହି କାର୍ଯ୍ୟକ୍ରମରେ ଉପସଭାପତି ଶ୍ରୀମତୀ ରିତା ରାଉତ, ଶ୍ରୀ ଦୀପ୍ତିବନ୍ତ ଦାସ, ସମ୍ପାଦକ ଶ୍ରୀ ରଞ୍ଜନ ସାହୁ, ସହ-ସମ୍ପାଦକ ଧ୍ରୁବଚରଣ ବେହେରା, କୋଷାଧକ୍ଷ ଶ୍ରୀ ସୂର୍ଯ୍ୟକୁମାର ପୋଥାଳ, ଉପଦେଷ୍ଟା ତଥା ଧ୍ୱନିପ୍ରତିଧ୍ୱନି ପତ୍ରିକାର ମୁଖ୍ୟ ସମ୍ପାଦକ ଶ୍ରୀ ସୃଷ୍ଟିଧର ପରିଡା, ଶ୍ରୀମତୀ ଦମୟନ୍ତୀ ମହାପାତ୍ର ସହ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ । ସର୍ବଶେଷରେ, ଧ୍ରୁବଚରଣ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ।

# ଡ୍ରିମ୍ସ ଆଇଡିଆଲ୍ ସ୍କୁଲରେ ଗୁରୁଦିବସ ପାଳିତ




ବାଲେଶ୍ୱର, ୫/୯ (ନି.ପ୍ର): ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ୧୩୭ତମ ଜୟନ୍ତୀ ସମାରୋହ ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ପରିସରରେ ହର୍ଷ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ପୂଜ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାଏକ ମହୋଦୟ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ସମଗ୍ର ଗୁରୁ ଜାତିକୁ ନିଜର ପ୍ରଣାମ ନେବୈଦ୍ୟ ଅର୍ପଣ କରିଥିଲେ । ଅନ୍ୟତମ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ଗିରୀଶ ଚନ୍ଦ୍ର ଦାଶ ମହୋଦୟ ଯୋଗ ଦେଇ ବିଦ୍ୟାଳୟର କୁନି କୁନି ପିଲାମାନଙ୍କୁ ଗୁରୁ ଦିବସର ମହାତ୍ମ୍ୟ ସମ୍ପର୍କରେ ଅନେକ ଉପଦେଶ ଦେଇଥିଲେ । ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷିତ ହୋଇଥଲା । କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ ବିଦ୍ୟାପୀଠ ର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ । ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ରେହାନା ବେଗମ୍, ସରିତା ବାରିକ, ଆରତୀ ବାଳା ଦାସ, ଆଞ୍ଚଲପ୍ରିୟା ବେହେରା, ଅନୀତା ରାଣୀ ଦାସ, ଅନନ୍ୟା ବାଗ୍, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ଶାନ୍ତି ଲତା ମାଝୀ, ନମିତା ବାଗ୍, ଜୟସ୍ମିତା ପଣ୍ଡା, ମନିଷା ଦାଶ, ସଞ୍ଜୁଲତା ସ୍ୱାଇଁ, ଯଶୋବନ୍ତ ସିଂ ପ୍ରମୁଖ କର୍ମଚାରୀ ଗଣ କାର୍ଯ୍ୟରେ ସହାୟତା କରିଥିଲେ ।

# ପଞ୍ଚାୟତ ସ୍ତରୀୟ ଗୁରୁଦିବସ ପାଳନ

ବାଲିଆପାଳ ୫.୯(ଆପ୍ର) : ପ୍ରତିବର୍ଷ ସେପଟ୍ମେର ପାଞ୍ଚ ତାରିଖ ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିନକୁ ଗୁରୁ ଦିବସ ଭାବରେ ପାଳନ କରାଯାଏ । ବିଶେଷ କରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଗୁରୁଦିବସକୁ ଛାତ୍ର ଛାତ୍ରୀ ମାନେ ପୂଜ୍ୟପୂଜାର ଆୟୋଜନ କରି ଏହି ଦିନ ଟିକୁ ଗୁରୁଙ୍କ ଉଦ୍ଦେଶ୍ୟରେ ସର୍ମପଣ କରିଥାନ୍ତି ।ମାତ୍ର ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ପ୍ରତ୍ୟେକ ବର୍ଷ ଏକ ନିଆରା ଢଙ୍ଗରେ ଗୁରୁଦିବସ ପାଳନ ହୋଇଆସୁଛି । ସରପଞ୍ଚ ସରୋଜ ପିଳାଙ୍କ ତତ୍ତ୍ୱାବଧାନରେ ଦେଉଳା ସ୍ଥିତ ସାର୍ଥକ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଗୁରୁଦିବସ ପାଳନ ହୋଇଯାଇଛି । ଦେଉଳା ପଞ୍ଚାୟତର ୧୮ ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୮ ଟି ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିମନ୍ତ୍ରଣ କରାଯାଇଥିଲା ।ପଞ୍ଚାୟତରେ ଥିବା ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ଗଢିବା ପାଇଁ ବିଶ୍ୱକର୍ମା ସାଜିଛନ୍ତି । ସେହି ପିଲାଗଢିବା କାରିଗର ମାନଙ୍କୁ ସମ୍ମାନର ସହ ପୂଜା କରିବା ପଞ୍ଚାୟତର ଦାୟିତ୍ୱ ବୋଲି ଶ୍ରୀ ପିଳା କହିଛନ୍ତି । ପ୍ରଥମେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା । ପରେ ପ୍ରଧାନ ଶିକ୍ଷକ ସୁଧିର କୁମାର ବାରିକଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନମିତା ପ୍ରଭା ସାମଲ, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ରାଉତ, ସିଆରସିସି ରବିନ୍ଦ୍ର କୁମାର ବିଶ୍ୱାଳ, ଶିକ୍ଷକ ବିରକିଶୋର ଭୂୟାଁ, କମୋଳ ଲୋଚନ ପିଳା , ବିରେନ୍ କୁମାର ବେହେରା ପ୍ରମୁଖ ଯୋଗଦେଇ ଥିଲେ । ସଦସ୍ୟା ଦିପ୍ତିଲି ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିକ୍ଷକ ସାଗର ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ । ଜୟନାରାୟଣ ଦାସ, ସୁଶାନ୍ତ ବିଶ୍ୱାଳ, ସୁଶାନ୍ତ ଜେନା, ନିମାଇଁ ବିଶ୍ୱାଳ, କାଳିଚରଣ ମଣ୍ଡଳ, ସଞ୍ଜୀବ ଜେନା ପ୍ରମୁଖ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

# ଡୁଙ୍ଗୁରାରେ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ତିବ୍ର ହେଲାଣି ସ୍ୱର: ଏକଜୁଟ ହେଲେ ୧୧ପଞ୍ଚାୟତର ଅଧିବାସୀ

ଖଇରା, ୫/୯ (ନି.ପ୍ର): ରାଜ୍ୟ ସରକାର ବ୍ଲକ ଓ ପଞ୍ଚାୟତ ପୁନର୍ଗଠନ ସମ୍ପର୍କରେ ଘୋଷଣା କରିବା ପରେ ଏବେ ବିଭିନ୍ନ ସ୍ଥାନରେ ନୂଆ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ଆରମ୍ଭ ହୋଇ ଯାଇଛି । ବ୍ଲକ ପୁନର୍ଗଠନ ପ୍ରକ୍ରିୟାରେ ଖଇରା ବ୍ଲକର ଅନ୍ୟତମ ସାଂସ୍କୃତିକ, ଐତିହାସିକ,ବାଣିଜ୍ୟକ ପ୍ରାଣକେନ୍ଦ୍ର ଭାବେ ପରିଚିତ ଡୁଙ୍ଗୁରା ଠାରେ ନୂତନ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି । ଏ ସମ୍ପର୍କରେ ୧୧ପଞ୍ଚାୟତକୁ ନେଇ ଗଠିତ ଡୁଙ୍ଗୁରା ବ୍ଲକ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଶୁକ୍ରବାର ଅପରାହ୍ନରେ ଡଙ୍ଗୁରା ଦୁର୍ଗାମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ନାଗରିକ ବଟକୃଷ୍ଣ ପଣ୍ଡା ଏଥିରେ ପୌରହିତ୍ୟ କରିଥିଲେ । ଏଥିରେ ଡୁଙ୍ଗୁରା ସମେତ, ଝିଙ୍କିରିଆ, ବଡଜୟିପୁର, ଗରସଙ୍ଗ, ସାରଡାଙ୍ଗ, ଗୋଳିହା, ରପେୟା, ବରଦା, ମାଣିତ୍ରୀ, ବଡନୁଆଗାଁ, ଅମରିଆଅଗ୍ନିପୁର ଇତ୍ୟାଦି ପଞ୍ଚାୟତର ଲୋକପ୍ରତିନିଧି, ବୁଦ୍ଧିଜିବୀ, ଶିକ୍ଷାବିତ୍ ମାନେ ଯୋଗ ଦେଇ ଡୁଙ୍ଗୁରା ଏହି ପଞ୍ଚାୟତ ଗୁଡିକର କେନ୍ଦ୍ରସ୍ଥଳ ହୋଇଥିବା ବେଳେ ଶିକ୍ଷା,ସ୍ୱାସ୍ଥ୍ୟ,ଗମନାଗମନ ର ପର୍ଯ୍ୟାପ୍ତ ସୁବିଧା ଥିବାରୁ ସରକାର ଏହାକୁ ପ୍ରାଥମିକତା ଦେଇ ପୁନର୍ଗଠନ ପ୍ରକ୍ରିୟାରେ ବ୍ଲକ ପ୍ରତିଷ୍ଠା ର ଆବଶ୍ୟକତା ରହିଛି ବୋଲି ଦାବି କରିଥିଲେ । ଏଥିପାଇଁ ଖୁବଶୀଘ୍ର ବିଧାୟକ, ପଞ୍ଚାୟତରାଜ ମନ୍ତ୍ରୀ,ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବାକୁ ନିଷ୍ପତ୍ତି ନିଆଯାଇଥିଲା । ଯଦି ସରକାର ଏଥିପ୍ରତି ଦୃଷ୍ଟି ନଦିଅନ୍ତି ତେବେ ୧୧ପଞ୍ଚାୟତରୁ ହଜାର ହଜାର ସଂଖ୍ୟାର ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦିଆଯାଇଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida